R.N.I. REGN. No. 65000/96 POSTAL REGN. No. OR/BN-32/12-14

09 October 2025, Thursday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୫
ତିଥି : ଦ୍ୱିତୀୟା
୦୯ ଅକ୍ଟୋବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

### ମୁଖ୍ୟମନ୍ତ୍ରୀଙ୍କ ଆଇନ ଶୃଙ୍ଖଳା ସମୀକ୍ଷା

## ବିଶୃଙ୍ଖଳାକାରୀଙ୍କ ଉପରେ କଡ଼ା ନଜର ରଖ



ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିବା ସହିତ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସଂଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ଶାନ୍ତିପୂର୍ଣ୍ଣ ରାଜ୍ୟଭାବେ ପରିଚିତ ଓଡିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି । ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରି ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ସେ ପୋଲିସ ଉଚ୍ଚ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । କର୍ଫ୍ୟୁ ଉଠିବା ସହିତ ଇଣ୍ଟରନେଟ ସେବା ପୁନଃସ୍ଥାପିତ ହୋଇଛି ବୋଲି ଜଣାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୋଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି ରଖାଯାଉ ।

ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ ।

ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପିତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ (୯ ପୃଷ୍ଠାରେ)

### ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା

## ରାଜ୍ୟବ୍ୟାପୀ ଆଇନ୍‌ଜୀବୀଙ୍କ କଲମ ଛାଡ ଆନ୍ଦୋଳନ




କଟକ/ବ୍ରହ୍ମପୁର, ୮ ।୧୦ (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟା ଘଟଣାରେ ରାଜ୍ୟବ୍ୟାପୀ ଆଇନ୍‌ଜୀବୀମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି । ବ୍ରହ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି । ଏହି ଘଟଣାର ଦୋଷୀମାନେ ଗିରଫ ନ ହେବା ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ ଜାରି ରଖିବା ପାଇଁ ବହୁ ଯୁବ ଆଇନ୍‌ଜୀବୀ ରାଜ୍ୟ ଆଇନ୍‌ଜୀବୀ ପରିଷଦ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଓକିଲଙ୍କ ଆନ୍ଦୋଳନର ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି ।

**ବ୍ରହ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା**

**ଆନ୍ଦୋଳନ ଚାଲୁ ରଖିବାକୁ ବାର୍ କାଉନ୍‌ସିଲ୍‌କୁ ଅନୁରୋଧ**

ପୀତବାସ ପଣ୍ଡାଙ୍କ ହତ୍ୟାକୁ ଯେତେ ନିନ୍ଦା କଲେ ବି କମ୍ ହେବ । ଏହା କେବଳ ଜଣେ ଆଇନଜୀବୀଙ୍କ ହତ୍ୟା ନୁହେଁ ସମଗ୍ର ଆଇନ ସମାଜକୁ ଏହା ଅପରାଧୀଙ୍କ ଏକ ଖୋଲା ଚାଲେଞ୍ଜ । ନିର୍ଭୟରେ ଆଇନଜୀବୀମାନେ ସେମାନଙ୍କ ଦାୟିତ୍ୱ ଯେପରି ନିର୍ବାହ କରି ନପାରିବେ ସେମାନଙ୍କ କଣ୍ଠରୋଧ କରିବାକୁ ଏହା ଏକ ଉଦ୍ୟମ । ଏଭଳି ଏକ ଘଟଣା ଆଇନଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ବୋଲି ଯୁବ ଆଇନଜୀବୀମାନେ ଉଲ୍ଲେଖ କରିଛନ୍ତି । ଯେଉଁ କଲମ ଛାଡ୍ ଆନ୍ଦୋଳନର ଡାକରା ଦିଆଯାଇଥିଲା ଏଥିରେ ଯୁବ ଆଇନଜୀବୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ଯେଉଁ ଆପ୍ତବାକ୍ୟ ରହିଛି ଏଥିରେ ସେମାନେ ବିଶ୍ୱାସ କରନ୍ତି । ଯଦି ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଳମ୍ବ ହୁଏ ତାହେଲେ ଏହାକୁ ବିଳମ୍ବିତ ନ୍ୟାୟ ବୋଲି ଧରାଯିବ । (୯ ପୃଷ୍ଠାରେ)

## ରସାୟନ ବିଜ୍ଞାନରେ ୩ ବୈଜ୍ଞାନିକଙ୍କୁ ନୋବେଲ



ନୂଆଦିଲ୍ଲୀ, ୮ ।୧୦ : ରସାୟନ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଲାଗି ୩ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ମେଟାଲ ଅର୍ଗାନିକ୍ ଫ୍ରେମ୍ ୱାର୍କ (ଏମ୍‌ଓଏଫ୍) ଉପରେ କାର୍ଯ୍ୟ କରି ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ଅଷ୍ଟ୍ରେଲିଆ ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରବସନ, ଆମେରିକା ବରକିଲ୍‌ର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ଏମ୍ ୟାଘିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ରୟାଲ୍ସ ସ୍ୱିଡିସ ଏକାଡେମୀ ଅଫ୍ ସାଇନ୍ସ ଏହି ଘୋଷଣା କରିଛି । ୩ ବୈଜ୍ଞାନିକଙ୍କୁ ୧୧ ନିୟୁତ ସ୍ୱିଡିସ କ୍ରାଉନ୍ ଅର୍ଥ ରାଶି ପ୍ରଦାନ କରାଯିବ ।

ଏହି ୩ ବୈଜ୍ଞାନିକ ଏକାଠି ମିଶି ବିଭିନ୍ନ ଅଣୁଗୁଡ଼ିକୁ ନିର୍ଦ୍ଦିଷ୍ଟ ଉପାୟରେ ମିଶ୍ରଣ କରି କିଭଳି ଏକ ସଂରଚନା ସୃଷ୍ଟି କରାଯାଇପାରିବ ତାହା ଉପରେ ଗବେଷଣା କରୁଥିଲେ । ଅଣୁମାନଙ୍କ ମଧ୍ୟରେ ବଡ ସ୍ଥାନ ଓ ଛିଦ୍ର ସ୍ଥାନ ରହିଥାଏ । ଏହି ଛିଦ୍ରଗୁଡ଼ିକ ଗ୍ୟାସ୍ କିମ୍ବା ଅନ୍ୟାନ୍ୟ ରସାୟନ ପଦାର୍ଥଗୁଡ଼ିକୁ ସହଜରେ ଯିବାକୁ ଅନୁମତି ଦିଅନ୍ତି । ଏହି ସଂରଚନାକୁ ପରବର୍ତ୍ତୀ ସମୟରେ ମେଟାଲ ଅର୍ଗାନିକ୍ (୯ ପୃଷ୍ଠାରେ)

## ରାଜଧାନୀରେ ବର୍ଷିଲା, ବୁଡ଼େଇଲା

ଭୁବନେଶ୍ୱର, ୮ ।୧୦ (ସବ୍ୟୁ): ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆଜି ଭୁବନେଶ୍ୱରକୁ ଘାଇଲା କରିଛି ଘଣ୍ଟାଏ କାଳର ବର୍ଷା । ପ୍ରବଳ ବର୍ଷା ପରେ ବେହାଲ ହୋଇଛି ରାଜଧାନୀ । ରାସ୍ତାରେ ପାଣି, ଘରେ ପାଣି ପଶି ଜୀବନ ଅସ୍ତବ୍ୟସ୍ତ ହୋଇଛି । ବର୍ଷା ପାଇଁ ଗାଡ଼ି ଫସିଲା, ଟ୍ରାଫିକ ଜାମ ହୋଇଛି । ଏମିତି ନାନା ସମସ୍ୟାରେ ଭୁବନେଶ୍ୱର ଆଜି ଘଣ୍ଟାଏ ବର୍ଷା ପରେ ସମ୍ମୁଖୀନ ହୋଇଥିଲା । ଆଗାମୀ ତିନିଦିନ ଯାଏଁ ଭୁବନେଶ୍ୱରରେ ପୁଣି ବର୍ଷା ହେବା ସହ ସ୍ଥିତି ସାଙ୍ଘାତିକ ହେବା ନେଇ ଆଶଙ୍କା କରାଯାଉଛି ।

**ଘଣ୍ଟାଏରେ ୪୦ ମିମି ବର୍ଷା**

**ରାଜ୍ୟରେ ଆଉ ୪ ଦିନ ବର୍ଷା**



ଦ୍ୱିପ୍ରହରରେ ଅନ୍ଧାର ହୋଇଗଲା ରାଜଧାନୀ । ଘଣ୍ଟାଏରେ ୪୦ ମିମି ପ୍ରବଳ ବର୍ଷିଲା, ଭସେଇଲା...ଜାମ୍ ହୋଇଗଲା ସହର । ଯିଏ ଯେଉଁଠି, ସେଇଠି ଅଟକିଲା । ସରକାରୀ କ୍ୱାର୍ଟରରେ ପଶିଲା ପାଣି । ରାଜରାସ୍ତାରେ ସୃଷ୍ଟି ହୋଇଛି ନଦୀର ଭ୍ରମ । ଏହାସହ ପ୍ରଚଣ୍ଡ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷାରେ ଉବୁଟୁବୁ ହୋଇଛି । ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଲା । ସେପଟେ ପୁଣି ଆସୁଛି ବଡ ବର୍ଷା ।

ଆଉ ଏକ ଘୂର୍ଣ୍ଣିବଳୟ ଆସନ୍ତା ୧୦ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବ । ଗୋଟିଏ ଲଘୁଚାପ ପ୍ରଭାବ ସରି ଆସୁଥିବା ବେଳେ ପୁଣି ଏକ ଘୂର୍ଣ୍ଣିବଳୟ (୯ ପୃଷ୍ଠାରେ)

## କଫ୍ ସିରପ ନେଲାଣି ୨୦ ଜୀବନ

ନୂଆଦିଲ୍ଲୀ, ୮ ।୧୦ : ବିଷାକ୍ତ କଫ୍ ସିରଫରେ ଶିଶୁ ମୃତ୍ୟୁ ମାମଲା ୨୦ରେ ପହଞ୍ଚିଲାଣି । ତେବେ ଏହି ମାମଲାରେ ଏବେସୁଦ୍ଧା ମାତ୍ର ଜଣଙ୍କୁ ଗିରଫ କରାଯାଇଛି । ଡାକ୍ତରଙ୍କ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ କୋଲଡ୍ରିପ୍ କଫ୍ ସିରଫକୁ ଏବେ କିଲର ସିରଫ ଭାବେ ବର୍ଣ୍ଣନା କରାଯାଇଛି । ଯେଉଁଥିରେ ପ୍ରାୟ ବିଷାକ୍ତ ପଦାର୍ଥ ୪୮.୬% ରହିଛି । ତେଣୁ ଅଧିକାଂଶ ଔଷଧ କମ୍ପାନୀକୁ ନିଷିଦ୍ଧ କରିବାର ଆବଶ୍ୟକତା ରହିଛି ।

ବିଷାକ୍ତ କଫସିରଫର ସଙ୍କଟ ଏବେ ବୃଦ୍ଧି ପାଇବାରେ ଲାଗିଛି । ମଧ୍ୟପ୍ରଦେଶରୁ ଏହା ଆରମ୍ଭ ହୋଇ ଅନ୍ୟାନ୍ୟ ରାଜ୍ୟରେ ଦେଖିବାକୁ ମିଳିଛି । ସର୍ବଭାରତୀୟ ସ୍ତରୀୟ ଡାକ୍ତରମାନଙ୍କ ସଂଗଠନ ଦାବି କରିଛନ୍ତି ଯେ ଶିଶୁ ମୃତ୍ୟୁ ପାଇଁ କେବଳ ଡାକ୍ତରଙ୍କୁ ଦାୟୀ କରିବା ଠିକ୍ ନୁହେଁ । ଏହା ଦୁର୍ଭାଗ୍ୟଜନକ । ମୃତ୍ୟୁବରଣ କରିଥିବା ଶିଶୁଙ୍କ ପରିବାରବର୍ଗଙ୍କ ପ୍ରତି ଆମେ ସମବେଦନା ଗଣାଉଛି । ଅଧିକାଂଶ ଔଷଧ କମ୍ପାନୀକୁ ନିଷିଦ୍ଧ କରିବାର ଆବଶ୍ୟକତା ରହିଛି । ମଧ୍ୟପ୍ରଦେଶରେ ଏଭଳି (୯ ପୃଷ୍ଠାରେ)

### ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

## ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୮ ।୧୦ (ସବ୍ୟୁ): ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୧୧୪ ପରୀକ୍ଷାର୍ଥୀ ଓ ୫ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି । ଏହି ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ବିଭିନ୍ନ ଓକିଲ ପୂର୍ବରୁ ବ୍ରହ୍ମପୁର ଜେଏମଏଫସି(ଗ୍ରାମୀଣ) ଅଦାଲତରେ ଆବେଦନ କରିଥିଲେ । ଆଜି ସେହି ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା । ସରକାରୀ ଓକିଲ ଜାମିନ ଆବେଦନର ବିରୋଧ କରିଥିଲେ । ସେହିକ୍ରମରେ ଅଦାଲତର ମାଜିଷ୍ଟ୍ରେଟ ସମସ୍ତ ୧୧୯ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ ବୋଲି ପିପି ବିଶ୍ୱଜିତ ବରାଳଙ୍କ ଠାରୁ ସୂଚନା ମିଳିଛି ।

ଅନ୍ୟପକ୍ଷରେ ଏହି ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ୩ଟି ବସରେ ଧରି ବିଜୟନଗରମ ଯାଉଥିବା ୬ ଜଣ ବସ କର୍ମଚାରୀଙ୍କ ବୟାନ ରେକର୍ଡ ହୋଇଥିବା ଜଣାପଡିଛି । ଏହି କର୍ମଚାରୀମାନେ ବସ ଭଡା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲ । ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସରେ ଉଠାଇଥିଲେ। ସେହିପରି ପରୀକ୍ଷାର୍ଥୀଙ୍କୁ (୯ ପୃଷ୍ଠାରେ)

## ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି



ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିର ଉପସଭାପତି ହୋଇଛନ୍ତି । ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି । ଶ୍ରୀ ବିଶ୍ୱାଳଙ୍କର ରାଜନୈତିକ କ୍ଷେତ୍ରରେ ଅନେକ ଅଭିଜ୍ଞତା ରହିଛି । ସେ ପ୍ରଥମେ ତିର୍ତ୍ତୋଲ ଓ ପରେ ଜଗତସିଂହପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି । ଏହାଛଡା ଦଳ ପକ୍ଷରୁ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ (୯ ପୃଷ୍ଠାରେ)

## ନୂଆପଡା ଉପନିର୍ବାଚନ ଲାଗି ରାଜନୈତିକ ବାତାବରଣ ଉଷ୍ମ

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ନୂଆପଡା ଉପନିର୍ବାଚନ ଲାଗି ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହେବାରେ ଲାଗିଛି । ଉପନିର୍ବାଚନରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ବିଜେପି ମଧ୍ୟରେ ଲଢ଼େଇ ହେବା ପ୍ରାୟତଃ ସ୍ପଷ୍ଟ ହୋଇଛି । ଏହି ୩ ରାଜନୈତିକ ଦଳ ଏବେ ନିର୍ବାଚନ ଜିତିବା ଲାଗି ରଣନୀତି ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି । ତେବେ କେବଳ କଂଗ୍ରେସକୁ ଛାଡିଦେଲେ ଏ ପର୍ଯ୍ୟନ୍ତ ବିଜେଡି ଓ ବିଜେପି ସେମାନଙ୍କ ପ୍ରାର୍ଥୀ ବିଧିବଦ୍ଧ ଭାବେ ଘୋଷଣା କରିନାହାନ୍ତି ।

ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ ରହିଛି । ୨୦୨୪ ନିର୍ବାଚନରେ ସ୍ୱାଧୀନ ଲଢୁଥିବା ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରିଛି । ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସେ ୫୧ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ । କଂଗ୍ରେସର ପ୍ରାର୍ଥୀ ହୋଇଥିବା ତତ୍‌କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ମାତ୍ର ୧୫ ହଜାର ଭୋଟ୍

- ▲ ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ
- ▲ ବିଜେଡି ଗଠନ କଲା କମିଟି
- ▲ ବିଜେପିରେ ଚାଲିଛି ଅଙ୍କକଷା

ପାଇଥିଲେ । ଭୋଟ୍ ସଂଖ୍ୟାକୁ ହିସାବ କରି ଯଦି ରାଜନୈତିକ ଗଣିତକୁ ବିଶ୍ଳେଷଣ କରାଯାଏ ତେବେ କଂଗ୍ରେସ ପ୍ରାର୍ଥୀ ସୁବିଧାଜନକ ସ୍ଥିତିରେ ଅଛି ବୋଲି ଯେ କେହି କହିପାରିବ । ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ରହି ଲୋକଙ୍କୁ ଭେଟିବା ସହ ରଣନୀତି ପ୍ରସ୍ତୁତ କରୁଛନ୍ତି । ଅପରପକ୍ଷରେ ବିଜେଡି ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁତ୍ର ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆପାତତଃ ଜଣାପଡୁଛି । ତେବେ ନୂଆପଡା ଉପନିର୍ବାଚନ ପାଇଁ ବିଜେଡି ଆଜି ତିନୋଟି କମିଟି ଗଠନ କରିଛି । ଷ୍ଟିଅରିଂ କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୁଜାରୀ, ସ୍ନେହାଙ୍ଗିନୀ ଛୁରୀଆ, ଟୁକୁନି ସାହୁ, ନିରଞ୍ଜନ ବିସି ଓ ଆୟୁବ ଖାନ୍ ଥିବାବେଳେ ଜୋନାଲ କମିଟିରେ କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ସୁଦାମ ମାରାଣ୍ଡି, ଦେବଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରାନ୍ଧାରୀ, ରୋହିତ ପୂଜାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂହ, ବିକ୍ରମ ପଣ୍ଡା ଅଛନ୍ତି । ସ୍ଥାନୀୟ କମିଟିରେ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି । ସମ୍ଭବତଃ ଏମାନଙ୍କ କାନ୍ଧରେ ନୂଆପଡା ଉପନିର୍ବାଚନ ଦାୟିତ୍ୱ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନ୍ୟସ୍ତ କରିବାକୁ ଯାଉଛନ୍ତି । ଅପରପକ୍ଷରେ (୯ ପୃଷ୍ଠାରେ)

### ନାବାଳିକାଙ୍କୁ ଅସଦାଚରଣ ନେଇ ତୁମୁଳକାଣ୍ଡ

## ପୋଲିସକୁ ଆକ୍ରମଣ, ପିସିଆର ଭଙ୍ଗାରୁଜା

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ଘରେ କେହି ନଥିବାବେଳେ ଘର ମାଲିକ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗକୁ ନେଇ ତମାଣ୍ଡୋ ଥାନା ଅଞ୍ଚଳରେ ତୁମୁଳ କାଣ୍ଡ ଘଟିଛି । ଉତ୍ୟକ୍ତ ଲୋକମାନେ ପୋଲିସକୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି । ପୋଲିସ ୩ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଦୁଇଟି ମାମଲାରେ ୪ ଜଣଙ୍କୁ ଗିରଫ କରିଛି ।

ଘଟଣାରୁ ପ୍ରକାଶ ଯେ କଳିଙ୍ଗନଗର କେ-୪ରେ ରୁହନ୍ତି ଅରବିନ୍ଦ ମଲ୍ଲିକ (୬୪) । ସେ ଘରର ଉପର ମହଲାରେ ରହୁଥିବା ବେଳେ ତଳ ମହଲାକୁ ଭଡା ଦେଇଛନ୍ତି । ଭଡା ରହୁଥିବା ପରିବାରର ସଦସ୍ୟମାନେ ଲକ୍ଷ୍ମୀପୂଜା ଦେଖିବା ପାଇଁ ଯାଇଥିବା ବେଳେ ଘରେ ଏକୁଟିଆ ନାବାଳିକା ଅଭିଯୋଗକାରିଣୀ ଥିଲେ । ଏହି ସମୟରେ ଘର ମାଲିକ ଅଭିଯୁକ୍ତ ଅରବିନ୍ଦ ତାଙ୍କ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିବା ସମୟରେ ସେ ଚିତ୍କାର କରି ବାହାରକୁ ପଳାଇ ଆସିଥିଲେ । ତାଙ୍କ ଚିତ୍କାର ଶୁଣି ସାହି ପଡ଼ିଶା ଲୋକମାନେ ପହଞ୍ଚି ଅରବିନ୍ଦଙ୍କୁ ମାଡ ମାରିବା ସହ ଅଟକାଇ ରଖି ପିସିଆର୍‌କୁ ଫୋନ୍ କରିଥିଲେ । ପିସିଆର୍ ପହଞ୍ଚିବାରେ ବିଳମ୍ବ ହେବାରୁ ପୋଲିସକୁ ଆକ୍ରମଣ କରି ଗାଡିକୁ ଭଙ୍ଗାରୁଜା କରିଥିଲେ । ନାବାଳିକା ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘର ମାଲିକ ଅରବିନ୍ଦ ମଲ୍ଲିକ (୬୪)କୁ ପୋକ୍‌ସୋ ଦଫାରେ ଗିରଫ କରିଛି ।

ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି । ଅଭିଯୋଗକାରୀ ଆଶିଷ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ପ୍ରିୟରଞ୍ଜନ ପାତ୍ର (୨୫), ସୁମିତ କୁମାର ସାହୁ (୨୨), ଭାରତ ଭୂଷଣ ସାହୁ (୨୧)କୁ ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି । ବିନୋଦ କୁମାର ପାତ୍ରଙ୍କ ପୁଅ ପ୍ରିୟରଞ୍ଜନ ପାତ୍ର, ସ୍ତ୍ରୀ ମଞ୍ଜୁଲତା ପାତ୍ର, ଦୁଇଝିଅ ପ୍ରଜ୍ଞାପାରମିତା ପାତ୍ର ଏବଂ ବର୍ଷା ବିଦ୍ୟୁସ୍ମିତା ପାତ୍ର ଗତ ଦୁଇମାସ ପୂର୍ବରୁ ଅରବିନ୍ଦ ମଲ୍ଲିକଙ୍କ (୯ ପୃଷ୍ଠାରେ)

# ଅନନ୍ୟ ସେବାର ପ୍ରତୀକ : ଉତ୍କଳମଣି ଗୋପବନ୍ଧୁ



ଭଗବାନଙ୍କ ସୃଷ୍ଟିରେ ଯେଉଁ ମହାନ ପୁରୁଷ ମାନେ ଜନ୍ମ ନିଅନ୍ତି ସେମାନଙ୍କ ସମଗ୍ର ଜୀବନ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ । ସେଥିମଧ୍ୟରୁ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ଅନନ୍ୟ ନିଃସ୍ୱାର୍ଥପର ଦେଶପ୍ରେମୀ । ସେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଦେଶ ସେବକ, ରାଜନୀତିଜ୍ଞ, ସାମ୍ବାଦିକ, ବିଧାୟକ, ସମାଜ ସଂସ୍କାରକ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ଅମର ହୋଇ ରହିଛନ୍ତି । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି । ଉତ୍କଳବାସୀଙ୍କ ହୃଦୟରେ ଉତ୍କଳରମଣି ହୋଇ ସେ ରହିଛନ୍ତି । ଦୀନ, ଦୁଃଖୀ ଓ ବନ୍ୟା ମରୁଡିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେ ରଖିଛି । ସେ ଅଳ୍ପ ବୟସରେ ତାଙ୍କ ମାତାଙ୍କୁ ହରାଇ ଥିଲେ । ତାଙ୍କ ପିଉସୀ ତାଙ୍କର ଲାଳନ ପାଳନ କରିଥିଲେ ।

ସେ ପୁରୀରୁ ମାଟ୍ରିକ ପାସ କରି କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ବହୁତ ଅଳ୍ପ ବୟସରେ ବିବାହ ହୋଇଥିଲେ ମଧ୍ୟ ପାଠ ପଢା ଜାରି ରଖିଥିଲେ । ସମାଜ ସେବାକୁ ସେ ତାଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ସେ 'ପୁରୀ ସେବା ସମିତି' ପ୍ରତିଷ୍ଠା କରିଥିଲେ । ଏହି ସଂଗଠନର ସାଥୀମାନଙ୍କ ସହ ସେ ରୋଗୀସେବା, ପରିବେଶର ପରିଚ୍ଛନ୍ନତା ଓ ଶବସଂସ୍କାର ଇତ୍ୟାଦି କାମ କରୁଥିଲେ । ତାଙ୍କ ନେତୃତ୍ୱରେ ସାକ୍ଷୀଗୋପାଳର ବକୁଳ ବନ ନିକଟରେ ୧୯୦୯ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମେ ଶିକ୍ଷା ଆରମ୍ଭ କରାଯାଇଥିଲା । ଗୋପବନ୍ଧୁଙ୍କ ସହ ପଞ୍ଚସଖା ନୀଳକଣ୍ଠ ଦାଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଦାସ, ଗୋଦାବରିଶ ମିଶ୍ର ମଣିଷ ତିଆରି କାରଖାନାର ଭିତ୍ତି ପକାଇଥିଲେ ।

ଗୋପବନ୍ଧୁ ସଦାସର୍ବଦା ମାତୃଭୂମି ପାଇଁ ସମର୍ପିତ ଥିଲେ । ସେ ଲେଖିଥିଲେ–

**'ମିଶୁ ମୋର ଦେହ ଏ ଦେଶ ମାଟିରେ**
**ଦେଶ ବାସୀ ଚାଲିଯାଆନ୍ତୁ ପିଠିରେ,**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୁରୁ ତହିଁ ପଡ଼ି ମୋର ମାଂସ ହାଡ' ।**

ସେ ସମଗ୍ର ଦେଶବାସୀଙ୍କୁ ନିଜ ପରିବାର ଭାବୁଥିଲେ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରିଥିଲେ । ମାତୃଭୂମି ଏବଂ ମାତୃଭାଷାର ସୁରକ୍ଷା ପାଇଁ ସଦା ସର୍ବଦା ତତ୍ପର ଥିଲେ । ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ କଲେ ଓ ପରେ କଲିକତାରେ ବିଏଲ ପଢ଼ିଲେ । ଓଡ଼ିଆ ଶ୍ରମିକମାନଙ୍କ ସହାୟତା ପାଇଁ 'ଓଡ଼ିଆ ଶ୍ରମିକ ସଂଘ' ଗଠନ କରିଥିଲେ । ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ୧୯୧୯ ମସିହାରେ ସେ ସାପ୍ତାହିକ 'ସମାଜ' ଖବରକାଗଜ ପ୍ରକାଶ କରିଥିଲେ । ୧୯୩୦ରେ ଏହା ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା ।

ଗୋପବନ୍ଧୁ ନିଜ ଜୀବନକୁ ଦେଶ ମାତୃକାର ସେବାରେ ସମର୍ପିତ କରି ଦେଇଥିଲେ । ଏହି ମହାନ ଜନନାୟକଙ୍କର ୧୯୨୮ ମସିହା ଜୁନ ୧୭ ତାରିଖରେ ଦେହାନ୍ତ ହୋଇଥିଲା । ଆଜି ସେଇ ଯୁଗଜନ୍ମା ବରପୁତ୍ର ସମଗ୍ର ଓଡ଼ିଆ ଜାତି ନିକଟରେ ଅମର ହୋଇ ରହି ଯାଇଛନ୍ତି ।

**ରାଜସ୍ମିତା ବାରିକ୍**
**ନୀଳଗିରି, ବାଲେଶ୍ୱର**




## ସାମ୍ବାଦିକାରୁ ଅଭିନେତ୍ରୀ



ନିକଟରେ ନେଟଫ୍ଲିକ୍ସରେ ରିଲିଜ୍ ହୋଇଛି ସିରିଜ ସାରେ ଜହାଁ ସେ ଅଚ୍ଛା, ଯେଉଁଥିରେ ନଜର ଆସୁଛନ୍ତି ଅଭିନେତ୍ରୀ ଦୀକ୍ଷା ଜୁନେଜା । ଏଥିରେ ସେ ଇଣ୍ଡଷ୍ଟ୍ରୀର ଅନେକ ବରିଷ୍ଠ ଅଭିନେତାଙ୍କ ସହିତ ଅଭିନୟ କରିଛନ୍ତି । ଦୀକ୍ଷାଙ୍କ କ୍ୟାରିୟର ଦିବଙ୍ଗତ ଅଭିନେତା ଋଷି କପୁରଙ୍କ ସହିତ ଆରମ୍ଭ ହୋଇଥିଲା । ତେବେ ଅଭିନୟ ପୂର୍ବରୁ ଏକାଧିକ ସେକ୍ଟରରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ଦୀକ୍ଷା । ଅଭିନୟ ଇଣ୍ଡଷ୍ଟ୍ରୀକୁ ଆସିବା ପୂର୍ବରୁ ସେ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ଇଣ୍ଡଷ୍ଟ୍ରୀରେ ପାଦ ଦେଇଥିଲେ କାଷ୍ଟିଂ ଆସିଷ୍ଟାଣ୍ଟ ଭାବେ । ସେହିଭଳି ଦୀକ୍ଷାଙ୍କୁ କମେଡି ଡ୍ରାମାରେ ଅଭିନୟ କରିବାକୁ ଖୁବ ମଜା ଲାଗିଥାଏ । ମଜା ଲାଗିଲେ ମଧ୍ୟ ଏହା କରିବା ଖୁବ କଷ୍ଟକର ବୋଲି ଦୀକ୍ଷା ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଫିଲ୍ମ ହେରାଫେରିର ସେ ଖୁବ ବଡ ଫ୍ୟାନ୍ । ଏହି ଫିଲ୍ମରୁ ସେ କମେଡି କରିବା ଶିଖିଥିବା ପ୍ରକାଶ କରିଛନ୍ତି । ଆଗକୁ ଆହୁରି ଭଲଭଲ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛନ୍ତି ଦୀକ୍ଷା ।

## ସୋସିଆଲ କୋଟ୍ସ



"ଅକ୍ଷୟ ମୋର ସବୁଠାରୁ ଭଲ ସାଙ୍ଗ । ସେହିଭଳି ସେ ହେଉଛନ୍ତି ଇଣ୍ଡଷ୍ଟ୍ରୀର ବେଶ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ତାଙ୍କ ସହ କାମ କରି ମୁଁ ଅନେକ କିଛି ଶିଖିଛି ।

**ରବିନା ଟଣ୍ଡନ, ଅଭିନେତ୍ରୀ**



"ଯେତେବେଳେ ମୁଁ ଶୋ' ଛାଡିଥିଲି, ସେତେବେଳେ ଭାବିଥିଲି ପଇସା ବି ମାଗିବି ନାହିଁ । ମୋର ୩ମାସର ଅର୍ଥ ସେମାନଙ୍କ ଉପରେ ବାକି ରହିଛି । ଏହି ବାକି ଅର୍ଥ ଖୁବ ଅଧିକ ମଧ୍ୟ ।

**ଜେନିଫର, ଅଭିନେତ୍ରୀ**



"ଗୋଟିଏ ଶୋ'ରେ ଆମିରଙ୍କ ହାତରୁ ଦାଣ୍ଡିଆ କାଠି ଖସି ଯାଇଥିଲା, ଯାହା ଜଣେ ମହିଳାଙ୍କୁ ଆଘାତ ଦେଇଥିଲା । ଯାହାଫଳରେ ତାଙ୍କ ମୁଣ୍ଡରୁ ରକ୍ତ ବାହାରିଥିଲା । ମୁଁ ଏହାକୁ କେବେ ଭୁଲିବିନି ।

**ସଲମାନ ଖାନ, ଅଭିନେତା**


## ଚନ୍ଦ୍ରରେ ପ୍ରସ୍ତୁତ ହେବ ଘର

ଆଜିକାଲି ରୋବଟକୁ ବ୍ୟବହାର କରି ଅନେକ କାର୍ଯ୍ୟ କରାଯାଉଛି । ଏହି କ୍ରମରେ ଏକ ନୂଆ ରୋବଟ ବାହାର କରାଯାଇଛି ଯାହା ଚନ୍ଦ୍ରରେ ଘର ନିର୍ମାଣ କରିବ । ଅଷ୍ଟ୍ରେଲିଆ ଏଭଳି ଏକ ରୋବଟ ପ୍ରସ୍ତୁତ କରିଛି ଯାହାକୁ ବ୍ୟବହାର କରି ଚନ୍ଦ୍ରରେ ଖୁବ ସହଜରେ ଘର ନିର୍ମାଣ ହୋଇପାରିବ । ରୋବଟଟିର ନାଁ ବୈଜ୍ଞାନିକମାନେ ରଖିଛନ୍ତି ଚାର୍ଲୋଟ । ଏହାକୁ କ୍ରେଷ୍ଟ ରୋବୋଟିକ୍ସ ଓ ଅର୍ଥ ବିଲ୍ଟ ଟେକ୍ନୋଲୋଜି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଛି । ଏହି ରୋବଟଟି ଅବିକଳ ଏକ ବୁଢିଆଣୀ ଭଳି ଦେଖିବାକୁ, ଯାହାର ୬ଟି ଗୋଡ ରହିଛି । ଏହାର ଓଜନ ମଧ୍ୟ କମ ରହିଛି ଯାହା ଏହାକୁ ଖୁବ ସହାୟକ ହେଉଛି । ବର୍ତ୍ତମାନ ଏହା ପୃଥିବୀରେ ୨୪ ଘଣ୍ଟାରେ ପାଖାପାଖି ୨୦୦ ବର୍ଗ ମିଟର ଘରର ଥ୍ରୀଡି ପ୍ରିଣ୍ଟ କରିପାରୁଛି । ଏହା ଘର ତିଆରି କରିବାକୁ ବାଲି, ମାଟି ଓ ପଙ୍କ ବ୍ୟବହାର କରୁଛି । ଚନ୍ଦ୍ରରେ ମଧ୍ୟ ଏହା ଥ୍ରୀଡି ପ୍ରିଣ୍ଟ ସହାୟତାରେ ଘର ପ୍ରସ୍ତୁତ କରିବ । ଏହି ଘରେ ମହାକାଶଚାରୀଙ୍କ ରହିବା ପାଇଁ ସମସ୍ତ ସୁବିଧା କରାଯିବ ବୋଲି ସୂଚନା ମିଳିଛି ।



## ବନ୍ଦ ହେଉନି ଗୋଟିଏ ଆଖି

ଦୁନିଆରେ ସାଧାରଣତଃ ସମସ୍ତେ ଚା ପିଇଥାଆନ୍ତି । କାରଣ ଚା ପିଇଲେ ସମସ୍ତଙ୍କୁ ଟିକେ ଫ୍ରେସ ଲାଗିଥାଏ । ହେଲେ ଏଭଳି ଜଣେ ମହିଳା ଅଛନ୍ତି, ଯିଏ ଚା ପିଇବା କଥା କେବେ ଭାବନ୍ତି ବି ନାହିଁ । କାରଣ ଚା ପିଇବା ସହିତ ତାଙ୍କର ଏକ ଭୟଙ୍କର ଅନୁଭୂତି ଯୋଡି ହୋଇଛି । ସୂଚନା ଅନୁସାରେ ସ୍କଟଲାଣ୍ଡର ୩୦ ବର୍ଷୀୟ କରୀନା ହ୍ୱାଇଟ ନାମକ ଜଣେ ମହିଳା ଏକ ବିରଳ ରୋଗରେ ପୀଡିତ ହୋଇଛନ୍ତି । ଏହି ବରିଳ ରୋଗର ନାଁ ହେଉଛି ବେଲ୍ସ ପାଲ୍ସି, ଯେଉଁ କାରଣରୁ ତାଙ୍କର ମୁହଁର ଗୋଟିଏ ଭାଗରେ ଦୁର୍ବଳତା ଆସୁଛି । ଯେଉଁ କାରଣରୁ ସେ କିଛି ଅଙ୍ଗ ପରିଚାଳନା କରିବାରେ ଅସମର୍ଥ ହେଉଛନ୍ତି । ତେବେ ଏହି ଘଟଣା ସମ୍ପର୍କରେ ସେ ଚା ପିଇବା ସମୟରେ ହିଁ ଜାଣିଥିଲେ ତେଣୁ ଚା ପିଇବାକୁ ସେ ସେବେଠାରୁ ଆଉ ସାହସ କରିପାରୁ ନାହାନ୍ତି । ବର୍ତ୍ତମାନ ଡାକ୍ତର ତାଙ୍କର ଚିକିତ୍ସା ଜାରି ରଖିଛନ୍ତି ।



## ବାଜରା ପଲଉ

**ସାମଗ୍ରୀ–** ବାଜରା, କଟା ପିଆଜ, ରସୁଣ କଟା, ଜିରା, ଧନିଆ ଗୁଣ୍ଡ, ହଳଦୀ, ଲଙ୍କା ଗୁଣ୍ଡ, ଇଚ୍ଛା ଅନୁସାରେ ପରିବା କଟା, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ବାଜରାକୁ ଧୋଇ ଅଳ୍ପ ସମୟ ପାଇଁ ବତୁରାଇ ନିଅନ୍ତୁ । ଏହାପରେ ପ୍ୟାନରେ ତେଲ ଜିରା ଫୁଟାନ୍ତୁ, ଏହାପରେ ଏଥିରା କଟା ପିଆଜ ଏବଂ ରସୁଣ ପକାଇ ଭାଜି ନିଅନ୍ତୁ । ଏଗୁଡିକ ଭାଜି ହେବାପରେ ଏଥିରେ ସମସ୍ତ ପରିବା ପକାଇ ଭାଜନ୍ତୁ । ପରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାଇ ଦିଅନ୍ତୁ । ଅଳ୍ପ ସମୟ ଭାଜିଲା ପରେ ଏଥିରେ ଭିଜା ହୋଇ ରହିଥିବା ବାଜରା ପକାଇ ଘାଣ୍ଟନ୍ତୁ । ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ପାଖପାଖି ୧୫ ମିନିଟ ପରେ ପ୍ରସ୍ତୁତ ହୋଇଯିବ ବାଜରା ପଲଉ । ଶେଷରେ ଧନିଆ ପତ୍ର ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ ।



୧୮୭୬– ପ୍ରଥମକରି ଟେଲିଫୋନ୍‌ରେ ଆଉଟ୍ ଓ୍ୱେୟାର୍ ଜରିଆରେ ଦୁଇତରଫା କଥାବାର୍ତ୍ତା କରାଗଲା ।

୧୮୭୭– ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ, ପତ୍ରକାର, କବି, ସାହିତ୍ୟିକ ତଥା ଓଡ଼ିଶାର ପ୍ରଖ୍ୟାତ୍ ସାମାଜିକ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ଦାସଙ୍କ ଜନ୍ମ ।

୧୯୯୭– ଇଟାଲୀର ଅଭିନେତା ତଥା ଲେଖକ ଡାରିଓ ଫୋ'ଙ୍କୁ ସାହିତ୍ୟରେ ନୋବେଲ ଶାନ୍ତି ପୁରସ୍କାର ।

୨୦୦୨– ଆମେରିକାର ରେମଣ୍ଡ୍ ଡେଭିସ୍ ଏବଂ ଜାପାନର କୋଷିବାଙ୍କୁ ସଂଯୁକ୍ତ ଭାବେ ଭୌତିକ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ଘୋଷଣା ।

୨୦୦୬– ଗୁଗଲ ତରଫରୁ ୟୁଟ୍ୟୁବ୍‌ର ଅଧିଗ୍ରହଣ ସମ୍ବନ୍ଧରେ ଘୋଷଣା ।

୨୦୦୬– ଉତ୍ତର କୋରିଆରେ ଭୂମିଗତ ପରମାଣୁ ପରୀକ୍ଷଣ ।

୨୦୧୨– ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପାକିସ୍ତାନୀ କର୍ମକର୍ତ୍ତା ମଲାଲା ୟୁସୁଫ୍‌ରାୟଙ୍କୁ ସ୍କୁଲ ଯାଉଥିବା ସମୟରେ ତାଲିବାନଙ୍କ ଦ୍ୱାରା ଗୁଳି ।

୨୦୧୫– ଭାରତୀୟ ହିନ୍ଦୀ ସିନେ ଜଗତର ପ୍ରସିଦ୍ଧ ସଂଗୀତକାର ତଥା ଗାୟକ ରବୀନ୍ଦ୍ର ଜୈନଙ୍କ ପରଲୋକ ।



## ଦୀପାବଳିରେ କୁକୁରକୁ ପୂଜା

ଦୀପାବଳିରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରକାରର ପୂଜା କରାଯାଇଥାଏ । ସେହିଭଳି ଏକ ଅଜବ ପୂଜା ନେପାଳରେ କରାଯାଇଥାଏ । ଯେଉଁଥିରେ କୁକୁରଙ୍କୁ ଦୀପାବଳି ଅବସରରେ ପୂଜା କରାଯିବାର ପରମ୍ପରା ରହିଛି । ଏହିଦିନ କୁକୁରଙ୍କୁ ଫୁଲମାଳ ପିନ୍ଧାଯିବା ସହିତ ଲାଲ ଟିକା ଲଗାଯାଇ ପୂଜା କରାଯାଇଥାଏ । ଏହାପରେ ତାଙ୍କୁ ବନ୍ଦାପନା କରାଯିବା ସହିତ ମାଂସ, କ୍ଷୀର ଓ ବିଭିନ୍ନ ପ୍ରକାରର ଖାଦ୍ୟ ଦିଆଯାଇଥାଏ । ଏହି ପୂଜାକୁ ସ୍ଥାନୀୟଭାଷାରେ କୁକୁର ତିହାର କୁହାଯାଇଥାଏ । ଏହି ସମୟରେ ପୋଷା କୁକୁରଙ୍କ ସହିତ ରାସ୍ତାରେ ବୁଲୁଥିବା କୁକୁରଙ୍କର ମଧ୍ୟ ପୂଜା କରାଯାଇଥାଏ । କୁକୁରଙ୍କୁ ଏଠାରେ ମୃତ୍ୟୁ ଦେବତାଙ୍କର ଦୂତ ବୋଲି ସମ୍ବୋଧନ କରାଯାଇଥାଏ । ତେଣୁ କୁକୁରର ପୂଜା କରାଯାଇଥାଏ ।

## ମା' ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ବିକାଶ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମାଦ ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରୁ ଜଣାଯାଇଛି ଯେ ମାଦ ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ । ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ମାଦ ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିରହିଥାଏ । ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ୍ୟ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି । ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ହାଇକୋର୍ଟ ବାର୍ ଆସୋସିଏସନ୍ ମୁଖ୍ୟମନ୍ତ୍ରୀଙ୍କୁ ଦେଲା ଦାବିପତ୍ର

### ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ଅବିଳମ୍ବେ ଧର

କଟକ, (ସବ୍ୟୁ): ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାରେ ସମଗ୍ର ରାଜ୍ୟର ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ଆଜି ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ରାଜ୍ୟର ଅଧିକାଂଶ ବାର ଆଇନଜୀବୀମାନେ କଲମଛାଡ଼ ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ଲାଗି ଆଇନଜୀବୀଙ୍କ ପକ୍ଷରୁ ଦାବି ହୋଇଛି । ଆଜି ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ରଙ୍କ ନେତୃତ୍ୱରେ ଏହି ବାରର ଶହଶହ ଆଇନଜୀବୀ, ନିମ୍ନ ଅଦାଲତର ଆଇନଜୀବୀ ହାଇକୋର୍ଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଶୋଭାଯାତ୍ରାରେ ଯାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ମିଶ୍ର ଆଇନଜୀବୀଙ୍କ ସୁରକ୍ଷା ପାଇଁ କେତେକ ଦାବି ଉପସ୍ଥାପନ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଏବଂ ସେମାନଙ୍କ ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଦଣ୍ଡିତ କରାଯାଉ । ଯେଉଁ ଅଧିବକ୍ତାମାନେ



ନିର୍ବାଚିତ ହୋଇଛନ୍ତି ବା ସାଧାରଣ ଜନ ସମ୍ପର୍କରେ ରହୁଥିବା ଅଧିବକ୍ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ । ଓଡ଼ିଶା ଅଧିବକ୍ତା ସୁରକ୍ଷା ଆଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ମିଶ୍ର ଦାବି ରଖିଥିଲେ । ଏହି ଶୋଭାଯାତ୍ରାରେ ବାର୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଦାସ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ୍ ସଭାପତି ପ୍ରସନ୍ନ ସାହୁ, ଆଇନଜୀବୀ ସଞ୍ଜୟ ଦାସ, ବାରର ଅନ୍ୟାନ୍ୟ ସଦସ୍ୟ, ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ମହମ୍ମଦ ଆରିଫ୍ ଉଦ୍ଦିନ୍ ଖାନ୍, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ନନ୍ଦ, ପ୍ରତାପ କେଶରୀ ଦେଓ, ପଦ୍ମାଳୟା ମହାପାତ୍ର ପ୍ରମୁଖ ସାମିଲ୍ ହୋଇଥିଲେ ।

# ବ୍ୟାଟେରି ଫାଟି ବିସ୍ଫୋରଣ : ଜଳିଗଲା ୩୦ ବିଦ୍ୟୁତ ବାଇକ

### ଅଳ୍ପକେ ବର୍ତ୍ତିଲେ ମାଲିକ ସମେତ ୫ଜଣ, ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି

କୋଣାର୍କ , (ସବ୍ୟୁ): ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ - ଗୋପ ରାସ୍ତାର ମାଧିପୁର ଛକ ଠାରେ ଥିବା ଏକ ବିଦ୍ୟୁତ ବ୍ୟାଟେରୀ ସୋ ରୁମରେ ଥିବା ଏକ ନୂଆ ବାଇକର ବ୍ୟାଟେରୀ ବିସ୍ଫୋରଣ ଘଟି ଅଗ୍ନିକାଣ୍ଡ ଘଟି ୨୫ ଗୋଟି ନୂଆ ବ୍ୟାଟେରୀ ବାଇକ ସହ ସର୍ଭିସିଂ ପାଇଁ ଆସିଥିବା ୫ଗୋଟି ବାଇକ ଜଳି ଭସ୍ମୀଭୂତ ହୋଇଥିଲା ବେଳେ ପ୍ରାୟ ୫୦ଲକ୍ଷ ଟଙ୍କାରୁ କ୍ଷୟକ୍ଷତି ହୋଇଛି । କାଣାର୍କ ଥାନା ଅଧିନସ୍ଥ ମାଧିପୁର ଛକ ଠାରେ ଥିବା ଏକ ବିଦ୍ୟୁତ ଚାଳିତ ବ୍ୟାଟେରୀ ବାଇକ ସୋ ରୁମରେ ଏଡିଏମଏସ କମ୍ପାନୀର ୨୫ ଗୋଟି ନୂଆ ବାଇକ ଓ ସର୍ଭିସିଂ ପାଇଁ ଆସିଥିବା ୫ଗୋଟି ବ୍ୟାଟେରୀ ବାଇକ ରହିଥିଲା । ବୁଧବାର ସନ୍ଧ୍ୟାରେ ଏକ ବ୍ୟାଟେରୀ ବାଇକର ବ୍ୟାଟେରୀ ଫାଟି ବିସ୍ଫୋରଣ ଘଟିଥିଲା । ଏହି କାରଣରୁ ଜଗନ୍ନାଥ ଇଭି ସୋ ରୁମ ରେ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ୩୦ ମିନିଟ ବିଳମ୍ବରେ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସୋ ରୁମର ୨୫ ଗୋଟି ନୂଆ ବାଇକ ସହ ସର୍ଭିସିଂ ପାଇଁ ସୋ ରୁମକୁ ଆସିଥିବା ୫ ଗୋଟି ବାଇକ ସଂପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡ ସମୟରେ ସୋ ରୁମରେ ଥିବା ମାଲିକ ସୌମ୍ୟ ରଞ୍ଜନ ସ୍ୱାଇଁ, ସାନ ଭାଇ ଶିବପ୍ରସାଦ ସ୍ୱାଇଁ ସମେତ ଦୁଇଜଣ ଗ୍ରାହକ ଜଣେ କର୍ମଚାରୀ ସମେତ ୫ ଜଣ ବ୍ୟାଟେରୀ ବିସ୍ଫୋରଣ ସମୟରେ



ପାଣି ଢ଼ାଳି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଅଗ୍ନିର ପ୍ରକୋପ ଉଗ୍ର ରୂପ ଧାରଣ କରିବା ଯୋଗୁଁ ଜୀବନ ବଂଚାଇବା ମାଲିକ ସମେତ ୫ଜଣ ବାହାରକୁ ଆସିଥିଲେ । ଅଗ୍ନିକାଣ୍ଡରେ ସୋ ରୁମର ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟଭ୍ରଷ୍ଟ ହୋଇଛି । ସୋ ରୁମର ମାଲିକ ସୌମ୍ୟ ରଞ୍ଜନ ସାଇଁଙ୍କ ଅଭିଯୋଗ ଆଧାରରେ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବିଜେପିର ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ଦଶପଲ୍ଲା,(ସବ୍ୟ): ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଙ୍କ ଆହ୍ୱାନ କ୍ରମେ ଆତ୍ମ୍ ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ଶିବମନ୍ଦିର ପ୍ରାଙ୍ଗଣରେ ଓ ନଛି ପୁର ଗ୍ରାମ ର ପଥୁରିଆ ପଡିଆ ରେ ଭାରତୀୟ ଜନତା ପାର୍ଟୀ ର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ଡବଲ ଇଂଜିନ ସରକାର ଙ୍କ ବିକାଶ ମୂଳକ କାମ, ଯୋଜନା ଲୋକମାନଙ୍କୁ ଅବଗତ କରାଇବା, ଅନ୍ତୋଦ୍ରୟ ଯୋଜନା ଗୃହ, ପ୍ରଧାନମନ୍ତ୍ରୀ ଆବାସ,ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଯୋଜନା, ଆଦିବାସୀ ଅଂଚଳର ବିକାଶ ପାଇଁ ପଦକ୍ଷେପ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ, ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପଦକ୍ଷେପ ଶିକ୍ଷା ପାଇଁ ପିଲାଙ୍କୁ ମାଗଣା ସୁବିଧା,ସବକା ସାଥ ସବକା ପ୍ରୟାସ ସବକା ବିକାଶ, ସମସ୍ତ ଜନସାଧାରଣ ଙ୍କ ସୁଖ ଦୁଃଖ ରେ ଭାଗିଦାରୀ ହେବା, ଦଳିତ ନିଷ୍ପେସିତ ଲୋକଙ୍କୁ ସହାୟ ହେବା, ମଠ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା ସୁରକ୍ଷା ଦେବା, ଶହୀଦ ଯବାନ ଙ୍କୁ ସମ୍ମାନ ଦେବା,ସ୍ୱଦେଶୀ ଜିନିଷ ବ୍ୟବହାର କରିବା, ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ସଚେତନ କରିବା ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇ ଥିଲା । ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳ ବେହେରା, ମଣ୍ଡଳ ସଭାପତି ଭାଗ୍ୟ ଲକ୍ଷ୍ମୀ ଦଶ, ଜ୍ଞାନ ରଞ୍ଜନ ସାହୁ, ବିଦେଶ ମଳିକ, ବିଜୟ କେତନ ଶତପଥୀ ପଞ୍ଚାୟତ ପ୍ରମୁଖ, ଅନିରୋଧ ସାହୁ, ଗୌରାଙ୍ଗ ଦେହୁରୀ, ଅଲେଖ ନାୟକ, ବନମ୍ବ ନାୟକ, ଗୋପୀନାଥ ସାହୁ, ବିଜୟ ବାଘ ପ୍ରମୁଖ ନାଛି ପୁର ଗ୍ରାପ, ପଦ୍ମ ପ୍ରଧାନ, ଶରତ ସାହୁ, ଫଗୁଆ ପ୍ରଧାନ, ସଂସାରୀ ସାହୁ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏବଂ ଶିବମନ୍ଦିର ପ୍ରାଙ୍ଗଣରେ ଅଁଳା ଗଛ ରୋପଣ କରିବା ସହିତ ସ୍ୱଚ୍ଛ ଗଛ ସେବା ବିଷୟରେ ଆଲୋଚନା କରି ଶ୍ରୀ ଦଳବେହେରା ଧନ୍ୟବାଦ ଦେଇ ସଭା ସାଙ୍ଗ କରା ଯାଇଥିଲା ।

# ଆଇନଜୀବୀ ସୁରକ୍ଷା ଆଇନ ଆଣିବାକୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଦାବି

କଟକ, (ସବ୍ୟୁ) : ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗଳିକରି ହତ୍ୟା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ଭାରତୀୟ ଆଇନଜୀବୀ ପରିଷଦ(ବିସିଆଇ)ର ଅଧ୍ୟକ୍ଷ ମନନ ମିଶ୍ର ଦାବି କରିଛନ୍ତି । ପୀତବାସ ପଣ୍ଡାଙ୍କ ଉପରେ ଆକ୍ରମଣ ପୂରା ଆଇନ ସମାଜ ଉପରେ ଆକ୍ରମଣ ବୋଲି ସେ କହିଛନ୍ତି । ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ କହିଛନ୍ତି । ଅପରପକ୍ଷରେ ଆଇନଜୀବୀଙ୍କ ସୁରକ୍ଷା ପାଇଁ 'ଆଇନଜୀବୀ ସୁରକ୍ଷା ଆଇନଦ ଆଣିବା ଲାଗି ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଦାବି ରଖିଛନ୍ତି । ଆଇନଜୀବୀଙ୍କ ସୁରକ୍ଷା ପାଇଁ ଏହି ଆଇନ ଆଣିବା ଲାଗି ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି । କିନ୍ତୁ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଫଳରେ ଦିନକୁଦିନ ଆଇନଜୀବୀମାନେ ଅସୁରକ୍ଷିତ ହୋଇପଡୁଛନ୍ତି । ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି ।

# ମାମୁ-ଭଣଜାଙ୍କୁ ହାଣିଲେ ଫାଇନାନ୍ସ କର୍ମଚାରୀ

କଣାସ , (ସବ୍ୟୁ): ମାମୁ-ଭଣଜାଙ୍କୁ ଫାଇନାନ୍ସ କର୍ମଚାରୀଙ୍କ ଛୁରା ମା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗୋଲରା ଅଂଚଳରେ ଏହି ଆକ୍ରମଣ ହୋଇଛି । ଅଜିବ ଜେନା ତାଙ୍କ ଭଣଜାଙ୍କ ସହିତ ଏକ ସ୍କୁଟିରେ ନିଜ ପୁଅକୁ ଡାକ୍ତରଖାନା ନେବା ବେଳେ ହାତିଆ ଛକ ନିକଟରେ ଫାଇନାନ୍ସ କର୍ମଚାରୀ ତାଙ୍କୁ ଅଟକାଇଥିଲେ । ଗାଡି କିସ୍ତି ଖିଲାପ ଥିବା କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହାପରେ ସେଠାରୁ ଅଜୀବ ଡାକ୍ତରଖାନା ପଳାଇଯାଇଥିଲେ । କିନ୍ତୁ ଫାଇନାନ୍ସ କର୍ମଚାରୀ ତାଙ୍କ ପିଛା ଛାଡି ନଥିଲେ । କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ ନିକଟରେ ପହଞ୍ଚି ପୁଣି ପାଟିତୁଣ୍ଡ କରିଥିଲେ । ଏହାପରେ ଫାଇନାନ୍ସ କର୍ମଚାରୀ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଅଜୀବ ଜେନା ଗୁରୁତର ଆହତ ହୋଇଛନ୍ତି । ସେହିପରି ଭଣଜା ପୂର୍ଣ୍ଣ ଜେନାଙ୍କ ପେଟରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ପ୍ରଥମେ କେରାଣ୍ଡିଆ ଡାକ୍ତରଖାନା ଓ ପରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଂଚି ସ୍କୁଟି ଏବଂ ଫାଇନାନ୍ସ କର୍ମଚାରୀଙ୍କ ବାଇକକୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରୁ ଫାଇନାନ୍ସ କର୍ମଚାରୀ ଚମ୍ପଟ ମାରିଥିଲେ ।

## ପଲ୍ଲୀରେ ପ୍ରଶାସନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବାଲିଅନ୍ତା , (ସବ୍ୟ) : ବାଲିଅନ୍ତା ଗ୍ରାମ ପଞ୍ଚାୟତ ସ୍ଥିତ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ଅଭିଯୋଗ ଶୁଣାଣି ଜନିତ ପଲ୍ଲୀରେ ପ୍ରଶାସନ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଆନ୍ତା ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ,ତହସିଲଦାର ଲୀଳନ ପ୍ରସାଦ ସାହୁ, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ସମିତିସଭ୍ୟା କୁନି ପ୍ରଧାନ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ସର୍ବମୋଟ ୪୯ ଟା ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥି । ସେଥିମଧ୍ୟରୁ ଗ୍ରାମୀଣ ଗୃହ ଓ ବ୍ୟକ୍ତିଗତ ଶୌଚାଳୟ ସମ୍ବନ୍ଧୀୟ ୮ ଗୋଟି, ଭତ୍ତା ସମ୍ବନ୍ଧୀୟ ୮ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୪ ଗୋଟି ଅଭିଯୋଗ ହୋଇଥିଲା ।

# ପଞ୍ଚୁଦୋଳ ପଡିଆରେ ଗଜଲକ୍ଷ୍ମୀ ପୂଜା

ରଣପୁର,(ସବ୍ୟୁ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ପଞ୍ଚୁଦୋଳ ପଡିଆ ଠାରେ ଦିଲଦାର କ୍ଲବ ତରଫରୁ ଗଜଲକ୍ଷ୍ମୀ ପାଳିତ ହେଉଛି । ଚଳିତ ବର୍ଷ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ଦିନରେ ମା ଙ୍କ ପୂଜାବିଧି ହେବା ସହିତ ଦ୍ୱିତୀୟ ଦିନରେ ଶତାଧିକ ଭକ୍ତଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ତୃତୀୟ ଦିନରେ ନୃତ୍ୟ ପ୍ରତିଯୋଗିତା ଚତୁର୍ଥ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଞ୍ଚମ ଦିନରେ ପୌରାଣିକ ବିଷୟବସ୍ତୁ କାଳିଆ ଦଳନ ଅନୁଷ୍ଠିତ ହେବ । ସେହି ଭଳି ରଣପୁର ଏନ. ଏସି ପୋଷ୍ଟ ଅଫିସ ଛକ ମଧ୍ୟ ଗଜଲକ୍ଷ୍ମୀ ବହୁ ବର୍ଷ ଧରି ଅନୁଷ୍ଠିତ ହେଉଛି ।

# ଦୁଇ ପୋଲିସ ଏସ୍ଆଇଙ୍କୁ ମାଡ଼ ମାରି ଜେଲ ଗଲେ ଦୁଇ ଯୁବକ

### ମଦ୍ୟପ ଯୁବକଙ୍କ ଉପରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗୋପ,(ସବ୍ୟୁ): ମଙ୍ଗଳବାର ଅତ୍ୟଧିକ ମଦ୍ୟପାନ କରି ଥାନା ଭିତରେ ଦୁଇ ଏସ ଆଇଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦୁଇ ଯୁବକଙ୍କୁ ଜେଲ ଯିବାକୁ ପଡିଛି ବୋଲି ପୋଲିସ ପକ୍ଷରୁ ଜଣା ପଡ଼ିଛି । ନିଶାଗ୍ରସ୍ତ ଅବସ୍ଥାରେ ଥାନା ଭିତରେ ବାଇକ ଛାଡ଼ି ଦେବାକୁ ନେଇ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ଏହି ଥାନା ଅନ୍ତର୍ଗତ ସୋରିସିଆପଦା ଗ୍ରାମର ପ୍ରଦିପ୍ତ କୁମାର ବେହେରା (୩୪) ଦୁଇ ଏସ ଆଇ ବୁଲୁ ସେଠୀ ଓ ବୃନ୍ଦ ରାୟ ମାଝୀ ମାଡ଼ ମାରିଥିବା ଅଭିଯୋଗରୁ ଜଣା ପଡ଼ିଛି । ପୋଲିସ ପକ୍ଷରୁ ହୋଇଥିବା ଅଭିଯୋଗକୁ ପୋଲିସ ଥାନା ମୋକଦ୍ଦମା ନମ୍ବର ୩୩୯/୨୫ ରେ ରୁଜ୍ଜୁ କରି ବୁଧବାର ଅପରାହ୍ନରେ ଦୁଇ ଅଭିଯୁକ୍ତ ଗଣେଶ୍ୱରପୁର ନାୟକ ସାହି ଗ୍ରାମର ସୁଶାନ୍ତ କୁମାର ନାୟକ (୩୫) ଓ ପ୍ରଦିପ୍ତ କୁମାର ବେହେରା ଙ୍କୁ କୋଣାର୍କ କୋର୍ଟ ଚାଲାଣ କରିଥିବା ବେଳେ ମାନ୍ୟବର କୋର୍ଟ ଅଭିଯୁକ୍ତ ଦ୍ୱୟ ଙ୍କୁ ନିମାପଡ଼ା ଜେଲ ପଠାଇ ଦେଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି କହିଛନ୍ତି । ପ୍ରକାଶ ଯେ ମଙ୍ଗଳବାର ରାତ୍ର ସାଢ଼େ ଦଶଟା ସମୟରେ ଗୋପ ଥାନା



ଅନ୍ତର୍ଗତ ବାୟାକୁଦା ଗ୍ରାମ ନିକଟରେ ଭୋଜିଭାତ ସ୍ଥାନରେ ଗଣ୍ଡଗୋଳ ହୋଇଥିଲା । ଏପରି ଏକ ଗଣ୍ଡଗୋଳ ଖବର ପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହିତ ବୁଝାସୁଝା କରିଥିଲା । ପୋଲିସ ଫେରିବା ବେଳେ ରାସ୍ତା କଡ଼ରେ ଏକ ନମ୍ବର ବିହୀନ ଗାଡି ଦେଖିବା ପରେ ଏ ଗାଡି କାହାର ବୋଲି ପଚାରିବାରେ କେହି କିଛି କହି ନ ଥିଲେ । ପୋଲିସ ଏହି ନମ୍ବର ବିହୀନ ବାଇକକୁ ଥାନାକୁ ଆଣିଥିଲା । ଅଳ୍ପ କିଛି ସମୟପରେ ସଂପୃକ୍ତ ଦୁଇ ଯୁବକ ପ୍ରଦିପ୍ତ ଓ ସୁଶାନ୍ତ ଥାନା ପହଞ୍ଚି ବାଇକ ଆମର ଦିଅ ବୋଲି ଏସ ଆଇ ବୃନ୍ଦ ରାୟ ମାଝୀଙ୍କୁ କହିବା ପରେ ଏସ ଆଇ ମାଝୀ ବାଇକ କାଗଜପତ୍ର ଆଣ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ବାଦାନୁବାଦ ହୋଇଥିଲା । ଏହି ପାଟିତୁଣ୍ଡ ଶୁଣି ଥାନା ଏସଆଇ ବୁଲୁ ସେଠୀ ସେଠାରେ ପହଞ୍ଚି ଥିଲେ । ଅତ୍ୟଧିକ ମଦ୍ୟପାନ କରି ଥିବା ଯୁବକ ପ୍ରଦିପ୍ତ କୁମାର ବେହେରା ହଠାତ୍ ଏସ ଆଇ ବୃନ୍ଦ ରାୟ ମାଝୀ ଙ୍କୁ ମାଡ଼ ମାରିବା ସହ ନିକଟରେ ଥିବା ଏସ ଆଇ ବୁଲୁ ସେଠୀ ଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ଏହି ଘଟଣାରେ ପୋଲିସ ଦୁଇ ଯୁବକଙ୍କୁ ଅଟକ ରଖି ପରେ ପୋଲିସ ଅଭିଯୋଗକୁ ନେଇ ମୋକଦ୍ଦମା ରୁଜ୍ଜୁ କରି ଗିରଫ କରିଥିଲା । ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି ଙ୍କୁ ପଚାରିବା ରେ ଗୋପ ଥାନା ଅଂଚଳରେ ବିଭିନ୍ନ ସ୍ଥାନରେ ମଦ୍ୟପାନ କରୁଥିବା ଯୁବକଙ୍କ ଉପରେ ଚଢ଼ାଉ କରାଯିବା ସହ ରାତ୍ର ୧୧ ଟା ସୁଦ୍ଧା ବିଭିନ୍ନ ବଜାର ରେ ଥିବା ଢାବା ସହିତ ଅନ୍ୟାନ୍ୟ ଦୋକାନ ବଜାର ବନ୍ଦ କରାଯିବ ବୋଲି କହିଥିଲେ ।


ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ନାଲକୋ ପାରିପାର୍ଶ୍ୱିକ ଯୁବପିଢ଼ିଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

# ଶିଳ୍ପ- ଉପଯୋଗୀ ଦକ୍ଷତା ତାଲିମ ଦ୍ୱାରା ଯୁବପିଢ଼ିଙ୍କୁ ସଶକ୍ତ କରିବା

### ନାଲକୋ ଏବଂ ସିଟିଟିସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର , (ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି କ୍ରମରେ ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପର ଅଂଶ ସ୍ୱରୂପ, ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୨୦ ଜଣ ଲେଖାଏ ମୋଟ ୪୦ ଜଣ ଯୁବକ/ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିଟିସି ଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ବ୍ରିଜେନ୍ଦ୍ର ପ୍ରତାପ ସିଂହ,ସିଏମଡି,




ନାଲକୋ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଏବଂ ନାଲକୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଗତ ଅକ୍ଟୋବର ୭ ରେ ସ୍ୱାକ୍ଷରିତ ହୋଇଯାଇଛି । ଏହି ପଦକ୍ଷେପ ଉପରେ ନିଜ ବକ୍ତବ୍ୟ ରଖି ସିଏମଡ଼ି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହିଭଳି ସିଏସଆର ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ସହିତ ସମନ୍ୱୟ ରଖି ଏହି ତାଲିମ ପ୍ରଦାନ କରାଯିବ। ଏହି ପଦକ୍ଷେପ ନାଲକୋର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପ୍ରୟାସ ଅଧୀନରେ ସମ୍ପ୍ରଦାୟ ବିକାଶ ଏବଂ ସ୍ଥାୟୀ ଜୀବିକା ନିର୍ବାହ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶବିଶେଷ।

## ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କର୍ଫ୍ୟୁ ପରିସ୍ଥିତି ଏବଂ ଇଣ୍ଟରନେଟ ବନ୍ଦ ରହିଥିବା କାରଣରୁ ଏହି ସମୟ ବୃଦ୍ଧି କରାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଘଟିକାଠାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବ୍ସାଇଟରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପାଇଁ ଆଉ ଅଳ୍ପ ଦିନ ବାକି ଥିବାରୁ ଶେଷ ସମୟରେ ଭିଡ଼ ଏଡାଇବା ନିମନ୍ତେ ଯଥାଶୀଘ୍ର ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଓପିଟିସିଏଲ୍ ପକ୍ଷରୁ ୧୩୨/୩୩ କୁଚିଣ୍ଡା, ରେଢ଼ାଖୋଲ ଗ୍ରୀଡ ସବ୍-ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ବୁର୍ଲା, (ସବ୍ୟୁ) : ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. କୁଚିଣ୍ଡା ଏବଂ ରେଢାଖୋଲ ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଏନ୍ଏସି, କୁଚିଣ୍ଡା ବ୍ଲକ, ଜମନକିରା ବ୍ଲକ ଅନ୍ତର୍ଗତ ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳ ଏବଂ ରେଢ଼ାଖୋଲ ଏନ୍ଏସି, ରେଢ଼ାଖୋଲ ବ୍ଲକ, ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତାକାଲି ଅର୍ଥାତ ତା. ୦୯.୧୦.୨୦୨୫ ରିଖ୍ (ଗୁରୁବାର) ଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

## ବାଲିଯାତ୍ରା ପାଇଁ ପ୍ରଶାସନର ସୁରକ୍ଷା ପଦକ୍ଷେପ

# ପଡ଼ିଆର ୫ କିଲୋମିଟର ଅବଧିକୁ "ଡ୍ରୋନ୍ ମୁକ୍ତ ଅଞ୍ଚଳ" ଘୋଷଣା

କଟକ, (ସବ୍ୟୁ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୫ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଆୟୋଜନ କରାଯାଉଛି । ଏହି ସମୟ ମଧ୍ୟରେ କଟକରେ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଭୟ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ୭୦ ଏକରରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବିଶାଳ ଆକାରରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ, ଅନେକ ଭିଭିଆଇପି ଏବଂ ଭିଆଇପି ଅତିଥି ଐତିହାସିକ ମହୋତ୍ସବ ଦେଖିବା ପାଇଁ ଯୋଗଦେବାର ଆଶା କରାଯାଉଛି।ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଏବଂ ଆଖପାଖ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରିବା ସହ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଠାରୁ ୫ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ "ଡ୍ରୋନ୍ ମୁକ୍ତ ଅଞ୍ଚଳ" ଭାବରେ ଘୋଷଣା କରିଛନ୍ତି। ୨୦୨୫ ନଭେମ୍ବର ୧ ତାରିଖଠାରୁ ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଡ୍ରୋନ୍ ମୁକ୍ତ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, କିମ୍ବା ଡ୍ରୋନ୍ ଉଡ଼ାଣକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି। ଏହି ଆଦେଶର ଉଲ୍ଲଂଘନ କଲେ ଏନଫୋର୍ସମେଣ୍ଟ ଦଳ ଦ୍ୱାରା ନିଷିଦ୍ଧ ସାମଗ୍ରୀ ଜବତ କରାଯିବ ଏବଂ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ଅବଧି ମଧ୍ୟରେ ଏପରି କୌଣସି ଉପକରଣ ପରିଚାଳନା କରିବା ପୂର୍ବରୁ କଟକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ ଅନୁରୋଧ କରାଯାଇଛି।

## ଉନ୍ନତ ଛାତ୍ର ସହାୟତା ସେବା ନିମନ୍ତେ

# କିଟ୍‌କୁ ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର ୨୦୨୫

ଭୁବନେଶ୍ୱର, (ସବ୍ୟୁ) : ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷତା' ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍ଆଇସିସିଆଇ (ଫିକି) ଉଚ୍ଚ ଶିକ୍ଷା ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମର୍ଥନ, ଆତ୍ମନିର୍ଭରଶୀଳ ଆର୍ଥିକ ମଡେଲ ପ୍ରତି ସେବା, ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତି ଏବଂ ସୁଗମତା ପ୍ରତି



ଏହାର ଗଭୀର ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଏ। ସମସ୍ତ ସାମାଜିକ-ଆର୍ଥିକ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ଛାତ୍ରବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାରେ କିଟ୍ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ପ୍ରୟାସ ରହିଆସିଛି। ଫଳରେ କିଟ୍‌ରେ ଗୁଣାତ୍ମକ ଶିକ୍ଷା ଦିଆଯାଉଥିବା ଜୁରି ଦ୍ୱାରା ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସାମୂହିକ ଓ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।

## ଡ. ନମ୍ରିତା ଚହଲ୍‌ଙ୍କ ଲିଖିତ "ୱିସ୍ପର୍ସ ଅଫ୍ ଦି ସୋଲ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ) : ଡ. ନମ୍ରିତା ଚହଲ୍‌ଙ୍କ ପ୍ରଥମ ପୁସ୍ତକ "ଓ୍ୱିସ୍ପର୍ସ ଅଫ୍ ଦି ସୋଲ୍'ଭୁବନେଶ୍ୱରର ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଛି । ୧୦ ତାରିଖରେ ପାଳନ ହେବାକୁ ଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସକୁ ପ୍ରାଧାନ୍ୟ ଦେଇ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଭାବପ୍ରବଣ ଏବଂ ମାନସିକ ସୁସ୍ଥତା ବିଷୟରେ ପୁସ୍ତକରେ ଥିବା ଗଭୀର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଛି । ଡ. ନମ୍ରିତା ଚହଲ୍ ମେଟାଫିଜିକ୍ସରେ ଡକ୍ଟରେଟ୍ ହାସଲ କରିଥିବା ସହ ଜଣେ କ୍ୱାଣ୍ଟମ ହିଲର୍, ଲାଇଫ୍ କୋଚ୍, ରେକି ଗ୍ରାଣ୍ଡମାଷ୍ଟର୍ । ସେ ଏପର୍ଯ୍ୟନ୍ତ ୯ ହଜାରରୁ ଅଧିକ ଲୋକଙ୍କୁ ସାହାର୍ଯ୍ୟ କରିଛନ୍ତି ଏବଂ ସାମଗ୍ରିକ ଚିକିତ୍ସା ଓ ଆତ୍ମ ବିକାଶ ପ୍ରତି ତାଙ୍କର ଉତ୍ସାହ, ସହାନୁଭୂତି ଓ ନିଷ୍ଠା ପାଇଁ ବେଶ୍ ଜଣାଶୁଣା । ତାଙ୍କର ପୁସ୍ତକ "ୱିସ୍ପର୍ସ ଅଭିଜ୍ଞତାକୁ ସହ ଭାବପ୍ରବଣତାରେ ସୁନ୍ତୁଳନ, ଆତ୍ମ ସଚେତନତା ଏବଂ ବ୍ୟକ୍ତିଗତ ବିକାଶ ଉପରେ ଅନ୍ତର୍ଦୃଷ୍ଟି



ଅଫ୍ ଦି ସୋଲ୍'ସୁସ୍ଥତା ପାଇଁ ଏକ ସରଳ କିନ୍ତୁ ଶକ୍ତିଶାଳୀ ମାଗଦର୍ଶିକା । ପୁସ୍ତକଟି ଡ. ଚହଲ୍‌ଙ୍କ ବ୍ୟକ୍ତିଗତ ପ୍ରଦାନ କରିଛି । ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ ।

## ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ଯୁବ କଂଗ୍ରେସର ପ୍ରତାରଣା ପ୍ରତିବାଦ ସମାବେଶ ଆଜି

ଭୁବନେଶ୍ୱର,(ସବ୍ୟୁ) : ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଆଜି (ଗୁରୁବାର) ପ୍ରତାରଣା ପ୍ରତିବାଦ ସମାବେଶ କରାଯିବ । ଏନେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରକାଶ କରିଛନ୍ତି । ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ସମାବେଶ କରାଯିବ । ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ୍‌ରୁ ବାହାରି ଲୋୟର ପିଏଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାର କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ । ଲୋୟର ପିଏମଜି ଠାରେ ମଧ୍ୟ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ କରାଯିବ । ଏହି ସମଗ୍ର କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ ଉଦୟଭାନୁ ଚିବ୍, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ, ରାଜ୍ୟରେ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ । ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି । ପ୍ରଧାନମନ୍ତ୍ରୀ , ଅମିତ ଶାହା ଓ ମୁଖ୍ୟ ନିର୍ବାଚନ କମିଶନଙ୍କ ମଧୁଚନ୍ଦ୍ରିକାରେ ଏହି ସରକାର ସମ୍ଭବ ହୋଇପାରିଛି । ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀ ଏହି ଭୋଟ ଚୋରିର ପର୍ଦ୍ଦାଫାଶ କରିବା ପରେ ସାରା ଦେଶର ଭୋଟର ମାନେ ଅନୁଭବ କରିଛନ୍ତି ଯେ, ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ନିର୍ବାଚନ କମିଶନ ଏବଂ ପ୍ରଧାନମନ୍ତ୍ରୀ ଛଡାଇ ନେଇଛନ୍ତି । ଓଡ଼ିଶାରେ ଭୋଟ ଚୋରି ମଧ୍ୟ ବ୍ୟାପକ ହୋଇଛି



। ସନ୍ଧ୍ୟା ୫ ଟା ଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି । ସେହିଭଳି କର୍ଣ୍ଣାଟକର ମହାଦେବପୁରା ଠାରେ ଭୋଟ ଚୋରିର ଉଦାହରଣ ଦେଇ ରାହୁଲ ଗାନ୍ଧୀ ସାରା ଦେଶର ଭୋଟର ଭାଇ ଓ ଭଉଣୀମାନଙ୍କର ଆଖି ଖୋଲି ଦେଇଛନ୍ତି । ଗୋଟିଏ ଘରେ ଗୋଟିଏ ନମ୍ବରରେ ୫୦୦ରୁ ଉର୍ଦ୍ଧ୍ୱ ଭୋଟର ଏବଂ ଏହା ପୁଣି ବିଭିନ୍ନ ଧର୍ମର ଲୋକଙ୍କୁ ନେଇ କିପରି ସମ୍ଭବ ହୋଇପାରୁଛି । ସେହିଭଳି ବହୁ ଭୋଟରଙ୍କ ଘର ନମ୍ବର ଶୂନ୍ୟ ମଧ୍ୟ ରହିଛି । ସେହିଭଳି ଭୁଲ ଠିକଣା, ଫର୍ଜି ଭୋଟ, ଫର୍ଜି ଫଟୋ ଏବଂ ୬ ନମ୍ବର ଫର୍ମର ଦୁର୍ବ୍ୟବହାର କରାଯାଇ ମହାଦେବପୁରାରେ ବ୍ୟାପକ ଭୋଟ ଚୋରିର ପ୍ରମାଣ ରାହୁଲ ଗାନ୍ଧୀ ଦେଇଛନ୍ତି । ସେହଭଳି ମହାରାଷ୍ଟ୍ର ଏବଂ ଦେଶର ବିଭିନ୍ନ ରାଜ୍ୟରେ ଭୋଟ ଚୋରି ହୋଇଛି । ଓଡ଼ିଶାରେ ବ୍ୟାପକ ଭୋଟ ଚୋରି ହୋଇଥିଲେ ମଧ୍ୟ ବିଜେଡ଼ି ଦଳ ଠିକ୍ ଭାବରେ ମୁହଁ ଖୋଲୁନାହିଁ । ସାମ୍ବାଦିକ ସମ୍ମିଳନୀରେ ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍, କେଦାର ଦଳେଇ, ସ୍ୱାଗତ କର ଓ ମହମ୍ମଦ ପରଭେଜ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଓଡ଼ିଆ ଅସ୍ମିତା ଭବନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କର

### ଢେଙ୍କାନାଳ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ଲାଗି ସହାୟତା

### ବାଲିଯାତ୍ରାରେ ଅନ୍ୟ ରାଜ୍ୟ ସହିତ ଇଣ୍ଡୋନେସିଆକୁ ଆମନ୍ତ୍ରଣ

ଭୁବନେଶ୍ୱର(ସବ୍ୟୁ): ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ାର ମହାକାଳପଡ଼ାର ବିଧାୟକଙ୍କ ଅନୁରୋଧକ୍ରମେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ । ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଏହି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ ଥିମ ପାଭିଲିୟନ ନିର୍ମାଣ କରାଯିବ । ଇଣ୍ଡୋନେସିଆକୁ ଚଳିତ ବର୍ଷ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ । "ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ । ଦକ୍ଷିଣ ଏସିଆର କେତକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ମଧ୍ୟ ଅନୁରୋଧ କରାଯିବ । ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ । କେନ୍ଦ୍ରାପଡ଼ା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିରାଜ୍ୟ ପ୍ରନିତତ୍ତ୍ୱ ଗ୍ରହଣ କରିବ । ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ ପାଥେର ପୁରୀର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ ।

## ବାଳକାଟି ଜିଓ ପେଟ୍ରୋଲ ଟାଙ୍କିରେ ହେଲ୍‌ମେଟ୍ ଉପହାର

ବାଲିଅନ୍ତା, (ସବ୍ୟୁ) : ସରଦେଇପୁର-ନିମାପଡା ରାସ୍ତା ବାଳକାଟିରେ ଜିଓର ନୂଆ ପେଟ୍ରୋଲ ଟାଙ୍କି ଉଦଘାଟନ ହୋଇଯାଇଛି । ଏନେଇ ଟାଙ୍କିର ମାଲିକ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା ।ଏଥିରେ ଅତିଥିଭାବେ ଜିଓ କମ୍ପାନୀର ବରିଷ୍ଠ ଅଧିକାରୀ ସମେତ ସ୍ଥାନୀୟ ଅଞ୍ଚଳର ସମାଜସେବୀ ସୁବ୍ରତ ମହାନ୍ତି, ସଂଳାପକାର ଡ଼. ରଜନୀ ରଞ୍ଜନ ଦାଶ, ବେଣୁଧର ଭୋଇ,ଭାଗ୍ୟଧର ନନ୍ଦୀ, ଚକ୍ରଧର ନାୟକ, ପବିତ୍ର ବେହେରା, ଇଂ. ରୁଦ୍ରପ୍ରସାଦ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ । ସଞ୍ଜୟ ମହାନ୍ତିଙ୍କ ବାପା ପ୍ରହ୍ଲାଦ ମହାନ୍ତି ଓ ମାତା ସୁଧାଂଶୁବାଳା ମହାନ୍ତି ଶୁଭାରମ୍ଭ କରିଥିଲେ । ଉଦଘାଟନ ଦିନରେ ପ୍ରତ୍ୟେକ ବାଇକରେ ୭୦୦ ଟଙ୍କା ଓ ସ୍କୁଟିରେ ୩୫୦ ଟଙ୍କାର ପେଟ୍ରୋଲ ପକାଇଲେ ଗ୍ରାହକ ମାନଙ୍କୁ ହେଲମେଟ ଉପହାର ଦିଆଯାଇଥିଲା । ସେହିପରି କାର ଚାଳକ ପେଟ୍ରୋଲ ପକାଇଲେ ସେମାନଙ୍କୁ ଚାବି ରିଙ୍ଗ, ୱାସ ଲିକ୍ୟୁଡ଼ି ଓ କପଡା ବଣ୍ଟା ଯାଇଥିଲା । ଏଥିସହ ପ୍ରତି ଗ୍ରାହକଙ୍କୁ ମିଠା ପ୍ୟାକେଟ ବଣ୍ଟନ କରାଯାଇଥିଲା ।

## ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ଘଟଣା

# ବେତନଟୀ ବାର ଆସୋସିଏସନ ପକ୍ଷରୁ କଲମଛାଡ ଆନ୍ଦୋଳନ

ବେତନଟୀ,(ସବ୍ୟୁ)- ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ଓଡିଶା ରାଜ୍ୟ ଆଇନ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ବାଇକ ଆରୋହୀ ଦୁଇ ଦୁର୍ବୃତ୍ତ ଗୁଳିକରି ଅତ୍ୟନ୍ତ ନିର୍ମମଭାବେ ହତ୍ୟା କରିବା ଘଟଣା ପ୍ରତିବାଦରେ ଦିଆଯାଇଥିବା ରାଜ୍ୟବ୍ୟାପୀ କଲମଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ବେତନଟୀ ବାର ଏସୋସିଏସନ ପକ୍ଷରୁ ବୁଧବାର କଲମଛାଡ ଆନ୍ଦୋଳନ ସହିତ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ବେତନଟୀ ଜେଏମଏଫସି କୋର୍ଟ ପରିସରସ୍ଥିତ ବାର ଏସୋସିଏସନ କାର୍ଯ୍ୟାଳୟରେ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରବୀର କୁମାର ବାରିକ ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ବ୍ରହ୍ମପୁରରେ ଯେଉଁଭଳି ଭାବରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଗଲା ତାହାକୁ



ଦୃଢ ନିନ୍ଦା କରିବା ସହିତ ଉଚ୍ଚସ୍ତରୀୟ ନ୍ୟାୟୀକ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ଉ ଦିବଂଗତ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କର୍ଯ୍ୟକ୍ରମରେ ବେତନଟୀ ବାର ଏସୋସିଏସନ ପକ୍ଷରୁ ବାର ଏସୋସିଏସନ ଉପସଭାପତି ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ଦୁଃଖିଆ ମୁର୍ମୁ, କିଶୋର କୁମାର ମହାନ୍ତ, ଅର୍ଣ୍ଣବ କୁମାର ଘୋଷ, ଲମ୍ବୋଦର ନାୟକ, ଲମ୍ବୋଦର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୬ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ): ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ଆନୁକୂଲ୍ୟରେ ୧୬ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ ଆଇଟିଆଇ ପ୍ରେକ୍ଷାଳୟରେ ମଙ୍ଗଳବାର ଆୟୋଜିତ ହୋଇଥିଲା । ଏଥିରେ ଜୀରାଙ୍ଗ ବୁଦ୍ଧ ମନ୍ଦିରର ମୁଖ୍ୟ ଗୁରୁ ଖେନୋ ପେମା ତେନଫେଲ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନକୁମାର ସ୍ୱାଇଁ ଏବଂ ପ୍ରତିଧ୍ୱନୀର ପ୍ରତିଷ୍ଠାତା ପ୍ରତାପକୁମାର ନାୟକ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରଖ୍ୟାତ ଉଦଘୋଷକ ହୃଷିକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ । ଡ. ମିହିରକୁମାର ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ତାନାକୁସ୍ଥିତ ଅମ୍ବିକା ଡ୍ୟାନ୍ସ ଏକାଡେମୀର ନୃତ୍ୟାଙ୍ଗନାଙ୍କ ଚିତାକର୍ଷକ କୁଚିପୁଡ଼ି ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟଆକର୍ଷଣ ହୋଇଥିଲା । ଏହା ସହିତ ସୁନ୍ଦରଗଡ଼ର ମୟୁରୀ ଲୋକନୃତ୍ୟ ଅନ୍ୟତମ ଆକର୍ଷଣ ପାଲଟିଥିଲା । ପୂର୍ବରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ଦ୍ୱାରା ଠିଆ ପୁଚି ନାରଙ୍ଗ ଏବଂ ପାରମ୍ପରିକ କୁଆଁର ପୁନେଇ ଜହ୍ନଲୋ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ସଜ୍ଜିତା ପାଣିଗ୍ରାହୀଙ୍କ ଦ୍ୱାରା ଆବାହନୀ ଦେବୀ ନୃତ୍ୟ ଶରତ ମହାପାତ୍ର ଓ ଟିମ୍ ଦ୍ୱାରା ଶଙ୍ଖ ଧ୍ୱନୀ, ମାନସି ରାଉତରାୟ ଓ ଦଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କେଇରା କିଶୋର ଓ ମହିଳା ସଂଗୀତ ଟିମ୍ ଦ୍ୱାରା ସଂଗୀତ ମୂର୍ଚ୍ଛନା ପ୍ରଦର୍ଶିତ ହୋଇଥିଲା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତି ଯାଯାବର ଚଳଚ୍ଚିତ୍ରର ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ୩ଯୁବ ପ୍ରତିଭା ପ୍ରତିଭାବାନ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ଯୁବ ସାମ୍ବାଦିକ ତଥା ଜଙ୍ଗଲ ରାଣୀ ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ ଏବଂ ମେକ୍ ଅପ ବିଶେଷଜ୍ଞ କେ, ରାଜୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାନେତ୍ରୀ ସୁଦୀପ୍ତା ପାଣିଗ୍ରାହୀ ଓ ଉପଦେଷ୍ଟା ହୃଷିକେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏ. ତ୍ରିପତି ବାଲାଜି ପାତ୍ର, ହ ମିହିର ତ୍ରିପାଠୀ, ଡ.ଅମ୍ବରିଶ ପାଢୀ, ସୁଜାତା ପାଢୀ, ମଞ୍ଜୁଶ୍ରୀ ବେବର୍ଷା, ଡ. ସୋମେୟାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।।

# ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ: କାର ଓ ଖଣ୍ଡା ଜବତ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଞ୍ଚଳରୁ ଜଣେ ଯୁବକକୁ ଆକ୍ରମଣ କରିବା ଅଭିଯୋଗରେ ଅଭିଯୁକ୍ତକୁ ଆଜି ତାରସିଂ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଖବର ନେବାରେ କୋକଲବା ଗ୍ରାମର ମନୁ ପ୍ରଧାନ ଗତମାସ ୬ ତାରିଖ ଦିନ ଗ୍ରାମ ଛକ ନିକଟରେ ବସିଥିବା ବେଳେ ଗୋଟିଏ କାର୍ରେ କିଛି ଦୁର୍ବୃତ୍ତ ଆସି ତାକୁ ଜୋର ଜବରଦସ୍ତ ଗାଡିରେ ବସାଇ ଏକ ବୁଦା ନିକଟକୁ ନେଇ ଗାଳି ଗୁଲଜ ଦେବା ସହ ମାରପିଟ୍ କରିଥିଲେ । ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ସେମାନେ ଚାଲିଯିବା ପରେ ସେ ସଲପଡଇଲା ଛକକୁ ଆସିବା ପରେ ସ୍ଥାନୀୟ ଲେକଙ୍କ ସହାୟତାରେ ମେଡିକାଲକୁ ଯାଇଥିଲେ । ଘଟଣାକୁ ନେଇ ମନୁ ତାରସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। । ଅଭିଯୋଗକୁ ଭିତ୍ତି କରି ପୁଲିସ୍ କେସ୍ ନମ୍ବର ୩୩୩/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୋକଲବା ଗ୍ରାମର ରାଜେଶ କୁମାର ପ୍ରଧାନକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି । ତାଙ୍କ ନିକଟରୁ ବ୍ୟବହୃତ କାର ସହ ଖଣ୍ଡା ଜବତ ହେଇଥିବା ଥାନାଧିକାରୀ ଶ୍ରୀମତୀ ପୂଜାରୀ ସୂଚନା ଦେଇଛନ୍ତି ।

ଶୁଭେଚ୍ଛା ବାର୍ତ୍ତା
ନିଜସ୍ୱ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୯ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର, ପ୍ରସାରଣ ଜାରି ରଖୁ । ଏହା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
କନକଲକ୍ଷ୍ମୀ ମହାନ୍ତି
ଅଧ୍ୟକ୍ଷା,
ପୌରପରିଷଦ, ଖୋର୍ଦ୍ଧା
ମୋ.: ୯୪୩୭୭୬୭୨୫୫

# ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ପରଲୋକ

 କଟକ, (ସ୍ୱପ୍ର): ଭାରତୀୟ ପ୍ରଶାସନୀକ ସେବାର ଅବସରପ୍ରାପ୍ତ ଅଧିକାରୀ ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳେକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା । ସ୍ଥାନୀୟ ୫୩ ନମ୍ବର ୱାର୍ଡ ସ୍ଥିତ ଦୁଲ୍ଲାଦେଇ ରୋଡ ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପନୀ ପୁଷ୍ପମିତ୍ରା ପଟ୍ଟନାୟକ, ଦୁଇ ଝିଅ ପଲ୍ଲବୀ, ଶ୍ୱେତପଦ୍ମା ଏବଂ ଏକମାତ୍ର ପୁତ୍ର ନିବେଦନ ଉପସ୍ଥିତ ଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କ ଚାକିରୀ ଜୀବନ ମଧ୍ୟରେ ପୁରୀ, ଭଦ୍ରକର ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିଥିଲେ । ଜଗତସିଂହପୁର ଜିଲ୍ଲାରେ ସେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ପିଡି ଡିଆରଡିଏ ପଦବୀରେ କାର୍ଯ୍ୟ କରି ବହୁ ସୁନାମର ଅଧିକାରୀ ହୋଇପାରିଥିଲେ । ୧୯୯୯ ମସିହା ମହାବାତ୍ୟାରେ ସେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ଭାବେ ରାଜ୍ୟ ସରକାର ତାଙ୍କୁ ନିଯୁକ୍ତି ଦେଇଥିଲେ । ସ୍ୱତନ୍ତ୍ର ସଚିବ ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ସେ ଅବସର ଗ୍ରହଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ନିବେଦନ ମୁଖାଗ୍ନି ଦେଇଥିଲେ ।



# ଗଞ୍ଜେଇ ଭର୍ତ୍ତି ପିକଅପ ଭ୍ୟାନ୍ ଜବତ, ଜଣେ ଗିରଫ

ଭଞ୍ଜନଗର, (ସବ୍ୟୁ): ବ୍ୟବସାୟିକ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାରୁ ଏକ ପିକଅପ୍ ଭ୍ୟାନ୍ ଯୋଗେ ଭୁବନେଶ୍ୱର ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜଣେ ଯୁବକ ସହ ପିକଅପ ଭ୍ୟାନକୁ ଭଞ୍ଜନଗର ଅବକାରୀ ବିଭାଗ ଜବତ କରିଛି । ମାଜିଷ୍ଟ୍ରେଟ ଫକୀର ଜୀବନ ନାୟକଙ୍କ ଉପସ୍ଥିତରେ ସେମାନଙ୍କ ଠାରୁ ୧୦୦ କେଜି ଗଞ୍ଜେଇ ଜବତ କରାଯାଇଛି । ଗିରଫ ଯୁବକ ହେଲେ କଟକ ଜିଲ୍ଲାର ମାଣିଆବନ୍ଧ ଥାନା ଅଧିନରେ ଥିବା କଙ୍କଡାଯୋଡି ଗ୍ରାମର ସୁବ୍ରତ ପ୍ରଧାନ । ସେ ଏକ ପିକଅପ୍ ଭ୍ୟାନ୍‌ରେ ଗଞ୍ଜେଇ ଧରି କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଭଞ୍ଜନଗର ବ୍ଲକରେ ଥିବା ଗୋଲାପଡା ଛକରେ ଅବକାରୀ ବିଭାଗ କାବୁ କରିଥିଲା । କେସନଂ ୧୦୨/୨୫-୨୬ ରେ ମାମଲାରେ ରୁଜୁ କରାଯାଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକଟର ଡମ୍ବରୁଧର ହରିଜନ ସୂଚନା ଦେଇଛନ୍ତି ।

ଜୀବନ ଜ୍ୟୋତି ହସ୍ପିଟାଲ
JEEVAN JYOTI HOSPITAL
Regd. No. - 1233/2009
ISO 9001 : 2015 CERTIFY
ଜିଲ୍ଲାପାଳ ଅଫିସ ପାଖ, ଖୋର୍ଦ୍ଧା
ଫୋନ୍-୦୬୭୫୫-୨୯୬୦୦୨, ମୋ.-୯୪୩୭୯୭୭୭୭୮, ୯୪୩୭୬୯୫୩୮୨
ଏଠାରେ ଆୟୁଷ୍ମାନ କାର୍ଡ଼ ଏବଂ ରାସନ କାର୍ଡ଼ଧାରୀ ବ୍ୟକ୍ତିଙ୍କ ଚିକିତ୍ସା ଓ ଅପରେସନ ସମ୍ପୂର୍ଣ୍ଣ ମାଗଣାରେ କରାଯାଏ । ରୋଗୀ ସେବା ପାଇଁ ଏଠାରେ ମାଗଣାରେ ସୁଷମ ଖାଦ୍ୟ ଓ ଗାଡ଼ି ଯୋଗାଇ ଦିଆଯାଏ ।
ଜୀବନ ଜ୍ୟୋତି ହସ୍ପିଟାଲ,
୧୬ନଂ. ଜାତୀୟ ରାଜପଥ, ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟ, ଖୋର୍ଦ୍ଧା
ଆପଣଙ୍କ ସ୍ୱାସ୍ଥ୍ୟ ଆମର ଦାୟିତ୍ୱ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
TAILAKHA DEHURY
President
Lions Club Angul
Zone Chairperson
Zone-1, District 322C5
Lions Club International

KANDHAMAL haladi
KASAM
PHULBANI
(Kandhamal Apex Spices Association for Marketing)
(ISO 22000:2005 HACCP CERTIFIED)
Pure, Natural & Organic products of the hilly land of Kandhamal are available here.
Netaji Subash Bose Road, Phulbani,
Kandhamal- 762 001, ODISHA
Ph: 06842- 253022
E-mail: orissakasam@rediffmail.com / kasam.organic@gmail.com
Visit us at : www.kasamorganic.co.in

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମଗ୍ର ଓଡ଼ିଶାବାସୀ ତଥା ବିଶେଷକରି ଅନୁଗୋଳ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ରଜନୀକାନ୍ତ ସିଂହ
(ମଣ୍ଟୁଭାଇ)
ପୂର୍ବତନ ଉପବାଚସ୍ପତି, ଓଡ଼ିଶା ବିଧାନସଭା,
ପୂର୍ବତନ ମନ୍ତ୍ରୀ, ଖଣି ଓ ଇସ୍ପାତ,
ପୂର୍ବତନ ବିଧାୟକ,
ଅନୁଗୋଳ ନିର୍ବାଚନମଣ୍ଡଳୀ, ଅନୁଗୋଳ

ପବିତ୍ର ଗଜଲକ୍ଷ୍ମୀ ପୂଜାର
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ଅର୍ଜୁନ କୁମାର ସାହୁ
ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି

'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେଚ୍ଛା ବାର୍ତ୍ତା
SHREE LAXMI INDUSTRIAL HOUSE
(A House of Industries Solution)
Ramesh Saha MOB.- 7894432162
Keshav Saha MOB.- 9178160217
adar FONTECH, wilo Mather+Platt, HEX, BAJAJ indef, CHAMPION, MENNEKES, Raychem, HALONIX, POLYCAB WIRES & CABLES, FLEXCO, JK Fenner, KAYCEE, Demech Chemical, Leak-Proof Engineering, MICROTEK

ଶୁଭେଚ୍ଛା ବାର୍ତ୍ତା
ନିଜସ୍ୱ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୯ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର ପ୍ରସାରଣ ଜାରି ରଖୁ ଏହା ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।
ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ସୌର୍ଯ୍ୟ ରଞ୍ଜନ ମହାନ୍ତି (ଟିଟନ)
ଉପାଧ୍ୟକ୍ଷ, ପୌରପରିଷଦ, ଖୋର୍ଦ୍ଧା
ମୋ.: ୯୪୩୮୧୭୯୦୪୩

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀମତୀ କଳ୍ପମୟୀ ପ୍ରଧାନ
ଚେୟାରମ୍ୟାନ
ଓମ୍ ବିଦ୍ୟାଭାରତୀ ଆବାସିକ ମହାବିଦ୍ୟାଳୟ ସମୂହ
ଇକୋ ପାର୍କ ନିକଟ, ଶିକ୍ଷକପଡ଼ା, ଅନୁଗୋଳ

ପବିତ୍ର
ଗଜଲକ୍ଷ୍ମୀ ପୂଜା
ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା
ପ୍ରତାପ ଚନ୍ଦ୍ର ପ୍ରଧାନ
ବିଧାୟକ, ଅନୁଗୋଳ

ଓଡ଼ିଶାରେ ଘରେଘରେ ପରିଚିତ ସବୁଠୁ ସ୍ୱାଦ ସବୁଠୁ ଟେଷ୍ଟି
ରୋଷେଇଶାଳରେ ମହିଳାମାନଙ୍କର ସବୁଠୁ ନିର୍ଭରଯୋଗ୍ୟ
ମା' ମସଲା
MAA SPICES
MAA MASALA
ଖାଇବାରେ ଆଣିଦିଏ ଅସଲି ମଜା
'ସମୟ'ର ୨୯ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶାର ଅଗଣିତ ଜନସାଧାରଣଙ୍କୁ ମା' ମସଲା ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ଦୀର୍ଘାୟୁ ହୁଅନ୍ତୁ, ଏତିକି ମା' ମାସଲା ପରିବାର ପକ୍ଷରୁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଘରକୁ ଥରେ ନିଅନ୍ତୁ ସ୍ୱାଦିଷ୍ଟ ଖାଦ୍ୟର ମଜା ନିଅନ୍ତୁ
The Annupurna Agrow Pvt. Finance Ltd.

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀଯୁକ୍ତ ରୁଦ୍ରନାରାୟଣ ପାଣି
ମାନ୍ୟବର ସାଂସଦ (ଲୋକସଭା)
ଢେଙ୍କାନାଳ

'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନୁଗୋଳ ଜିଲ୍ଲାର ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ।
ଅଭିନନ୍ଦନ
ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନ
Angul District Private School's Federation Under ADPSF Welfare Trust, Angul
— ଶୁଭେଚ୍ଛା ସହ —
ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ସମସ୍ତ ସଦସ୍ୟ ଓ ସଦସ୍ୟା ବୃନ୍ଦ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଲକ୍ଷ୍ମୀ ଜୁଏଲର୍ସ
Laxmi Jwellelers
GOLD, DIAMOND, SILVER
Bazar Chhak, ANGUL

## ବଜ୍ରପାତରେ ୨ଗାଈ ମୃତ

ରାଜକନିକା ,(ସବ୍ୟୁ) : ରାଜକନିକା ବ୍ଲକରେ ଲଗାତାର ତିନିଦିନ ହେବ ବଜ୍ରପାତ ସାଙ୍ଗକୁ ବର୍ଷା ନାକେଦମ କଲାଣି ଜନଜୀବନକୁ । କେତେ ବେଳେ ଲୋକେ ସୋଇଥିବା ଅବସ୍ଥାରେ ତ ଆଉ କେତେବେଳେ ଅପରାହ୍ନରେ ଲଗାତାର ଦୁଇ ଘଣ୍ଟା ଧରି ଘଡଘଡି ସାଙ୍ଗକୁ ଚଡ଼ଚଡି ଆକାଶରେ ବର୍ଷୁଥିବା ବେଳେ କିଏ ଗୃହ ପାଳିତ ପଶୁତ ଆଉ କିଏ ଘର କରଣା ସାମଗ୍ରୀ ଏମିତି କ୍ଷତି ହେଉଥିବା ବେଳେ ଆଜି ବାଜପାତ୍ରରେ ରାଜକନିକା ବ୍ଲକ ଅନ୍ତର୍ଗତ ଜାଗୁଲାଇପଡା ପଞ୍ଚାୟତ ର ଲଙ୍ଗଲଭଞ୍ଜ ଗାଁର ନିରାକାର ନାୟକଙ୍କର ଗୋଟେ ଗାଈ ଓ ମୁରଲୀଧର ମହାପାତ୍ରଙ୍କର ଗୋଟି ଏ ଗାଈ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ତେବେ ଏହି ଦୁଇଜଣ ବ୍ୟକ୍ତି ଗାଈ ପାଳନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । ସେମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

# ୩ ହାଇୱେ଼ ଲୁଟେରା ଓ ୩ ସହଯୋଗୀ ଗିରଫ



ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ ହାଇୱେ଼ ଲୁଟେରା ଓ ୩ ଜଣ ସହଯୋଗୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୪୬ ଗ୍ରାମ ସୁନା, ଏକ ନମ୍ବର ବିହୀନ କଳାପଲସର ବାଇକ,ଗୋଟିଏ ଭୁଜାଲି, ନଗଦ ୭୫୦୦ ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି । ଗିରଫ ମୁଖ୍ୟ ଅଭିଯୁକ୍ତମାନେ ହେଲେ ଭଣ୍ଡାରୀପୋଖରୀ ଥାନା କୋଳିପଦି ଗ୍ରାମର କୃଷ୍ଣ ଦାସ ଓରଫ ଲକି (୨୪), ଧାମନଗର ଥାନା ନୁଆପଡା ଗ୍ରାମର ବଳରାମ ଦାସ ଓରଫ ବଲିଆ (୨୨) ,ଧାମନଗର ଥାନା ନୁଆପଡା ଗ୍ରାମର ଜଗନ ଦାସ ଓରଫ ଜଗନ(୨୨) ଏବଂ ଏମାନଙ୍କୁ ସହଯୋଗ କରୁଥିବା ଅଭିଯୁକ୍ତମନେ ଧାମନଗର ଥାନା ସୋଡା ଗ୍ରାମର ଅନନ୍ଦ କୁଣ୍ଡୁ(୩୨), ଧାମନଗର ଥାନା ସୋଡା ଗ୍ରାମର ଗୌତମ କୁଣ୍ଡୁ (୫୬) ଓ କେନ୍ଦ୍ରାପଡା ଥାନା ଠାକୁରପାଟଣା ଗ୍ରାମର ଅନନ୍ତ ବେହେରା (୩୮) ବୋଲି ଜଣାପଡିଛି । ଧର୍ମଶାଳା ଥାନାରେ ଏମାନଙ୍କ ନାମରେ ଚଳିତ ବର୍ଷ ଛିନତାଇର ଏକାଧିକ ମାମଲା ରହିଥିବା ବେଳେ ବଡଚଣା, କୁଆଖିଆ, ପାଣିକୋଇଲି ଓ ଯାଜପୁର ଥାନାରେ ଏମାନଙ୍କ ନାମରେ ଏକାଧିକ କେସ ରହିଛି । ରାସ୍ତାରେ ବାଇକ କିମ୍ବା କାରରେ ଯାଉଥିବା ଯାତ୍ରୀମାନଙ୍କୁ ଏହି ଲୁଟେରାମାନେ ଟାର୍ଗେଟ କରିଥାନ୍ତି । ମାରଣାସ୍ତ୍ର ଦେଖାଇ ଭୟଭିତ କରି ଏମାନେ ଯାତ୍ରୀଙ୍କ ବେକରୁ ସୁନା ଚେନ ଓ କାନଫୁଲ ଆଦି ଛଡେଇ ନେଇଥାନ୍ତି । ତେବେ ଏକ ଅଜଣା ପଲସର ବାଇକରେ ତିନିଜଣ ଯୁବକ ୧୬ ନଂମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ଧର୍ମଶାଳା ପୁଲିସକୁ ସନ୍ଦେହ ହେବାରୁ ତଙ୍କୁ ଅଟକାଇ ପଚରା ଉଚରା କରିଥିଲା । ହେଲେ ସେମାନେ କିଛି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଫଳରେ ପୁଲିସ ସେମାନଙ୍କୁ ଥାନାରେ ରଖି ପଚରା ଉଚରା କରିବା ପରେ ସେମାନେ ରାସ୍ତାରେ ଯାତ୍ରୀମାନଙ୍କ ଠାରୁ ସୁନା ଅଳଙ୍କାର ଛିନତାଇ କରନ୍ତି ବୋଲି ମାନିଥିଲେ । ସେମାନଙ୍କ ସୂଚନା ଅନୁସାରେ ପୁଲିସ ଧାମନଗର ଥାନା ଅଂଚଳରୁ ସେମାନଙ୍କ ୨ ସହଯୋଗିଙ୍କୁ ଗିରଫ କରିବା ସହ ଚୋରା ସୁନା କିଣିଥିବା କେନ୍ଦ୍ରାପଡା ଥାନା ଅଂଚଳର ଜଣେ ସୁନା ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ତେବେ ଏହି ଛିନତାଇ ଘଟଣାରେ ଅନେକଙ୍କ ସମ୍ପୃକ୍ତି ରହିଛି । ପରବର୍ତୀ ସମୟରେ ସେମାନଙ୍କୁ ଗିରଫ କରାଯିବ ବୋଲି ଅଜି ଧର୍ମଶାଳା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇ କହିଛନ୍ତି । ଅଜିର ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକରୀ ରଞ୍ଜନ କୁମାର ମାଝି ଓ ଏସଆଇ ରମାକାନ୍ତ ନାୟକ ଉପସ୍ଥିତ ରହିଥିଲେ । ଗିରଫ ୬ ଅଭିଯୁକ୍ତଙ୍କୁ ଅଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ପୁଲିସ ସୂଚନା ଦେଇଛି ।

## ଗଣକବିଙ୍କ ସାଧନା ପୀଠ ଠାରେ ସାହିତ୍ୟ ମହୋତ୍ସବ

କୁଆଁପାଳ ,(ସବ୍ୟୁ) : ଓଡିଶା ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ତଥା ଗଣ ମାନସର କବି ଗଣକବି ବୈଷ୍ଣବ ପାଣିଙ୍କ ୧୪୩ ତମ ଜୟନ୍ତୀ ଉତ୍ସବ ଓ ସାହିତ୍ୟ ସଭା କବିଙ୍କ ସାଧନା ପୀଠ ମାହାଙ୍ଗା ବ୍ଲକ ମାଳିହତାସ୍ଥିତ କ୍ଷେତ୍ରପାଳିନୀ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ପ୍ରାଧ୍ୟାପକ ତଥା କବି ଗିରିଜା ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସଂଗୀତକାର ଲକ୍ଷ୍ମୀ ନାରାୟଣ ପୁରୋହିତ ଯୋଗଦେଇଥିବାବେଳେ ମୁଖ୍ୟବକ୍ତାଭାବେ ପ୍ରାକ୍ତନ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି,ସମ୍ମାନିତ ଅତିଥିଭାବେ ଶିଶୁ ସାହିତ୍ୟିକ ପ୍ରଦ୍ୟୁମ ସିଂ ଚିନ୍ଦା ,ସମାଜସେବୀ ଦିଲୀପ କୁମାର ରାଉତ,ପ୍ରାକ୍ତନ ଅଧ୍ୟାପକ ଯତିନ୍ଦ୍ର ରାଉତ,ପାଣି ଗବେଷକ ଡଃ ଅସିତ କୁମାର ମହାପାତ୍ର ,ସାମ୍ବାଦିକ ତାପସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ ବିଭିନ୍ନ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପୂର୍ବତନ ଶିକ୍ଷକ ତଥା ବିଶିଷ୍ଟ କଳାକାର ନିଗମାନନ୍ଦ କରଙ୍କଚ ଚଳିତ ବର୍ଷ ପାଣି ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ବିଜୟ କୁମାର ବରାଳ ଓ ସାଥିଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିବାବେଳେ ସନ୍ତୋଷ କୁମାର ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଫୁଲ୍ଲ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । କ୍ଷେତ୍ରପାଳିନୀ ପାଠାଗାର ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ପରିଚାଳିତ ହୋଇଥିଲା ।

## ଗଣପତି ମଧୁବୈଶ୍ୟ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା ,(ସବ୍ୟୁ) : ଗଣପତି ମଧୁବୈଶ୍ୟ ସମାଜ ସାଲେପୁର-ନିଶ୍ଚିନ୍ତକୋଇଲି-ମାହାଙ୍ଗା ତରଫରୁ ମାହାଙ୍ଗା ବ୍ଲକର ଗୋତରା ପଂଚାୟତସ୍ଥିତ ଆପିଲୋ ଗ୍ରାମରେ ରାମଚନ୍ଦ୍ର ସାହୁଙ୍କ ସାନଭାଇ ବିପିନ ବିହାରୀ ସାହୁଙ୍କ ବିୟୋଗରେ ସ୍ମୃତିଚାରଣ ସଭା ମଧୁବୈଶ୍ୟ ସମାଜର ସଭାପତି ଦୈତାରୀ ସାହୁଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍‌ପରେ ମଧୁବୈଶ୍ୟ ସମାଜର ସହସଂପାଦକ ମନୋଜ କୁମାର ସାହୁ ଦିବଂଗତ ଆତ୍ମାଙ୍କ ସ୍ମୃତିଚାରଣ କରିବା ସହିତ ଅତିଥିପରିଚୟ ପ୍ରଦାନ କରିଥିଲେ ତତ୍‌ପରେ ସ୍ୱର୍ଗତ ସାହୁଙ୍କ ବନ୍ଧୁ ପରିବାରବର୍ଗ ତରଫରୁ ସ୍ମୃତିଚାରଣ କରାଯାଇଥିଲା। ଅନୁଷ୍ଠାନର ସଂପାଦକ କ୍ଷୀରୋଦ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମଲ୍ଲ, ସଂଗଠନର ସଂପାଦକ ନଗେନ୍ଦ୍ରନାଥ ସାହୁ, ସ୍ମୃତିଚାରଣ ସଭାରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମଧୁବୈଶ୍ୟ ସମାଜର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ କବି କୁଳମଣି ସାହୁଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ପରିଶେଷରେ ଅନୁଷ୍ଠାନର ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଭ୍ୟ ଜାତି ସାରଥି ଧନେଶ୍ୱର ସାହୁଙ୍କ ସୁପୁତ୍ର ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣପତି ମଧୁବୈଶ୍ୟ ସମାଜର ସଭ୍ୟସଭ୍ୟା ଓ ସ୍ୱର୍ଗତ ବିପିନ ବିହାରୀ ସାହୁଙ୍କର ସହପାଠୀ ଏବଂ ପରିବାର ବର୍ଗ ଉପସ୍ଥିତ ରହିଥିଲେ।

## ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ କଲମ ଛାଡ ଆନ୍ଦୋଳନ



ଚଣ୍ଡିଖୋଲ, (ସବ୍ୟୁ) ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାକୁ ନେଇ ଓଡିଶା ରାଜ୍ୟ ଆଇନଜିବୀ ପରିଷଦ ଆହ୍ୱାନ କ୍ରମେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ବୁଧବାର କଲମ ଛାଡ ଆନ୍ଦୋଳନ ହୋଇଥିଲା । ଏଥିରେ ସମସ୍ତ ଆଇନଜିବୀ ଯୋଗଦେଇ କୋର୍ଟ କାର୍ଯ୍ୟରୁ ବିରତ ରହିଥାଇ । ବାର ଆସୋସିଏସନ ସଭା ଗୃହରେ ସଭାପତି ସୁରେଶଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଆୟୋଜିତ ହୋଇଥିଲା । ଶ୍ରୀପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯିବା ପ୍ରତିବାଦରେ ରାଜ୍ୟ ଆଇନଜୀବୀ ପରିଷଦ ଗ୍ରହଣ କରିଥିବା ଆଭିମୁଖ୍ୟ ଓ ଦାବି ସମ୍ପର୍କରେ ସମ୍ପାଦକ ପ୍ରକାଶକୁମାର ଦାଶ ଅବଗତ କରିବା ସହ ରାଜ୍ୟରେ ଆଇନଜୀବୀ ମାନଙ୍କ ପାଇଁ ସୁରକ୍ଷା ବିଲ ପ୍ରଣୟନ କରିବା ସମ୍ପର୍କରେ ଦାବି କରିଥିଲେ । ସଭ୍ୟ ସଭ୍ୟା ମାନଙ୍କ ନିଷ୍ପତ୍ତି କ୍ରମେ ପ୍ରତିକାତ୍ମକ ପ୍ରତିବାଦ ସ୍ୱରୂପ କୋର୍ଟ ପରିସରରୁ ଚଣ୍ଡିଖୋଲ ଛକ ପର୍ଯ୍ୟନ୍ତ ଏକ ନିରବ ଶୋଭାଯାତ୍ରା କରାଯିବା ସହ ଏଥିରେ ସମସ୍ତ ଆଇନଜୀବୀ ସାମିଲ ହୋଇଥିଲେ । ଏଥିରେ ପୂର୍ବତନ ସଭାପତି ଶରତ ଷଡଙ୍ଗୀ, ଦେବରାଜ ବେହେରା,ଜନ ବେହେରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଉଦୟନାଥ ସାହୁ, ପ୍ରେମାନନ୍ଦ ବେହେରା ନିରଞ୍ଜନ ସାମଲ, ନଳିନୀ କାନ୍ତ ମିଶ୍ର, ଶ୍ରୀକାନ୍ତ ବଳ, ଯୁଗ୍ମ ସଂପାଦକ ସିରିଶ ସାମଲ, ପବିତ୍ର କର, କର୍ମକର୍ତ୍ତା ବୀରେନ୍ ବିଶ୍ୱାଳ, ଦୀନବନ୍ଧୁ ନାୟକ, ଆଶିଷ ମହାପାତ୍ର, ପ୍ରିୟ ଗୋବିନ୍ଦ ଦାସ, ବେବିନା ଓଝା, ଚିନ୍ମୟ ସ୍ୱାଇଁ, ସମ୍ବି ମହାପା୍ତ,ପୁରଷ୍ତମ ନାୟକ, ଅଶୋକ ଜେନା ,ବିଜୟ ରାଉଳ, ନିଗମାନନ୍ଦ ପାତ୍ର, ଉଦୟ ସାହୁ, ସୁଦର୍ଶନ ଘଡାଇ, ସୁଢ଼ଲ କବି, ପ୍ରତିମା ସାହୁ, ଲୋମାରାଣୀ ନାୟକ,ଲକ୍ଷ୍ମୀପ୍ରିୟା ବେହେରା,ସୁଜାତା ଦାସ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ ସହ ସୁନାଚେନ ଲୁଟେରାଙ୍କୁ ଠାବ କଲା ପୋଲିସ

ଯାଜପୁର ,(ସବ୍ୟୁ) : ଯାଜପୁର ସହରରେ ଚୋରୀ ଡକାୟତି ରାହଜାନି ବୃଦ୍ଧି ପାଉଥିବାରୁ ଯାଜପୁର ପୋଲିସର ମୁଣ୍ଡ ବ୍ୟଥା କାରଣ ସାଜିଥିବା ବେଳେ ଗତ ୫ ତାରିଖରେ ପାଣି ମଟର, ଏସିର ତମ୍ବା ପାଇପ ପାଣିଟ୍ୟାପ ପ୍ରଭୃତି ଚୋରୀ ଘଟଣାରେ ୬ଜଣ ଅପରାଧୀଙ୍କୁ ଧରିଥିବା ବେଳେ ବିଭିନ୍ନ ସ୍ଥାନରେ ମହିଳା ମାନଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଥିବା ଅଭିଯୋଗରେ ପୁଣି ଗତକାଲି ରାତିରେ ୩ ଚୋରଙ୍କୁ ଧରିଛି ଟାଉନ ପୋଲିସ । ଏହି ଅପରାଧୀ ମାନଙ୍କ ନାମରେ ଆଗରୁ ଏକାଧିକ ଅପରାଧିକା ମାମଲା ଅଛି ବୋଲି ସୂଚନା ଦେଇଛନ୍ତି ଉପ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ମାଝୀ ଓ ଥାନା ଅଧିକାରୀ ଡ଼ିଏସପି ଶରତ ଚନ୍ଦ୍ର ପାତ୍ର । ସୂଚନା ଅନୁଯାଇ ଏହି ଅପରାଧୀ ମାନେ ହେଉଛନ୍ତି ଯାଜପୁର ଜିଲ୍ଲା ମାଳାଆନ୍ଦପୁର ଅଂଚଳର । ତେବେ ଏହି ଅପରାଧୀମାନେ ସୁଯୋଗ ଦେଖି ମହିଳାମାନଙ୍କ ବେକରୁ ସୁନା ହାର ଛିଣ୍ଡାଇଥାନ୍ତି । ସେମାନଙ୍କ ନିକଟରୁ ୪ ଗୋଟି ସୁନା ଚେନ ଓ ୩ଟି ମଟର ସାଇକେଲ ଜବଦ କରିଛି ପୋଲିସ । ଏମାନଙ୍କ ସହିତ ମୁଖ୍ୟ ଅଭିଯୁକ୍ତ କୁ ଆଗାମୀ ଦିନରେ ଖୁବ ଶୀଘ୍ର ଧରିବାରେ ସମର୍ଥ ହେବ ବୋଲି ସୂଚନା ଦେଇଛନ୍ତି ଉପ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ମାଝୀ । ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଙ୍କ ନେତୃତ୍ୱ ରେ ଚୋର ମାନଙ୍କୁ ଠାବ କରିବାରେ ସଫଳ ହେଉଥିଲେ ମଧ ଦିନ କୁ ଦିନ ଚୋରି, ଡକାଇତି ଓ ରାହାଜାନି ଭଳି ଘଟଣା ପୋଲିସ ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

## ପ୍ରାତଃ ଭ୍ରମଣରେ ଚାଲିଗଲା ଶିକ୍ଷକଙ୍କ ଜୀବନ



ସାଲେପୁର ,(ସବ୍ୟୁ) : ଭୋର ସମୟରେ ନଇଗୁଆଁ ରୋଡ଼ରେ ରହୁଥିବା ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଦାରିଆପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ କୁମାର ମହାରଣା ପ୍ରାତଃ ଭ୍ରମଣ ରେ ଯାଉଥିବା ବେଳେ ଶିଶୁଆ ବଜାର ମଧରେ ରାସ୍ତାରେ ପଛ ପଟରୁ ଆସୁଥିବା ଏକ ଟ୍ରକର ଚକା ବାହାରି ଆସି ଶ୍ରୀ ମହାରଣାଙ୍କ ଦେହରେ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ସେ ଗୁରୁତର ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡି ଯାଇଥିଲେ । ସ୍ଥାନୀୟ ଲୋକମାନେ ଅଗ୍ନିଶମ ବାହୀନି ସହାୟତାରେ ସାଲେପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ । ଅବସ୍ଥା ଅଧିକ ଗୁରୁତର ହେବାରୁ ସେଠାରେ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ । ପରିବାର ଲୋକ ତାଙ୍କୁ ନେଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ସେ ଏକା ଧାରରେ ଜଣେ ଭଲ ଶିକ୍ଷକ,ବଂଶୀ ବାଦକ,ଲେଖକ ଥିଲେ । ତାଙ୍କ ମୃତ୍ୟୁରେ ସାଲେପୁର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ମୃତ୍ୟୁରେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହିରା ଲାବଣ୍ୟବତୀ ବେହେରା, ପ୍ରାକ୍ତନ ବି ଇ ଓ ଜଗବନ୍ଧୁ ଶତପଥୀ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, କଟକ ଜିଲ୍ଲା ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ,ଅବସର ପ୍ରାପ୍ତ ଶିକ୍ଷକ ହରେକୃଷ୍ଣ କାଣ୍ଡି, ସାଲେପୁର ସି ଆର ସି ସି ଦେବ୍ରତ ଦାଶ, ପ୍ରାକ୍ତନ ସି ଆର ସି ସି ଅନ୍ତର୍ଯ୍ୟାମୀ ଭୋଳ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ବଜ୍ରାଘାତରେ ମୃତ

ମହାକାଳପଡ଼ା ,(ସବ୍ୟୁ) : ମହାକାଳପଡ଼ା ବ୍ଲକ ଅଧୀନ କଂସାର ବଡ଼ ଦାଣ୍ଡୁଆ ପଂଚାୟତ ଅନ୍ତର୍ଗତ ବଗଗହଣ ଗାଁ ରେ ଘଟିଛି ଅଭାବନୀୟ ଘଟଣା । ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳ ବଗଗହଣ ର ନିଳକମଲ ମାଇତି ସବୁଦିନ ଭଳି ଆଜି ବି ଘର ପାଖ ପଡିଆରେ ଗାଈ ଚରିବାକୁ ବାନ୍ଧିଥିଲେ । ମଧ୍ୟାହ୍ନ ରେ ଝଡ଼ ବର୍ଷା ଆସିବାରୁ ବନ୍ଧା ହୋଇଥିବା ଗାଈକୁ ଘରକୁ ଆଣିବାକୁ ଯାଇଥିଲେ । ମାତ୍ରୁ ଯିବା ବାଟରେ ବଜ୍ରାଘାତର ଶିକାର ହୋଇଥିଲେ । ପରିବାର ଲୋକେ ତତକ୍ଷଣାତ ଆମ୍ବୁଲାନ୍ସ ଯୋଗେ ନିଳକମଲଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାର ଜଣାପଡିଛି । ଖବର ପାଇଁ ପଂଚାୟତ ର ସମିତି ସଭ୍ୟ ରାମଚନ୍ଦ୍ର ରାଉତ ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାର ନିକଟରେ ପହଂଚି ସାନ୍ତ୍ୱନା ଦେବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବିକରନ୍ତି ।

## ୧୦୮ ଅମ୍ବୁଲାନ୍ସ ଓ କାର ଦୁର୍ଘଟଣାରେ ୨ ଆହତ

ଧର୍ମଶାଳା,୭ । ୧୦(ସ ବ୍ୟୁ): ଧର୍ମଶାଳା ଥାନା କୋତପୁର ଫାଣ୍ଡିସ୍ଥିତ ଗଡା ନିକଟରେ ବନ୍ଧ ତଳୁ ଉଠି ଆସୁଥିବା ଏକ କାର ସହ ୧୦୮ ଅମ୍ବୁଲାନ୍ସର ମୁହାଁମୁହିଁ ଧକ୍କ ହେବା ଫଳରେ ଉଭୟ ଗାଡିର ଚାଳକ ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ବରୀ ଅଂଚଳର ଓଡି-୦୨-ଇଜେ- ୬୭୭୨ ନମ୍ବର ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ବନ୍ଧଡିହରୁ ଏକ ରୋଗୀକୁ ଆଣି ଧର୍ମଶାଳା ମେଡିକାଲରେ ଛାଡି ଫେରୁଥିବା ବେଳେ କୋତପୁର ଗଡା ନିକଟରେ ତଳୁ ବନ୍ଧ ରାସ୍ତାକୁ ଉଠୁଥିବା ଓଡି ୦୨- ସିଟି- ୨୮୯୮ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ଗାଡିର ସାମନା ପଟ କ୍ଷତି ହୋଇଥିବା ବେଳେ ୧୦୮ ଆମ୍ବୁଲାନ୍ସ ଓ କାର ଚାଳକ ଦ୍ୱୟ ସାମାନ୍ୟ ଆହତ ହୋଇଛନ୍ତି । ଖବର ପାଇ କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସେଠାରେ ପହଁଚି ଉଭୟ ଗାଡିକୁ ରାସ୍ତାରୁ ହଟଇବା ସହ ଉଭୟ ଗାଡିର ଡ୍ରାଇଭରଙ୍କୁ କୋତପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି ।

## ଅବକାରୀ ବିଭାଗ ନିଦ୍ରାରେ

ରଘୁନାଥପୁର,(ସବ୍ୟୁ): ଜଗତସିଂହପୁର ଅବକାରୀ ବିଭାଗ ଅଧିନରେ ଲାଇସେନ୍ସ ପ୍ରାପ୍ତ ଠିପିବନ୍ଦ ମଦ ଦୋକାନରେ ସରକାରଙ୍କର ସମସ୍ତ ନିୟମକୁ ନମାନି ମନଇଚ୍ଛା ମଦ ବ୍ୟବସାୟ କରୁଅଛନ୍ତି। ଏହି ଦୋକାନରେ ଠିପିବନ୍ଦ ବିଦେଶୀ ମଦ ବିକ୍ରି କରିବାପାଇଁ ଲାଇସେନ୍ସ ଦିଆଯାଇଥିବା ବେଳେ ଏଠାରେ ଲୋକମାନେ ମଦକିଣି ସେହିଠାରେ ପିଇ ରାସ୍ତାରେ ଗଡୁଛନ୍ତି। କଟକ-ପାରାଦ୍ୱୀପ ରାଜ୍ୟ ରାଜପଥକୁ ଲାଗି ଏହି ଠିପିବନ୍ଦ ମଦ ଦୋକାନଟି ଖୋଲା ଯାଇଥିବାରୁ ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ସ୍କୁଲ, କଲେଜକୁ ପାଠ ପଢିବାକୁ ଯାତାୟତ କରୁଛନ୍ତି। ମଦ୍ୟପି ମାନେ ସେଠାରେ ମଦ ପିଇ ଝିଅମାନଙ୍କୁ ଅଶ୍ଳୀଳ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏପରିକି ସ୍ୱଷ୍ଟଦିବାଲୋକରେ ଝିଅ, ବୋହୂ ମାନେ ଏହି ମଦ ଦୋକାନ ଦେଇ ଯାତାୟତ କରିବାକୁ ଭୟ କରୁଛନ୍ତି। ମଦ ଦୋକାନ ସମ୍ମୁଖରେ ପ୍ରତ୍ୟେହ ସନ୍ଧ୍ୟାରେ ଅସାମାଜିକ ମାନଙ୍କର ଆଡାସ୍ଥଳୀ ପାଲଟିଛି। ଅବକାରୀ ବିଭାଗ ଏ ସବୁ ଜାଣି ନୀରବ ରହିଛନ୍ତି। ଠିକ୍ ସେହିଭଳି ରଘୁନାଥପୁର ବ୍ଲକର ବିଭିନ୍ନ ସ୍ଥାନରେ ଚୋରା ମଦର ବନ୍ୟା ସୃଷ୍ଟି ହୋଇଛି। ଏତଦ୍‌ବ୍ୟତୀତ ରଘୁନାଥପୁର ବ୍ଲକ ବିଭିନ୍ନ ସ୍ଥାନରେ ଚରସ ହିରୋଇନ୍ ବା ଧଳଜହରର ଖୋଲା ଖୋଲି ବିକ୍ରି କରାଯାଉଛି। କମ୍ ବୟସର ଯୁବକମାନେ ଏହି ଧଳାଜହର ନିଶାରେ ପଡି ସେମାନଙ୍କର ଜୀବନକୁ ନଷ୍ଟ କରୁଅଛନ୍ତି। ଅବକାରୀ ବିଭାଗ ଏ ସବୁ ଜାଣି ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅବକାରୀ ବିଭାଗ ଓ ପୋଲିସର କାର୍ଯ୍ୟକଳାପ ପ୍ରତି ଜନସାଧାରଣ ସନ୍ଦେହ ସୃଷ୍ଟି କରିଛନ୍ତି। ରଘୁନାଥପୁର ଥାନା ନିକଟରେ ଥିବା ଠିପିବନ୍ଦ ମଦ ଦୋକାନ, ଠିପି ଖୋଲା ମଦ ଦୋକାନରେ ସମସ୍ତ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଉଛି। ତୁରନ୍ତ ଏହି ଦୁଇଟି ଦୋକାନକୁ ରଘୁନାଥପୁର ବଜାର ଠାରୁ ଜନବସତି ଦୂରକୁ ସ୍ଥାନାନ୍ତରିତ କରିବାକୁ ଏ ଅଞ୍ଚଳର ବୁଦ୍ଧିଜୀବି, ସଚେତନ ନାଗରିକ, ନିଶାନିବାରଣ କମିଟି, ଶିକ୍ଷାବିତ୍, ଆଗାମୀ ଓଡିଶା, ସିଦ୍ଧେଶ୍ୱର କ୍ଲବ, ଜୟ ଜଗନ୍ନାଥ କ୍ଲବ, ରଘୁନାଥପୁର ବ୍ଲକ ଉନ୍ନୟନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ନଚେତ୍ ଉପରୋକ୍ତ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

### ହଜାର ହଜାର ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ

## ଜୁଆଣିଆ ସମିତିରେ ନିଯୁକ୍ତି ହୋଇ ପାରୁନାହିଁ ସଂପାଦକ



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅ'ର୍ଗତ ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନିତିର ତଦ' ଓ ଏଥିରେ ସଂପୃକ୍ତ ଥିବା ସଂପାଦକ ଓ ସରପଂଚ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶତାଧିକ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିର୍ଛି । ଏହି ସମବାୟ ସମିତିର ସଂପାଦକ ଓ ସରପଂଚ ଙ୍କ ମଧୁଚନ୍ଦ୍ରିକା ଯୋଗୁ ସମିତିରେ କୋଟି କୋଟି ଟଙ୍କା ଦୁର୍ନିତି ହୋଇଥିବାର ଅଭିଯୋଗ ହେବାପରେ ସ୍ୱତନ୍ତ୍ର ଅଡିଟ ମଧ ସରିଛି । ଏଥି ସହ ସଂପାଦକ ନିଲମ୍ବନ ହେବାପରେ ତାଙ୍କ ସ୍ଥାନରେ ଅନ୍ୟ ସଂପାଦକଙ୍କୁ ନିଯୁକ୍ତି ଦେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ମଧ ଆଜି ପର୍ଯ୍ୟ' ସେଠାରେ ସଂପାଦକ ନିଯୁକ୍ତି ହୋଇପାରୁ ନାହିଁ । ବାରମ୍ବାର ଏ ବିଷୟରେ ଏଆରସିଏସ୍ ଓ ଡିଆରସିଏସ୍‌ଙ୍କୁ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ମଧ ସେଠାରେ ସଂପାଦକ ନିଯୁକ୍ତି ନ ହେବାରୁ ହଜାର ହଜାର ଚାଷୀ ବିଭିନ୍ନ ସରକାରୀ ଯୋଜନା ପାଇବାରୁ ବଂଚିତ ହେଉର୍ଛି । ଏହା ଧେୟାଂଚଳ ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀ ମାନଙ୍କର ସହାୟତା ବୀମା ରାଶି ଓ ଋଣ ପାଇବାର ଅସୁବିଧାର ସମ୍ମୁଖୀନ ହେଉର୍ଛି । ଏ ବିଷୟରେ ଜୁଆଣିଆ ଅଂଚଳବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା, ମାନ୍ୟବର ମୁଖ୍ୟ ସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟାର ସମବାୟ ସମିତି ଓଡିଶା, କଟକ କେନ୍ଦ୍ର ସମବାୟ ସମିତିର ସଂପାଦକ ଆଦିଙ୍କୁ ଅଭିଯୋଗ କରାଯାଇଛି । ପୁନର୍ବାର ଶାତଧିକ ଚାଷୀ ବୁଧବାର ଦିନ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଡିଆରସିଏସ୍ ପ୍ରଭାକର ନାୟକଙ୍କୁ ଭେଟି ତୁର' ଜୁଆଣିଆ କୃଷି ସମବାୟ ସମିତିରେ ସଂପାଦକ ନିଯୁକ୍ତି କରିବା ସହ ଦୁର୍ନିତି ହୋଇଥିବା କୋଟି କୋଟି ଟଙ୍କାରେ ସଂପୃକ୍ତ ଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିର୍ଛି । ଏହି ଆଲୋଚନା ସମୟରେ ପ୍ରଶା' କୁମାର ସାମଲ, ପ୍ରଦିପ କୁମାର ଖିଲାର, ସୁବାସ ଚନ୍ଦ୍ର ଦାସ, ନିରନ ସାମଲ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ




ଜଗତସିଂହପୁର,(ସବ୍ୟୁ): ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦର ଆହ୍ୱାନ କ୍ରମେ ଆଜି ଜିଲ୍ଲା ଓକିଲ ସଂଘ ପକ୍ଷରୁରାଜ୍ୟ ଆଇନଜୀବି ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ କଲମ ଛାଡ ଆନ୍ଦୋଳନ କରିଛନ୍ତି । ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟାକୁ ଦୁର୍ଭାଗ୍ୟଜନକ କହିବା ସହିତ ଓକିଲ ସଂଘ ପକ୍ଷରୁ ଏହାର ଦୃଢ଼ ନିନ୍ଦା କରାଯାଇଥିଲା । ଏହି ଅବସରରେ ସ୍ୱର୍ଗତ ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଶୀଘ୍ର ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଏଥିସହିତ ମୃତ ଆଇନଜୀବିଙ୍କ ପରିବାରକୁ ଏକ କୋଟି ଟଙ୍କାର କ୍ଷତିପୂରଣ ଦାବି ସହିତ ଆଇନଜୀବି ସୁରକ୍ଷା ଆଇନ ପ୍ରଣୟନ ପାଇଁ ଉପସ୍ଥିତ ଆଇନଜୀବି ମାନେ ଦାବୀ କରିଥିଲେ । ବରିଷ୍ଠ ଆଇନଜୀବି ଗୋରାଚାନ୍ଦ୍ କାନୁନଗୋ, ଅତୁଲ୍ୟ ଚନ୍ଦ୍ର ଦାସ, ସୌରୀ ପ୍ରସାଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଶ୍ରୀକାନ୍ତ ନନ୍ଦ, ପୀତାମ୍ବର ପଣ୍ଡା,ଗଗନ ଚନ୍ଦ୍ର ଦାଶ, ସୁବ୍ରତ ଶତପଥୀ, ରବିନ୍ଦ୍ର କୁମାର ସ୍ୱାଇଁ, ଚନ୍ଦ୍ର ଶେଖର ନାୟକ, ସରୋଜ କୁମାର ବିଶ୍ୱାଳ, ପ୍ରସନ୍ନ କୁମାର ମହାନ୍ତି, ନରେଶ ଦାସ,ନାରାୟଣ ମହାନ୍ତି,ସୁରପ୍ରସାଦ ବାରିକ, ସଂଗ୍ରାମ କେଶରୀ ମହାପାତ୍ର, ଆଶୁତୋଷ ଦାସ, ରୁଦ୍ରନାରାୟଣ ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ଦୁଷ୍ମନ୍ତ ବାରିକ, ରଞ୍ଜିତ ବେହେରା, ପ୍ରକାଶ ଚନ୍ଦ୍ର ପ୍ରଧାନ, ଦିପ୍ତେନ୍ଦୁ ଖଟୁଆ, ଯଦୁମଣି ବିଶ୍ୱାଳ, ତ୍ରିଲୋଚନ ସାହୁ,ଶାରଦା ପ୍ରସାଦ ଦାସ, ପ୍ରଶାନ୍ତ କୁମାର ବଡ଼େଇ,ଶରତ ଚନ୍ଦ୍ର ମିଶ୍ର,ଜ୍ଞାନ ରଞ୍ଜନ ମହାନ୍ତି,ରଞ୍ଜିତ ସ୍ୱାଇଁ, ନୃସିଂହ ଚରଣ ବାରିକ,ଯୁଗଳ କିଶୋର ମହାନ୍ତି, ଜୀବନ କୁମାର ଦାସ ପ୍ରମୁଖ ଶତାଧିକ ଆଇନଜୀବି ଯୋଗଦେଇଥିଲେ ।

### ଆଇନଜୀବୀଙ୍କୁ ହତ୍ୟା ମାମଲା

## ୫ କୋଟି ଟଙ୍କା ପରିବାରକୁ କ୍ଷତିପୂରଣ ଦାବି

କେନ୍ଦ୍ରାପଡା ,(ସବ୍ୟୁ) : ରାଜ୍ୟ ବାର କାଉନସିଲ ର ସଦସ୍ୟ ତଥା ବରହ୍ମପୁର ର ବରିଷ୍ଠ ଆଇନଜିବୀ ପିତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରିଥିବା ଘଟଣାର ତୀବ୍ର ନିନ୍ଦା କରାଯାଇ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ଜିଲ୍ଲା ସଂଘର ସଭାପତି ଗୋବର୍ଦ୍ଧନ ରାଉତଙ୍କ ଅଧ୍ୟକ୍ଷତା ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକ ସଭାରେ ବରିଷ୍ଠ ଆଇନଜିବୀ ତଥା ସଂପାଦକ ନୃସିଂହ ଚରଣ ରାଉତଙ୍କ ସମେତ ଧୃବଚରଣ ଜେନା, ଭୀମସେନ ଭୂୟାଁ, ହାଡିବନ୍ଧୁ ସିଂହ, ନିରନ ବଳ, ରମଣୀ ରନ ରାଉତରାୟ, ସେକ ଅଜିମୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ପରିବାର କୁ ୫ କୋଟି ଟଙ୍କା କ୍ଷତିପୁରଣ ଦେବାପାଇଁ ଦାବି କରାଯାଇଛି । ଏଥି ସହିତ ଆଇନଜିବୀ ମାନଙ୍କର ନିରାପତା ଦୃଷ୍ଟିରୁ ତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଛି । ଆସ'। ୨ ଦିନ ମଧରେ ହତ୍ୟାକାରୀକୁ ଗିରଫ ନକଲେ ଓକିଲ ସଂଘ ରାଜରାସ୍ତା କୁ ଓହ୍ଲାଇବ ବୋଲି ଜଣାପଡିଛି । ଦାବିପତ୍ର ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ମୁଖ୍ୟ ବିଚାରପତି ଙ୍କ ଉଦ୍ଦେଶ୍ୟରେ ବିଚାର ବିଭାଗୀୟ ତଦ' କରିବାକୁ ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରଫୁଲ୍ଲ କୁମାର ସାହୁ, ନେହେରୁ କୁମାର ସାହୁ, ମମତାମୟୀ ସାମଲ, ରେଣୁବାଳା ସାମଲଙ୍କ ସମେତ ସମସ୍ତ ଆଇନଜିବୀ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର



ଗଣିଆ, (ସବ୍ୟୁ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ସଦଭାବନା ଗୃହରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ସମଗ୍ର ଶିକ୍ଷା ସମ୍ପର୍କରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର ପ୍ରୀତିବଝଳା ରଣା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସମୀକ୍ଷା କରାଯାଇଥିଲା । ମନରେଗା ଯୋଜନାରେ କେଉଁଠି ନାଗରିକ ସୂଚନା ଫଳକ ନାହିଁ ତ ଆଉ କେଉଁଠି କାଗଜ ପତ୍ର ଠିକ ନଥିବା ଅଡିଟ ରିପୋର୍ଟ ରେ ପ୍ରକାଶ ପାଇଥିଲା । ବିଶେଷ କରି ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗ ରେ ଅନେକ ତ୍ରୁଟି ଓ ବିଭାଗୀୟ ଅଧିକାରୀ ଙ୍କ ଅବହେଳାକୁ ନେଇ ନୟାଗଡ଼ ଏ ପି ଡି ଆଇ କର୍ଣ୍ଣ ଲାକ୍ରା ଓ ଲୋକପାଳ ଗିରିଶ ଚନ୍ଦ୍ର ଦାସ କ୍ଷୋଭ ପ୍ରକାଶ କରିଥିଲେ । ଏଥିସହ ସମସ୍ୟା ର ସମାଧାନ ନ କଲେ ଦଣ୍ଡ ଗଣିବା ପାଇଁ ଚେତାବନୀ ଦେଇଥିଲେ । ଅନ୍ୟ ପକ୍ଷେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ଗୁଡ଼ିଏ ତ୍ରୁଟି ହୋଇଥିବା ଅଡିଟ ରିପୋର୍ଟ ରେ ତଥ୍ୟ ପ୍ରକାଶ ପାଇଥିଲା । ମୃତ ବ୍ୟକ୍ତି ଓ ବିବାହ ପରେ ମଧ ବିବାହିତ ସରକାରୀ ଚାକିରିଆ ମହିଳା ଙ୍କ ନାମରେ ରାସନ ଚାଉଳ ହଡ଼ପ କୁ ନେଇ ଶିବିରରେ ଅଡିଟ ରିପୋର୍ଟ ରେ ତଥ୍ୟ ପ୍ରକାଶ ପାଇଥିଲା । ଯାହାକୁ ନେଇ ଜିଲ୍ଲା ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତ୍ରୁଟ ଏ ଦିଗରେ ସମାଧାନ କରିବା ପାଇଁ ପଞ୍ଚାୟତ ପି ଇ ଓ ଏଂ ଡାଟାଏଣ୍ଟ୍ରି ଅପରେଟର ଓ ସରପଞ୍ଚ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆୟୋଜିତ ଏହି ଶିବିରରେ ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ଉପାଧ୍ୟକ୍ଷ ରାଜ କିଶୋର ସାହୁ, ଏ ପି ଓ ଇତିଶ୍ରୀ ଦାସ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ କଲ୍ୟାଣୀ ସ୍ୱାଇଁ ଙ୍କ ସମେତ ଭି ଆର୍ ପି, ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## କୁମାର ପୂର୍ଣ୍ଣିମାରେ କବିତା ପାଠ

ସାକ୍ଷୀଗୋପାଳ,(ସବ୍ୟୁ): ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସତ୍ୟବାଦୀରେ କବିତା ପାଠ ଓ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୦ ଜଣ କବି, କବୟିତ୍ରୀ ଓ ସାହିତ୍ୟ ଅନୁରାଗୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିବା ସହିତ କୁମାର ପୂର୍ଣ୍ଣିମାର ସାଂସ୍କୃତିକ ଓ ଧାର୍ମିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ବିଜୟ କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଅଧକ୍ଷ ବୃନ୍ଦାବନ ଚନ୍ଦ୍ର ରଥ ଉଦ୍ଘାଟନ କରିଥିଲେ । କବିତା ପାଠ ସଂଯୋଜନା କରିଥିଲେ କବି ମାନସ ରଞ୍ଜନ ପଟ୍ଟନାୟକ ଓ ଚିତ୍ତ ବିଶାଳ । ନୃତ୍ୟ ପରିବେଷଣ କରିଥିଲେ ଶିଶୁ କଳାକାର ଅନନ୍ୟା ସାହୁ । ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫୁଲ୍ଲ କୁମାର ପଣ୍ଡା।

# କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ ନୂତନ ଜିଏସ୍‌ଟି ହାର

କେନ୍ଦ୍ର ସରକାରଙ୍କ ପାଇଁ କୃଷକ କଲ୍ୟାଣ ସଦା ସର୍ବୋଚ୍ଚ ପ୍ରାଥମିକତା । ଚାଷକୁ ସହଜ କରି ଉତ୍ପାଦନ ଖର୍ଚ୍ଚକୁ କମାଇବା ଏବଂ କୃଷକମାନେ ଯେପରି ସର୍ବାଧିକ ଲାଭ ଅର୍ଜନ କରିବେ, ସେଥିପାଇଁ ସରକାର ନିରନ୍ତର ପ୍ରୟାସରତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟ ହେଉଛି, କୃଷକମାନଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣି, କୃଷିକୁ ଆଧୁନିକତାର ନୂତନ ସୀମାନ୍ତକୁ ନେବା । କୃଷକମାନେ ସର୍ବଦା ତାଙ୍କ ନିଷ୍ପତ୍ତି, ନୀତି ଏବଂ ଯୋଜନାର କେନ୍ଦ୍ରରେ ରହିଛନ୍ତି । ଜିଏସଟି ପରିଷଦ ଦ୍ୱାରା କରାଯାଇଥିବା ସାମ୍ପ୍ରତିକ ସଂଶୋଧନ ଏହି କୃଷକ-ଅନୁକୂଳ ଆଭିମୁଖ୍ୟକୁ ପ୍ରତିଫଳିତ କରେ । ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରର ସଙ୍କଳ୍ପ ଏବେ ଏକ ନୂତନ ଭାରତର ସମୃଦ୍ଧିର ମୂଳଦୁଆ ପାଲଟିଛି । ଦେଶର ସାଧାରଣ ଲୋକ ଏବଂ କୃଷକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ, ଜିଏସଟି ହାରରେ ବ୍ୟାପକ ସଂସ୍କାର କରାଯାଇଛି । ଏହି ସଂସ୍କାରଗୁଡ଼ିକ କୃଷି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବ ଏବଂ କୃଷକମାନଙ୍କୁ ପ୍ରଗତି ପ୍ରଦାନ କରିବ । ଏହି ସଂସ୍କାରଗୁଡ଼ିକ ଦେଶର ୧୦ କୋଟିରୁ ଅଧିକ କ୍ଷୁଦ୍ର ଚାଷୀଙ୍କୁ ସିଧାସଳଖ ଲାଭ ପହଞ୍ଚାଇବ । ପୂର୍ବରୁ କୃଷି ଉପକରଣଗୁଡ଼ିକ ଉପରେ ୧୮ ପ୍ରତିଶତ ପର୍ଯ୍ୟନ୍ତ ଜିଏସଟି ଲାଗୁ ହେଉଥିଲା, କିନ୍ତୁ ବର୍ତ୍ତମାନ ଏହି ହାର ମାତ୍ର ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାର ଅର୍ଥ ହେଉଛି ପ୍ରତ୍ୟେକ ଚାଷୀଙ୍କ ପାଇଁ ହଜାର ହଜାର ଟଙ୍କାର ସିଧାସଳଖ ସଞ୍ଚୟ । ଉଦାହରଣ ସ୍ୱରୂପ, ପୂର୍ବରୁ ଜଣେ ଚାଷୀ ୩୫-ହର୍ସପାୱାର ଟ୍ରାକ୍ଟର କିଣିବା ସମୟରେ ପ୍ରାୟ ୬.୫ ଲକ୍ଷ ଟଙ୍କା (ଆନୁମାନିକ) ଖର୍ଚ୍ଚ ହେଉଥିଲା । ବର୍ତ୍ତମାନ, ସମାନ ଟ୍ରାକ୍ଟର ପାଇଁ ପ୍ରାୟ ୬.୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ, ଯାହା ଫଳରେ ଚାଷୀ ପ୍ରାୟ ୪୧,୦୦୦ ଟଙ୍କା ସଞ୍ଚୟ କରିପାରିବେ । ୪୫-ହର୍ସପାୱାର ଟ୍ରାକ୍ଟରରେ ପ୍ରାୟ ୪୫,୦୦୦ ଟଙ୍କା ଏବଂ ୫୦-ହର୍ସପାୱାର ଟ୍ରାକ୍ଟରରେ ୫୩,୦୦୦ ଟଙ୍କା ସିଧାସଳଖ ସଞ୍ଚୟ ହୋଇପାରିବ । ୭୫-ହର୍ସପାୱାର ଟ୍ରାକ୍ଟରରେ ଚାଷୀମାନେ ପ୍ରାୟ ୬୩,୦୦୦ ଟଙ୍କାର ଲାଭ ପାଇବେ । କେବଳ ଟ୍ରାକ୍ଟର ନୁହେଁ, ପାୱାର ଟିଲର୍ ଉପରେ ପ୍ରାୟ ୧୨,୦୦୦ ଟଙ୍କା, ଧାନ ରୋପଣ ମେସିନ୍ ଉପରେ ୧୫,୦୦୦ ଟଙ୍କା ଏବଂ ଥ୍ରେସର୍ ଉପରେ ୧୪,୦୦୦ ଟଙ୍କା ସଞ୍ଚୟ ହେବ । ପାୱାର ୱିଡର୍ସ ଏବଂ ସିଡ୍ ଡ୍ରିଲ୍ ଭଳି ଉପକରଣରେ ପ୍ରାୟ ୫,୦୦୦ ଟଙ୍କାରୁ ୧୦,୦୦୦ ଟଙ୍କା ସଞ୍ଚୟ ହେବ । ନୂତନ ସଂସ୍କାରଗୁଡ଼ିକ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ମେସିନ୍ ଉପଲବ୍ଧ କରାଇବ । ଚାଷୀମାନେ ୧୪ ଫୁଟ କଟର ବାର୍ ଉପରେ ପ୍ରାୟ ୧.୮୭ ଲକ୍ଷ ଟଙ୍କା, ସ୍କୋୟାର ବେଲରରେ ପ୍ରାୟ ୯୪,୦୦୦ ଟଙ୍କା ଏବଂ ଏକ ଷ୍ଟ୍ର ରିପର୍ ଉପରେ ପ୍ରାୟ ୨୨,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ । ମଲ୍ଟର୍, ସୁପରସିଡର୍, ହାପିସିଡର୍ ଏବଂ ସ୍ପ୍ରେୟରଗୁଡ଼ିକ ମଧ୍ୟ ପୂର୍ବ ଅପେକ୍ଷା ଶସ୍ତା ହୋଇଛି । କୃଷିକୁ ଅଧିକ ଲାଭଦାୟକ କରିବା ପାଇଁ ଯାନ୍ତ୍ରିକୀକରଣ ଅତ୍ୟାବଶ୍ୟକ । ସ୍ପ୍ରିଙ୍କଲର, ବୁନ୍ଦା ଜଳସେଚନ, ଅମଳ ମେସିନ୍, ହାଇଡ୍ରୋଲିକ୍ ପମ୍ପ ଏବଂ ଉପାଦାନଗୁଡ଼ିକ ଉପରେ ଟିକସ ହ୍ରାସ ସହିତ, ନାମମାତ୍ର ଚାଷୀମାନେ ମଧ୍ୟ ଆଧୁନିକ ଉପକରଣ ସହଜରେ କିଣିପାରିବେ । ଏହା ଶ୍ରମ ଖର୍ଚ୍ଚ ହ୍ରାସ କରିବ, ସମୟ ବଞ୍ଚାଇବ ଏବଂ ଉତ୍ପାଦକତା ବୃଦ୍ଧି କରିବ । କୃଷି ଖର୍ଚ୍ଚ ହ୍ରାସ କରିବା ଦ୍ୱାରା ସ୍ୱାଭାବିକ ଭାବରେ ଚାଷୀଙ୍କ ଆୟ ବୃଦ୍ଧି ପାଇବ । କମ୍ପାନୀ ଏବଂ ରାଜ୍ୟ ନୀତି ଉପରେ ନିର୍ଭର କରି ସାମାନ୍ୟ ପରିବର୍ତ୍ତନ ସମ୍ଭବ, କିନ୍ତୁ ଏହା ନିଶ୍ଚିତ ଯେ ଚାଷୀଙ୍କ ଖର୍ଚ୍ଚ ହ୍ରାସ ପାଇବ ଏବଂ ସେମାନେ ଲାଭବାନ ହେବେ ।

ଆମେ ନେଉଥିବା ପ୍ରତ୍ୟେକ ପଦକ୍ଷେପ ଚାଷୀଙ୍କ ସମୃଦ୍ଧି ଓ ବିକାଶ ପାଇଁ । ହ୍ରାସ ହୋଇଥିବା ମୂଲ୍ୟରୁ ଚାଷୀମାନେ ତୁରନ୍ତ ଲାଭ ପାଇବା ପାଇଁ ମୁଁ କୃଷି ଯନ୍ତ୍ରପାତି ନିର୍ମାତା ସଂଘର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ମଧ୍ୟ କରିଥିଲି । ଏହି ସଂସ୍କାର କେବଳ ଚାଷୀଙ୍କ ପାଇଁ ନୁହେଁ ବରଂ ସମଗ୍ର ଦେଶର ଆର୍ଥିକ ସମୃଦ୍ଧି ଏବଂ ସ୍ୱାବଲମ୍ବନ ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ । କୃଷି ଖର୍ଚ୍ଚ ହ୍ରାସ କରି, ଚାଷୀମାନେ ସେମାନଙ୍କ ଉତ୍ପାଦରୁ ଅଧିକ ଲାଭ ପାଇପାରିବେ, ସେମାନଙ୍କର ଆୟ ବୃଦ୍ଧି ପାଇବ । ଏହା କ୍ଷୁଦ୍ର ଏବଂ କୁଟୀର ଶିଳ୍ପ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇବ, କାରଣ କଞ୍ଚାମାଲ ସେମାନଙ୍କୁ କମ୍ ଦରରେ ଉପଲବ୍ଧ ହେବ, ଯାହାଦ୍ୱାରା ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ । ଏମଏସଏମଇ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିବ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । କୃଷି ଏବଂ ପଶୁପାଳନ ପରସ୍ପରର ପରିପୂରକ । ମହୁମାଛି ପାଳନ, ଦୁଗ୍ଧ, ପଶୁପାଳନ ଏବଂ ସମବାୟକୁ ଦିଆଯାଇଥିବା ଜିଏସଟି ଛାଡ଼ ଗ୍ରାମୀଣ ଅର୍ଥନୀତିରେ ନୂତନ ସମୃଦ୍ଧି ଆଣିବ । ଯେତେବେଳେ ଚାଷୀଙ୍କ ଖର୍ଚ୍ଚ ହ୍ରାସ ପାଇବ ଏବଂ ସେମାନଙ୍କ ଆୟ ବୃଦ୍ଧି ପାଇବ, ସେମାନେ ସେମାନଙ୍କର ଜୀବନଶୈଳୀ, ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ଅଧିକ ନିବେଶ କରିପାରିବେ, ଯାହା ଜୀବନର ସର୍ବାଙ୍ଗୀନ ବିକାଶକୁ ସକ୍ଷମ କରିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୈବିକ କୃଷି ଏବଂ ପ୍ରାକୃତିକ କୃଷି ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଆଜି, ଯେତେବେଳେ ସମଗ୍ର ବିଶ୍ୱ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ କୃଷି ଆଡକୁ ଅଗ୍ରସର ହେଉଛି, ଆମର କୃଷକମାନଙ୍କ ପାଇଁ ଜୈବ-କୀଟନାଶକ ଏବଂ ସୂକ୍ଷ୍ମ ପୁଷ୍ଟିକର ସାମଗ୍ରୀର ସୁଲଭ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ଧୀରେ ଧୀରେ ଚାଷୀମାନଙ୍କୁ ରାସାୟନିକ ସାର ଉପରେ ନିର୍ଭର କରିବା ପରିବର୍ତ୍ତେ ଜୈବିକ ସାର ବ୍ୟବହାର କରିବାକୁ ଉତ୍ସାହିତ କରିବ । ଏହା ମାଟିର ଉର୍ବରତା ବୃଦ୍ଧି କରିବ, ପୃଥିବୀ ମାତାର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ ଏବଂ କୃଷକମାନଙ୍କର ଖର୍ଚ୍ଚ ହ୍ରାସ କରିବ । ଆମର କୃଷକମାନଙ୍କର ଜମିର ପରିମାଣ କମ୍, ତେଣୁ ଆମେ ସମନ୍ୱିତ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକୁ ଦ୍ରୁତ ଗତିରେ ସେମାନଙ୍କର ଆୟ ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରୁଛୁ । ସରକାର ସ୍ପଷ୍ଟ ଭାବରେ ବିଶ୍ୱାସ କରନ୍ତି ଯେ, କୃଷକମାନଙ୍କ ଜୀବନରେ ସମୃଦ୍ଧି ଆଣିବା ପାଇଁ ମୂଲ୍ୟ ବୃଦ୍ଧି ଅତ୍ୟାବଶ୍ୟକ । ଜିଏସଟି ସଂସ୍କାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଆଶ୍ୱସ୍ତି ପ୍ରଦାନ କରିଛି । ଶୀତଳ ଭଣ୍ଡାର ଏବଂ ପ୍ରକ୍ରିୟାକରଣ ୟୁନିଟ୍ରେ ବୃଦ୍ଧି ପାଇଥିବା ନିବେଶ ନିଶ୍ଚିତ କରିବ ଯେ, କୃଷକମାନଙ୍କର ଉତ୍ପାଦ ଦୀର୍ଘ ସମୟ ପାଇଁ ସୁରକ୍ଷିତ ରହିବ ଏବଂ ପ୍ରକ୍ରିୟାକରଣ ପରେ ଉତ୍ତମ ମୂଲ୍ୟ ମିଳିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସର୍ବଦା କହିଛନ୍ତି ଯେ ସେ ଚାଷୀ, ମତ୍ସ୍ୟଜୀବୀ ଏବଂ ପଶୁପାଳନ ଚାଷୀଙ୍କ ସ୍ୱାର୍ଥ ବିରୁଦ୍ଧରେ କୌଣସି ନୀତି କିମ୍ବା ଚୁକ୍ତିନାମାକୁ ଗ୍ରହଣ କରିବେ ନାହିଁ । ଆଜିର ସଂସ୍କାର ସେହି ସଂକଳ୍ପର ପ୍ରମାଣ । ଏହା ବିଦେଶୀ ସାମଗ୍ରୀ ଉପରେ ଆମର ନିର୍ଭରଶୀଳତା ହ୍ରାସ କରିବ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ'କୁ ଦୃଢ଼ କରିବ । ଆମର ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନେ ଗ୍ରାମୀଣ ଭାରତର ସମୃଦ୍ଧିର ମୂଳଦୁଆ । ଜିଏସଟି ସଂସ୍କାର ଏହି ଗୋଷ୍ଠୀ ଏବଂ ଏମଏସଏମଇ ପାଇଁ ଖର୍ଚ୍ଚ ହ୍ରାସ କରିବ, ଯାହା ଗ୍ରାମ ଏବଂ ସହରରେ କ୍ଷୁଦ୍ର ଶିଳ୍ପର ଅଭିବୃଦ୍ଧି ଆଣିବ । ଗ୍ରାମୀଣ ଶିଳ୍ପ ଏବଂ ଷ୍ଟାର୍ଟଅପ୍ ପାଇଁ ଗ୍ରାମରେ ପ୍ରକ୍ରିୟାକରଣ ୟୁନିଟ୍, ସଂରକ୍ଷଣ ଏବଂ ପରିବହନ ସୁବିଧା ବିକଶିତ କରିବା ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତକୁ ଏକ ନୂତନ ଦିଗଦର୍ଶନ ଦେବ । ଟିକସ ହ୍ରାସ କରିବା ଦ୍ୱାରା ବିକ୍ରୟ ବୃଦ୍ଧି ପାଇବ, ନିଯୁକ୍ତି ସୁଯୋଗ ବୃଦ୍ଧି ହେବ ଏବଂ ଯୁବକମାନେ ନିଜ ଗାଁରେ ରହି ଆତ୍ମନିର୍ଭରଶୀଳ ହେବେ । ମୁଁ ପୂର୍ଣ୍ଣ ବିଶ୍ୱାସ ସହିତ କହୁଛି ଯେ, ଏହି ସଂସ୍କାରଗୁଡ଼ିକ ସ୍ୱଦେଶୀ ମାଧ୍ୟମରେ ସମୃଦ୍ଧିର ପ୍ରତିଶ୍ରୁତି ପୂରଣ କରିବ, ଆମର ଅର୍ଥନୀତିକୁ ଦୃଢ଼ ଅର୍ଥନୀତିରେ ପରିଣତ କରିବ । ଏହି ସଂସ୍କାରଗୁଡ଼ିକ କେବଳ ଟିକସ ହାର ହ୍ରାସ କରିବାର ନିଷ୍ପତ୍ତି ନୁହେଁ, ବରଂ ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ପଶୁପାଳକ ଚାଷୀ, ମତ୍ସ୍ୟଜୀବୀ ଏବଂ କୁଟୀର ଶିଳ୍ପ ନେତାଙ୍କ ଜୀବନରେ ନୂତନ ଶକ୍ତି ସଞ୍ଚୟ କରିବାର ଏକ ମହାନ ପ୍ରୟାସ । 'ସବକା ସାଥ, ସବକା ବିକାଶ' ଏବଂ ଅନ୍ତ୍ୟୋଦୟ ପ୍ରତି ପ୍ରତିବଦ୍ଧତା ସହିତ, ଆମ ସରକାର ପ୍ରମାଣ କରିଛନ୍ତି ଯେ, ଚାଷର ବିକାଶ ଜାତୀୟ ପ୍ରଗତି ସହିତ ସମାନ । ଏଥର, ସମଗ୍ର ଦେଶ ସ୍ୱଦେଶୀ ମାଧ୍ୟମରେ ସମୃଦ୍ଧିର ପ୍ରତିଶ୍ରୁତି ସହିତ ଦୀପାବଳି ପାଳନ କରିବ । ପ୍ରତ୍ୟେକ ଘରେ ଆତ୍ମନିର୍ଭରଶୀଳତାର ଦୀପ ଜଳିବ, କୁଟୀର ଶିଳ୍ପରୁ ଜୟ ସ୍ୱଦେଶୀର ଧ୍ୱନି ପ୍ରତିଧ୍ୱନିତ ହେବ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମର କୃଷକମାନେ ଏକ ବିକଶିତ ଭାରତର ପ୍ରତିଶ୍ରୁତି ପୂରଣ କରିବେ ।



ଶ୍ରୀ ଶିବରାଜ ସିଂହ ଚୌହାନ
କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ, ଭାରତ ସରକାର

***

## କଟକ ଜିଲ୍ଲା ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିଅନସିପ

ବଡମ୍ବା, (ସବ୍ୟୁ): ପ୍ରଥମ ଥର ପାଇଁ କଟକ ଜିଲ୍ଲାର ବିଦ୍ୟାଳୟ ସ୍ତରୀୟ ଭଲ୍ଲିବଲ ଚମ୍ପିୟନସିପୁ ବଡମ୍ବା ବ୍ଲକ ଆୟୋଜନ କରିଛି ।କଟକ ଜିଲ୍ଲାର ବଡମ୍ବା ସଦର ମହକୁମା ଅନ୍ତର୍ଗତ ଟେନିସ ପଡିଆରେ ୬୯ ତମ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡମ୍ବାର ବିଧାୟକ ବିଜୟ କୁମାର ଦଳବେହେରା କାଯ୍ୟକ୍ରମକ ଉଦ୍‌ଘାଟିତ କରିଥିଲେ। ବେଳେ ବିଶିଷ୍ଟ ଅତିଥିଭାବେ କଟକ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ,ମୁଖ୍ୟବକ୍ତା ଭାବେ ବଡମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି,ସମ୍ମାନିତ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ,ନରସିଂହପୁର ବ୍ଲକ ଶିକ୍ଷାଧିକାରୀ ଲୋପାମୁଦ୍ରା ରାଉତରାୟ, ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ସୌଦାମିନୀ ଦାସ,ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ,ବଡମ୍ବାର ପ୍ରଧାନଶିକ୍ଷୟିତ୍ରୀ ସାରଦା କବି ଶତପଥୀ,ବଡମ୍ବା ନିଜିଗ ସମିତି ସଭ୍ୟା ଗୋଲାପ ସାହୁ ଉପସ୍ଥିତ ଥିଲେ ।ବଡମ୍ବା ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲାବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଅଶୋକ କୁମାର ଧଳ ସଂଯୋଜନା କରିଥିଲେ। କଟକ ଜିଲ୍ଲାର ୧୪ ଟି ବ୍ଲକରୁ ଭଲ୍ଲି ଟିମ ଆସିଥିଲା ବେଳେ ଆସନ୍ତା କାଲି ଶୁକ୍ରବାର କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଚମ୍ପିୟାନ ଦଳ ରାଜ୍ୟ ସ୍ତରକୁ ଯିବାସହ କାର୍ଯ୍ୟକ୍ରମ ସମାପ୍ତି ହେବ । ସର୍ବଶେଷରେ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାରଦା କବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ପ୍ରଦ୍ୟୁମ୍ନ



ଖଣ୍ଡପଡ଼ା, (ସବ୍ୟୁ) : ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ପୁର୍ନବାର ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଡଃ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନାମ ସ୍ଥାନ ପାଇଥିବା ଜଣାପଡିଛି । ବିଶ୍ୱର କାଲିଫର୍ଣ୍ଣିଆସ୍ଥିତ ଷ୍ଟାନଫୋର୍ଡ ବିଶ୍ୱ ବିଦ୍ୟାଳୟର ଏକ ଗବେଷଣା ସଂସ୍ଥା ପକ୍ଷରୁ ପରମାଣୁ ଓ କଣିକା ପଦାର୍ଥ ବିଜ୍ଞାନ ଉପରେ ସର୍ଭେକ୍ଷଣ କରାଯାଇଥିଲା । ବିଶର ସର୍ବଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ନାମ ସ୍ଥାନିତ ହେବା ପରେ ସମଗ୍ର ନୟାଗଡ ଜିଲ୍ଲା ସମେତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।ଖାଲି ସେତିକି ନୁହେଁ ଲଗାତାର ୬ ବର୍ଷ ଧରି ବୈଜ୍ଞାନିକ ଶ୍ରୀ ସାହୁ ଏହି ବିରଳ ସମ୍ମାନର ଅଧିକାରୀ ହୋଇ ପାରି ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଛନ୍ତି ।ସୂଚନାଯୋଗ୍ୟ ବୈଜ୍ଞାନିକ ଶ୍ରୀ ସାହୁ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦସ୍ଥିତ ବିଲା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ସାଇନ୍ସରେ ଏବେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି । ଛାତ୍ର ଜୀବନରୁ ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ବୈଜ୍ଞାନିକ ପ୍ରଦ୍ୟୁମ୍ନଙ୍କ ଘର ନୟାଗଡ ଜିଲ୍ଲା ଅଧିନ ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧିନ କୁହାରା ଗ୍ରାମରେ ଅଟେ । ଲଗାତର ୬ ବର୍ଷ ଧରି ବିରଳ ସମ୍ମାନର ଅଧିକାରୀ ହୋଇଥିବା ବୈଜ୍ଞାନିକ ପ୍ରଦ୍ୟୁମ୍ନଙ୍କୁ ନେଇ କୁହାରା ଗ୍ରାମବାସୀ ବେଶ ଗର୍ବ ଅନୁଭବ କରୁଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବୈଜ୍ଞାନିକ ଶ୍ରୀସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଓକିଲ ସଂଘର କଲମ ଛାଡ ଆନ୍ଦୋଳନ

ଖଣ୍ଡପଡ଼ା, (ସବ୍ୟୁ): ବିଜେପି ନେତା ତଥା ବରିଷ୍ଠ ଆଇନୀଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ନେଇ ଖଣ୍ଡପଡ଼ା ଓକିଲ ସଂଘ ପକ୍ଷରୁ ବୁଧବାର କଲମ ଛାଡ ଆନ୍ଦୋଳନ ସହ ଏକ ପ୍ରତିବାଦ ସଭା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।ସମସ୍ତ ସଦସ୍ୟ ପ୍ରତିବାଦ ସଭାରେ ଉପସ୍ଥିତ ରହି ଏହି ଘଟଣାର ଦୃଢ ନିନ୍ଦା କରିବା ସହ ଅଦାଲତ କାର୍ଯ୍ୟରୁ ନିବୃତ ରହିଥିବା ଜଣାଯାଇଛି।ଓକିଲ ସଂଘର ସଭାପତି ସଂଗ୍ରାମ କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାର ପ୍ରାରମ୍ଭରେ ଆଇନଜୀବୀ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଜ୍ୟ ଆଇନଜିବୀ ପରିଷଦର ସଦସ୍ୟସର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ହତ୍ୟାକାଣ୍ଡ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ୪୮ଘଣ୍ଟା ମଧ୍ୟରେ ତୁରନ୍ତ ଗିରଫ କରିବା,ସର୍ଗତ ପଣ୍ଡାଙ୍କ ପରିବାରଙ୍କୁ କ୍ଷତିପୂରଣ ବାବଦରେ ୧ କୋଟି ଟଙ୍କା ପ୍ରଦାନ କରିବା,ରାଜ୍ୟରେ କାର୍ଯ୍ୟରତ ସମସ୍ତ ଆଇନଜୀବୀମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ତୁରନ୍ତ ସୁରକ୍ଷା ଆଇନ ପ୍ରଣୟନ କରିବା ପ୍ରଭୃତି ଦାବି ପୁରଣ ନେଇ ଓକିଲ ସଂଘର ସଦସ୍ୟମାନେ ଦାବି କରିବା ସହ ଓକିଲ ସଂଘ ପକ୍ଷରୁ ଏ ସଂର୍ପକିତ ଦାବିପତ୍ର ରାଜ୍ୟପାଳ,ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ଆଇନଜୀବୀ ପରିଷଦ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି।ଓକିଲ ସଂଘର ସଂପାଦକ ବିକ୍ରମ କେଶରୀ ଦେଓଙ୍କ ସମେତ ସମସ୍ତ ସଦସ୍ୟ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ ।

# ଅସ୍ତରଙ୍ଗରେ ଗଜଲକ୍ଷ୍ମୀ ପୂଜା

ଅସ୍ତରଙ୍ଗ,(ସବ୍ୟୁ) : ପୁରୀଜିଲ୍ଲା ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ମାଆ ଲକ୍ଷ୍ମୀ କ୍ଲବ ଦ୍ୱାରା ଆୟୋଜିତ ହୋଇଛି ୪୫ତମ ଗଜଲକ୍ଷ୍ମୀ ପୂଜା। ସୋମବାର ସକାଳୁ ପୂଜକ ସଞ୍ଜୟ ମହାପାତ୍ରଙ୍କ ପୌରହିତ୍ୟରେ କର୍ତ୍ତା ସରୋଜ ପ୍ରଧାନ (ଜଗା )ଏବଂ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଭଉଁରିଆ ନଦୀ ତୁଠରୁ କଳସ ରେ ପାଣି ତୋଳି ପଟୁଆର ରେ ପୂଜା ମଣ୍ଡପ ଆଣିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଶ୍ରୀ ମହାପାତ୍ର, ଦେବାଶିଷ ଦାଶ, ତପନ ଆଚାର୍ଯ୍ୟ ମନ୍ତ୍ର ପାଠ ରେ ଦିନସାରା ପୂଜା ମଣ୍ଡପ ପ୍ରକମ୍ପିତ ହୋଇଥିଲା। ପୂଜା ପରେ ସନ୍ଧ୍ୟାରେ ରେପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ପରେ ଦୁଇ ହଜାର ରୁ ଅଧିକ ଲୋକ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଛଅ ଟି ନାଟ୍ୟ ଅନୁଷ୍ଠାନ କୁ ନେଇ ହେବାକୁ ଥିବା ନାଟ୍ୟ ପ୍ରତିଯୋଗିତା ଏହି ମାସ ୧୭ ତାରିଖ ରୁ ଆରମ୍ଭ ହୋଇ ୨୩ ତାରିଖ ରେ ସରିବ ବୋଲି ନାଟ୍ୟ ସମ୍ପାଦକ ଦେବାଶିଷ ବାରିକ ସୂଚନା ଦେଇଛନ୍ତି ।

# କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଉଦଯାପିତ



କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକରେ ସବୁ ବର୍ଷ ପରି ଚଳିତ ବର୍ଷ ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା କୁଞ୍ଜେଶରୀ ଶାରଦୀୟ ମହୋତ୍ସବ ଉଦଜାପିତ ହୋଇଯାଇଛି । ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡଃ ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ସେମାନଙ୍କୁ ବିଂଶତିତମ କୁଞ୍ଜେଶରୀ ଶାରଦୀୟ ମହୋତ୍ସବର ଶୁଭେଚ୍ଛା ଜଣାଇଥିଲେ ବିଧାୟକ ଶ୍ରୀ ମିଶ୍ର ।

ସାଂସଦ ଡଃ ପାତ୍ର କହିଥିଲେ ଏହି ମହୋତ୍ସବ ମାଧ୍ୟମରେ କଣାସ ଅଞ୍ଚଳର କଳା,ସଂସ୍କୃତି ,ଐତିହ୍ୟ, ପରମ୍ପରା ଓ ଗାଥା ପରିବେଷଣ ହେବା ଦାରା ଲୁକ୍କାୟିତ ପ୍ରତିଭା ସେମାନଙ୍କର କଳା କୃତିକୁ ସମସ୍ତ ଦର୍ଶକ ଉପଭୋଗ କରିପାରୁଛନ୍ତି । ପ୍ରଥମ ଶ୍ରେଣୀରୁ ଦାଦଶ ଶ୍ରେଣୀ ଛାତ୍ର ଛାତ୍ରୀ ,କବି ,ଲେଖକ, କଳାକାର ,ଯୁବ ଖେଳାଳି,ସ୍କାଉଟ,ଗାଇଡ,ନୃତ୍ୟ ,ସଙ୍ଗୀତ ଓ ଭଜନ ସମାରୋହ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦାରା ବିଭିନ୍ନ ବ୍ୟବସାୟିକ ଷ୍ଟଲ ବସିଥିଲା । କଣାସ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।ଶେଷରେ ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

ବାଲୁଗାଁ, (ସବ୍ୟୁ): ଚିଲିକା ବନ୍ୟପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ଚନ୍ଦ୍ରାପୁଟ ସ୍ଥିତ ଚିଲିକା ଆର୍ଦ୍ରଭୂମି ଗବେଷଣା କେନ୍ଦ୍ରର ଅଡିଟୋରିୟମ ହଲ୍ରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଆୟୋଜିତ ସମାରୋହରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ବନ୍ୟପ୍ରାଣୀ ସପ୍ତାହ ପାଳନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ ଯେ, ଉଭୟ ମାନବ ସମାଜ ଓ ବନ୍ୟପ୍ରାଣୀ ଭଗବାନଙ୍କ ଅନବଦ୍ୟ ସୃଷ୍ଟି । ସମାଜ ତଥା ଦେଶର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବନ୍ୟପ୍ରାଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାମ୍ପ୍ରତିକ ପରିସ୍ଥିତିରେ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ, ସୁରକ୍ଷା ଏବଂ ଅଭିବୃଦ୍ଧି ଅଧିକ ଗୁରୁପୂର୍ଣ ହୋଇଯାଇଛି । ଜୈବ ବିବିଧତା ଦୃଷ୍ଟିରୁ ଚିଲିକା ଏକ ସମୃଦ୍ଧ ପ୍ରାଚୂର୍ଯ୍ୟ ରେ ଭରପୁର। ଏହାର ପ୍ରାଣୀ ସଂପଦ ପାଇଁ ରାଜ୍ୟ ତଥା ଦେଶର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଏଣୁ ବନ୍ୟପ୍ରାଣୀର ସୁରକ୍ଷା ନିମନ୍ତେ ପ୍ରତ୍ୟକ ବ୍ୟକ୍ତି ତତ୍ତ୍ୱାବଧାରକ ସାଜିବାକୁ ଡ଼ିଏଫଓ ନାୟକ ଆହ୍ୱାନ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ବନାଞ୍ଚଳ ଅଧିକାରୀ ରଶ୍ମିତା ଜେନା, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଚିତ୍ରସେନ ଜେନା, ରମ୍ଭା ବନାଞ୍ଚଳ ଅଧିକାରୀ ମାନସ ମହାପାତ୍ର, ନୂଆପଡ଼ା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଓ ସାତପଡା ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରା ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ନାଟ୍ୟକାର ଧନେଶ୍ୱର ବିଧାରଙ୍କ ଦାରା ରଚିତ ମଞ୍ଚସ୍ଥ ନାଟକ 'ଚିଲିକା କୋଳେ ହସେ ବିହଙ୍ଗ' ପରିବେଷଣ କରାଯାଇଥିଲା। ନିର୍ଦ୍ଦେଶକ ରତ୍ନାକର ପ୍ରଧାନଙ୍କୁ ସମସ୍ତେ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗୀତାରେ କୃତୀ ଛାତ୍ର ଛାତ୍ରୀ ସମେତ କଳାକାର ମାନଙ୍କୁ ଟ୍ରଫି ଦାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ମଙ୍ଗଳା ଯୋଡ଼ି, ସାତପଡା, ବ୍ରାହ୍ମଣୀ ଦେଓ, ରମ୍ଭା ଏବଂ ବାଲୁଗାଁ ଅଞ୍ଚଳର ପକ୍ଷୀ ପ୍ରେମୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ ।

# କବିରାଜ ଲିଙ୍ଗରାଜ ପୃଷ୍ଟିଙ୍କ ସ୍ମୃତି ଚାରଣ ସଭା

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ସ୍ଥିତ ରାୟପୁର ଗ୍ରାମର କବିରାଜ ଲିଙ୍ଗରାଜ ପୃଷ୍ଟିଙ୍କର ମୃତ୍ୟୁ ଘଟିଛି। ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସଭାପତିତ୍ୱରେ କରିଥିବା ବେଳେ ସୁନାମଧନ୍ୟ ଗାୟକ ତଥା ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ମୁଖ୍ୟ ଅତିଥି ଭାବେ, ବରିଷ୍ଠ ଶିକ୍ଷୟତ୍ରୀ ଯୋସ୍ନା ପ୍ରଧାନ, ଅଶୋକ କୁମାର ପୃଷ୍ଟି,ସାମ୍ବାଦିକ ଚିନ୍ମୟ ମହାରଣା, ସତ୍ୟ ରଂଜନ ମହାପାତ୍ର, ଧିରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ, ହେମନ୍ତ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।ସ୍ୱର୍ଗତ ପୃଷ୍ଟି ଅତ୍ୟନ୍ତ ସରଳ, ସଚ୍ଚୋଟ, ପରୋପକାରି ଭାବେ ଅଞ୍ଚଳରେ ବେଶ ଜଣାଶୁଣା। ତାଙ୍କର ଦୁଇ ପୁଅ ରଜନୀକାନ୍ତ ପୃଷ୍ଟି , ଉମାକାନ୍ତ ପୃଷ୍ଟି, ଝିଅ ପ୍ରତିମା ପୃଷ୍ଟି, ବୋହୂ ନିରୁପମା ପୃଷ୍ଟି, ଶକୁନ୍ତଳା ପୃଷ୍ଟି,ନାତି ନିହାର ରଞ୍ଜନ ପୃଷ୍ଟି, ଜ୍ଞାନ ରଞ୍ଜନ ପୃଷ୍ଟି, ରଶ୍ମି ରଞ୍ଜନ ପୃଷ୍ଟି, ନାତୁଣୀ ଅର୍ଚ୍ଚନା ସାହୁ ,ନାତୁଣୀ ଜୋଇଁ ସୁନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟ ସଞ୍ଚାଳନ କରିଥଲେ।

# ମା' କନକ ଦୁର୍ଗା ମହୋତ୍ସବ -୨୦୨୫ ଉଦ୍‌ଘାଟିତ




ବାଲିପାଟଣା,(ସବ୍ୟୁ): ବାଗଲପୁର ଗ୍ରାମବାସୀଙ୍କ ସହଯୋଗ ଓ ଆଦର୍ଶ ୟୁଥ ଫାଉଣ୍ଡେସନ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସହାୟତାରେ ସ୍ଥାନୀୟ ମେଳଣ ପଡ଼ିଆରେ ତୃତୀୟ ମା କନକଦୁର୍ଗା ମହୋତ୍ସବ -୨୦୨୫ ସୋମବାର ଦିନ ଉଦ୍ଘାଟିତ ହୋଇଯାଇଅଛି ।

ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ: ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ନାରାୟଣ ବେହେରା ଓ ସମ୍ମାନିତ ଅତିଥି ଭାବେ ବିଜେପି ଯୁବ ମୋର୍ଚ୍ଚା ଭୁବନେଶ୍ୱର ଜିଲ୍ଲା ସଭାପତି ସୟଂ ସେବକ ରାୟ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବିଜେପି ନେତା ପ୍ରଦୀପ୍ତ କୁମାର ମହାନ୍ତି, ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା,ପ୍ରମୁଖ ଯୋଗ ଦେଇଥିଲେ ।ଆଶୁତୋଷ ଦାଶ ସଭା ପରିଚାଳନା କରିଥିଲେ । ଉଦ୍ଘାଟନୀ ସନ୍ଧ୍ୟାରେ ଚମତ୍କାର ଓଡ଼ିଶୀ ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା ।

ଏହି ଅବସରରେ ଉତ୍ସବରେ ଅଞ୍ଚଳର ବହୁ ପ୍ରତିଭାବାନ ବ୍ୟକ୍ତି ,ସାମ୍ବାଦିକ ମାନଙ୍କୁ ମାନପତ୍ର,ବୃକ୍ଷ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଆଦର୍ଶ ୟୁଥ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ପ୍ରଳୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଙ୍କୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ଗଣ ପର୍ବ ବାଙ୍କୀ ମହୋତ୍ସବ ୨୦୨୫ ରୌପ୍ୟ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଝୁମିଲେ ଦର୍ଶକ। ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ବିଶାରଦ ତଥା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ମହୋତ୍ସବର ସାଧାରଣ ସମ୍ପାଦକ ଗଣେଶ୍ୱର ସ୍ୱାଇଁ ବିବରଣୀ ପାଠ କରିଥିଲେ।

ପ୍ରଥମେ ଉପସଭାପତି ସନ୍ତୋଷ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ସମରେନ୍ଦ୍ର ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ର ପୂର୍ବତନ ବିଧାୟକ ଦେବାଶିଷ ପଟନାୟକ ଯୋଗ ଦେଇ ବାଙ୍କୀ ମହୋତ୍ସବ ର ଉତ୍ତୋରର କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଉପସ୍ଥିତ ଥିଲେ। ଶେଷରେ ଉପ ସଭାପତି ଭାଗିରଥି ବିଶାଳ। ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୫୮)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ ପ୍ରସାଦାତ୍ ତରିଷ୍ୟସି ।**
**ଅଥ ଚେତ୍ ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ।। ୫୮ ।।**

(ତତୋ ଯତ୍ ଭବିଷ୍ୟତି ତତ୍ ଶୃଣୁ)- ତ୍ୱଂ ମଚ୍ଚିତ୍ତଃ (ମଦେକଚିତ୍ତଃ) (ସନ୍) ମତ୍ ପ୍ରସାଦାତ୍ (ମଦନୁଗ୍ରହାତ୍) ସର୍ବଦୁର୍ଗାଣି (ସର୍ବାଣି ଅପି ଦୁସ୍ତରାଣି ସାଂସାରିକାଣି ଦୁଃଖାନି) ତରିଷ୍ୟସି, ଅଥ ଚେତ୍ (ଯଦି ପୁନଃ) ଅହଙ୍କାରାତ୍ (ଜ୍ଞାତଜ୍ଞତ୍ୱାଭିମାନାତ୍) (ମଦୁକ୍ତିଂ) ନ ଶ୍ରୋଷ୍ୟସି, (ତର୍ହି) ବିନଙ୍କ୍ଷ୍ୟସି (ପୁରୁଷାର୍ଥାତ୍ ଭ୍ରଷ୍ଟୋ ଭବିଷ୍ୟସି) ।। ୫୮।।

# ସାମ୍ବିଧାନିକ ପଦବୀରେ ମୋଦିଙ୍କର ପଚିଶ ବର୍ଷ

ଭାରତର ସାମ୍ବିଧାନିକ ପଦବୀରେ ନିରବଚ୍ଛିନ୍ନ ଭାବେ ପଚିଶ ବର୍ଷ ପୂରଣ କରିବାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଭାରତର ଜଣେ ଅଦ୍ୱିତୀୟ ଓ ସଫଳ ରାଜନେତା ହୋଇ ପାରିଛନ୍ତି । ପଚିଶ ବର୍ଷ ଯାକ ସାମ୍ବିଧାନିକ ପଦବୀରେ ରହି ଓ ବହୁ ବାଧାବିଘ୍ନର ମୁକାବିଲା କରିବା ପରେ ସେ ସବୁକୁ ଅତିକ୍ରମ କରି ମୋଦିଜୀ ଅନାୟାସରେ ଭାରତରେ କ୍ଷମତାର ଶୀର୍ଷବିନ୍ଦୁ ସ୍ପର୍ଶ କରିବା ସହିତ ସଫଳତା ହାସଲ କରିବା ପ୍ରକୃତରେ ଗର୍ବ ଓ ଗୌରବର ବିଷୟ । ମୋଦିଜୀଙ୍କ ବ୍ୟକ୍ତିତ୍ୱ ସୀମିତ ହୋଇ ରହି ନାହିଁ, ସମଗ୍ର ବିଶ୍ୱରେ ତାଙ୍କର ନିରପେକ୍ଷ ନୀତି, ଆଦର୍ଶ, ଶାନ୍ତି ଓ ସମୃଦ୍ଧି ମଧ୍ୟ ସକଳଙ୍କୁ ପ୍ରଭାବିତ କରି ପାରିଛି । ସ୍ୱାଧୀନତାର ଉତ୍ତର କାଳରେ ଭାରତରେ ଭୂମିଷ୍ଠ ହୋଇଥିବା ଅନେକ ସନ୍ତାନ ହୁଏତ ଜାଣି ନଥିବେ ଯେ କିନ୍ତୁ ସେହି ପବିତ୍ର ଦିବସଟି ଥିଲା ୭ ଅକ୍ଟୋବର, ୨୦୦୧ । ଆଜି ବି ମନେ ପଡୁଛି । ପଚିଶ ବର୍ଷ ତଳେ ଗୁଜୁରାତର ମୁଖ୍ୟମନ୍ତ୍ରୀ ଭାବେ ସେ ଦିନ ଶପଥ ଗ୍ରହଣ କରିଥିଲେ ଶ୍ରୀ ନରେନ୍ଦ୍ର ମୋଦି । ଭାରତୀୟ ରାଜନୀତିରେ କେବଳ ପୁରୁଖା ନେତା ନୁହଁନ୍ତି, ଅନେକ ନୂତନ ନେତାଙ୍କର ଆବିର୍ଭାବ ଘଟିଛି । ନୂତନ ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି । କିନ୍ତୁ ସମସ୍ତଙ୍କୁ ଅତିକ୍ରମ କରିଗଲେ ସାଧାରଣ ପରିବାରରୁ ଆସି ଜଣେ ରାଷ୍ଟ୍ରଭକ୍ତ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ହୋଇଥିବା ନରେନ୍ଦ୍ର ମୋଦି ।

ରେଳ ଷ୍ଟେସନରେ ଚା' ବିକାଳୀ ଭାବେ ବାଲ୍ୟ ଜୀବନ ବିତାଇଥିବା ସେହି ନରେନ୍ଦ୍ର ମୋଦି, ଅନ୍ୟ ଜଣେ ନରେନ୍ଦ୍ର ( ସ୍ୱାମୀ ବିବେକାନନ୍ଦ)ଙ୍କ ନୀତିର ଅନୁସରଣ କରି କଲିକତାର ବେଲୁଡ ମଠରେ ପହଞ୍ଚିଥିଲେ ଦିନେ ସନ୍ନ୍ୟାସୀ ମାର୍ଗରେ ଯିବା ପାଇଁ । ବେଲୁଡ଼ ମଠର ସ୍ୱାମିଜୀ ତାଙ୍କୁ ବାଧା ଦେଇ ଫେରି ଯିବା ଲାଗି କୁଆଡ଼େ ପ୍ରବର୍ତ୍ତାଇଥିଲେ । ତାଙ୍କ ମଧ୍ୟରେ ସେ ବୋଧହୁଏ ସମ୍ଭାବନାମୟ ଅନ୍ୟ କିଛି ଲକ୍ଷଣ ଆବିଷ୍କାର କରି ସାରିଥିଲେ । ସେଠାରୁ ଭଗ୍ନ ମନୋରଥରେ ଫେରିଆସି ମୋଦିଜୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ସାମିଲ ହୋଇ ପୂର୍ଣ୍ଣକାଳୀନ କର୍ମୀ ଭାବରେ ଦେଶର ସେବା କରିବାକୁ ସୁଯୋଗ ପାଇଥିଲେ । ସେ ଥିଲେ ନିଜ ଭାଗ୍ୟର ନିଜେ ସମ୍ରାଟ । ଦେଶର ସେବା କ୍ଷେତ୍ରରେ ନିଜର ଭୂମି ଓ ଭୂମିକାଟିକୁ ବାଛି ନେଇ ସାର୍ଥକତା ଲାଭ କରିବାକୁ ସେ କର୍ତ୍ତବ୍ୟ ପଥରେ ଅଗ୍ରଗମନ କରିଥିଲେ । ଏପରିକି ସେ ତାଙ୍କ ଆତ୍ମୀୟସ୍ୱଜନ ଓ ପରିବାରକୁ ମଧ୍ୟ ପଛରେ ପକାଇ ଦେଶର ବିକାଶ କଥା ଚିନ୍ତା କରୁ କରୁ ଗୁଜରାତର ମୁଖ୍ୟମନ୍ତ୍ରୀ ପଦବୀରେ ସର୍ବପ୍ରଥମେ ସାମ୍ବିଧାନିକ ମୁଖ୍ୟ ଭାବେ କାର୍ଯ୍ୟ କରିବାର ସୁଯୋଗ ଲାଭ କଲେ । ପଦ୍ମପତ୍ରକୁ ଯେପରି ଜଳ ସ୍ପର୍ଶ କରି ପାରେ ନାହିଁ, ତାଙ୍କୁ ମଧ୍ୟ କ୍ଷମତାର ମୋହ ସେହିପରି ସ୍ପର୍ଶ କରି ପାରିନାହିଁ । ସେ ଗୁଜୁରାତର ଗାନ୍ଧି ନଗରଠାରେ ରାଜଭବନରେ ଚତୁର୍ଦ୍ଦଶତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ତାଙ୍କ ପୂର୍ବରୁ ବିଜେପିର କେଶୁଭାଇ ପଟେଲ ତ୍ରୟୋଦଶ ମୁଖ୍ୟମନ୍ତ୍ରୀ ଥିଲେ । ମାତ୍ର ଏକ ଭିନ୍ନ ଢଙ୍ଗରେ ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ମୁଖ୍ୟମନ୍ତ୍ରୀ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ।

୭ ଅକ୍ଟୋବର ୨୦୦୧ରୁ ୨୨ ମେ ୨୦୧୪ ପର୍ଯ୍ୟନ୍ତ ସେ ଦୀର୍ଘ ପ୍ରାୟ ତେର ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହି ଗୁଜୁରାତକୁ ଆଦର୍ଶସ୍ଥାନୀୟ ଓ ଆତ୍ମନିର୍ଭରଶୀଳ ରାଜ୍ୟରେ ପରିଣତ କରି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ବେଶ୍ ଲୋକପ୍ରିୟତା ଅର୍ଜନ କରି ପାରିଥିଲେ । ଭାରତରେ ସେତେବେଳକୁ କଂଗ୍ରେସ ଶାସନ କାଳରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇ ନେତୃତ୍ୱର ସଙ୍କଟ ଦେଖା ଯାଇଥିଲା । ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଯଥେଷ୍ଟ ହ୍ରାସ ପାଇଥିଲା । ସେହି ସମୟରେ ବିଜେପିର ଲାଲକୃଷ୍ଣ ଆଡଭାନୀ ଓ କଂଗ୍ରେସ ଦଳର ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହେବା ବିଷୟରେ ଚର୍ଚ୍ଚା ଚାଲିଥାଏ । ମାତ୍ର ସାଧାରଣ ନିର୍ବାଚନ ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ୨୦୧୪ ମେ ୨୬ ତାରିଖରେ ଶପଥ ଗ୍ରହଣ କରିଥିଲେ । ସଂସଦର ସେଣ୍ଟ୍ରାଲ ହଲ୍‌ରେ ଯେଉଁଠି ଭାରତର ସଂବିଧାନ ପ୍ରସ୍ତୁତ ହୋଇଥିଲା, ସେହି ଐତିହାସିକ ସେଣ୍ଟ୍ରାଲ ହଲରେ ଶ୍ରୀ ଆଡଭାନୀଜୀ ଲୋକସଭାର ନେତା ତଥା ପ୍ରଧାନମନ୍ତ୍ରୀ ହେବା ଲାଗି ମୋଦିଜୀଙ୍କ ନାମକୁ ପ୍ରସ୍ତାବ ଦେବା ପରେ ତାହା ବିଜେପି ସଂସଦୀୟ ଦଳର ସମର୍ଥନ ଲାଭ କରିଥିଲା ଓ ମୋଦିଜୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ସ୍ୱାଧୀନ ଭାରତର ନାଗରିକ ଭାବେ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ କି ଏଗାର ବର୍ଷ କାଳ ପ୍ରଧାନମନ୍ତ୍ରୀ ଭାବେ କୃତିତ୍ୱ ଅର୍ଜନ କରି ଏବେ ବି ସ୍ୱାଧୀନତାର ଶତବାର୍ଷିକ ଉପଲକ୍ଷେ 'ବିକଶିତ ଭାରତ' ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିଛନ୍ତି । ତାଙ୍କୁ ଆମେ ସ୍ୱାଗତ ଜଣାଉଛୁଁ ।

**ସଙ୍କଳ୍ପ**


**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଚିଲିକା ହ୍ରଦର ବିକାଶ କରାଯାଉ



ବିଦ୍ୟାଧର ମହାରଣା

କବିବର ରାଧାନାଥ ରାୟ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲେ: 'ଉତ୍କଳ- କମଳା ବିଳାସ-ଦୀର୍ଘିକା, ମରାଳ ମାଳିନୀ ନିଳାମ୍ବୁ ଚିଲିକା/ ଉତ୍କଳର ତୁହି ଚାରୁ ଅଳଙ୍କାର, ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।' ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ବୃହତମ ଅର୍ଦ୍ଧଲୁଣି ହ୍ରଦ । ଏଥିରେ ରହିଛି କାଳିଜାଇ ମନ୍ଦିର ଓ ଚଢେଇହଗା ପାହାଡ । ଚିଲିକା ତା'ର ଜୈବବିବିଧତା ହେତୁ ବିଶେଷ ପ୍ରାଧାନ୍ୟ ଲାଭ କରିଛି ।

'ଚିଲିକା ଲାଗୁନ' ଭାରତର ସର୍ବବୃହତ୍ ଓ ପୃଥିବୀର ଦ୍ୱିତୀୟ ସର୍ବବୃହତ୍ ଲୁଣିଆ ହ୍ରଦ, ଯାହାର ଜଳ ପରିବ୍ୟାପ୍ତ ଅଞ୍ଚଳ ବର୍ଷାଦିନେ ୧୧୬୫ ବର୍ଗ କିଲୋମିଟର ଓ ଗ୍ରୀଷ୍ମ ଋତୁରେ ୯୦୬ ବର୍ଗ କିଲୋମିଟର । ଚିଲିକା ହ୍ରଦ ବିଦେଶାଗତ ଓ ସ୍ଥାନୀୟ ପକ୍ଷୀମାନଙ୍କର, ଶୀତଋତୁରେ ଏକ ସମାରୋହସ୍ଥଳୀ । ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ଚିଲିକା ହ୍ରଦରେ ୧୪୪ଟି ଏରାୱାଡି ଡଲଫିନ୍ ଅଛନ୍ତି । ଚିଲିକାରେ ନୌବିହାର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ବିଭିନ୍ନ ଜାତିର ମାଛ, କଙ୍କଡା ଓ ଚିଙ୍ଗୁଡି ବ୍ୟବସାୟ ଚିଲିକା କୂଳରେ ଥିବା ଧୀବର ସମ୍ପ୍ରଦାୟର ଜୀବିକାର୍ଜନ ପାଇଁ ଏକ ମୁଖ୍ୟ ମାଧ୍ୟମ । ନିକଟରେ ଖବର ପ୍ରକାଶ ପାଇଛି ଚିଲିକା ହ୍ରଦରେ ମାଛ ଧରି ଜୀବିକାର୍ଜନ ଆଉ ସମ୍ଭବ ନହେବାରୁ ଶତାଧିକ ପରିବାର ଦାଦନ ଖଟିବାକୁ ବାହାର ରାଜ୍ୟକୁ ଗଲେ । ଏପରି ପରିସ୍ଥିତି ପାଇଁ ଦାୟୀ କାରଣଗୁଡ଼ିକ କଣ ହୋଇପାରେ ତାହା ଏଠାରେ ଆଲୋଚନା କରିବା ।

ସୌନ୍ଦର୍ଯ୍ୟ ଓ ପକ୍ଷୀଗଣଙ୍କ ଆକର୍ଷଣ ଯୋଗୁଁ ବହୁ ପର୍ଯ୍ୟଟକ ଚିଲିକାରେ ନୌବିହାର ପାଇଁ ପାନ୍ଥନିବାସରେ ବହୁଦିନ ଧରି ଡେରା ପକାନ୍ତି । ଚିଲିକା ନିକଟରେ ଏକ ନୌତାଲିମ କେନ୍ଦ୍ର ଭାରତ ସରକାର ସ୍ଥାପନ କରିଛନ୍ତି ଓ ରାଜ୍ୟ ସରକାର ଚିଲିକା ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଛନ୍ତି । ସବୁଠାରୁ ବଡକଥା ହେଲା ଚିଲିକା ଆଖପାଖରେ ହଜାର ହଜାର ଧୀବର ସମ୍ପ୍ରଦାୟର ଲୋକେ ଜୀବିକାର୍ଜନର ଏକ ଉତ୍ସ ହିସାବରେ ପରିଗଣିତ । ତେବେ ଆଜି କାହିଁକି ମରାଳ ମାଳିନୀ ଏତେ କ୍ଲାନ୍ତ ଓ ଅସୁରକ୍ଷିତ?



ଚିଲିକା ହ୍ରଦ ଦ୍ୱାରା ଚାରିପାଖରେ ଥିବା ୨୭୩ ଗ୍ରାମ ଓ ୧୩୨ ଧୀବର ଗ୍ରାମ ଉପକୃତ ହୁଅନ୍ତି ଯାହାର ଲୋକସଂଖ୍ୟା ୧.୫ ଲକ୍ଷ । ଚିଲିକାରେ ୪୦୦ ପ୍ରଜାତିର ମେରୁଦଣ୍ଡୀ ପ୍ରାଣୀ ଅଛନ୍ତି ଓ ଏଥିରୁ ୨୨୫ ପ୍ରଜାତିର ମାଛ ଅଛନ୍ତି । ଚିଲିକାରେ ୨୦୦୦-୦୧ ମସିହାରେ ବର୍ଷକୁ ୩୮୧୭.୮୧ ନିୟୁତ ଟନ୍ ମାଛ, ୧୦୭୧.୩୮ ଟନ୍ ଚିଙ୍ଗୁଡି ଓ ୨୧.୫୦ ଟନ୍ କଙ୍କଡା ଅମଳ କରା ଯାଇଥିବା ବେଳେ ୨୦୨୦-୨୧ ରେ ଏହା ୯୪୦୬ ନିୟୁତ ଟନ୍ ମାଛ ,୩୩୦୦ ଟନ୍ ଚିଙ୍ଗୁଡି ଓ ୨୫.୮୦ ଟନ୍ କଙ୍କଡା ବୃଦ୍ଧି ପାଇଛି । ଚିଲିକା ମାଛ ଓ ଚିଙ୍ଗୁଡି କୋଲକାତା ଓ ସ୍ଥାନୀୟ ବଜାରରେ ବିକ୍ରି ହେବା ସ୍ଥଳେ ଆମେରିକା, ଚୀନ, ଜାପାନ ଓ ଇଉରୋପିଆନ ଦେଶମାନଙ୍କୁ ରପ୍ତାନୀ କରାଯାଏ । ସବୁଠାରୁ ବେଶି ରପ୍ତାନୀ ହୁଏ ଫ୍ରୋଜନ୍ ଚିଙ୍ଗୁଡି ।୨୦୧୯-୨୦ରେ ଚିଲିକାରୁ ରପ୍ତାନୀ କରାଯାଇଥିବା ଚିଙ୍ଗୁଡିର ମୂଲ୍ୟ ଥିଲା ୪୬ ୫୮୯.୩୭ ନିୟୁତ ଟଙ୍କା ବା ୬୭୨୮.୫୦ ଡଲାର । କିଲୋଗ୍ରାମ ପ୍ରତି ମୂଲ୍ୟ ଥିଲା ୪.୮୩ ଡଲାର । କିନ୍ତୁ କ୍ରମଶଃ ଚିଲିକାରେ ମାଛ ସଂଖ୍ୟା ହ୍ରାସ ପାଉଛି । ଏବେତ ଅଧିକ ରପ୍ତାନୀ ଶୁଳ୍କ

**ଚିଲିକାରେ ମତ୍ସ୍ୟ ସମ୍ପଦ ହ୍ରାସର ଏକାଧିକ କାରଣ ରହିଛି । ପ୍ରଥମରେ ଅଧିକ ଲାଭ ଆଶାରେ ମତ୍ସ୍ୟଜୀବୀମାନେ ଅତ୍ୟଧିକ ମାଛ ଧରିବା ଫଳରେ ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଏ । ଦ୍ୱିତୀୟରେ ଚିଲିକା ଜଳ ଶିଳ୍ପସଂସ୍ଥା ଓ କୃଷି କ୍ଷେତ୍ରରୁ ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ନିର୍ଗତ ହେବା ଯୋଗୁଁ ପ୍ରଦୂଷିତ ହୋଇ ମାଛ ବଢିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ବିଶେଷ କ୍ଷତି କରୁଛି ଭାରି ଧାତୁ, ପ୍ଲାଷ୍ଟିକ ଓ କୀଟନାଶକ । ମାଛମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତା ଏହାଦ୍ୱାରା ପ୍ରଭାବିତ ହୁଏ । ତୃତୀୟରେ ଚିଲିକା ଗର୍ଭକୁ ଅବସାଦନ (sediment) ପଦାର୍ଥ ଓ ପଟୁ ମାଟି ପ୍ରବେଶ କରିବା ଫଳରେ ହ୍ରଦର ଗଭୀରତା ହ୍ରାସପାଏ ।**

ଚିଲିକାର ଜଳରାଶି ମଧୁର ଜଳ ଓ ବଙ୍ଗୋପସାଗର ଲୁଣି ଜଳର ଏକ ମିଶ୍ରଣ । ଏହି ହ୍ରଦରେ ବିଭିନ୍ନ କିସମର ଫ୍ଲୋରା ଓ ଫଉନା (ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି) ସହିତ ୧୬୦ ପ୍ରଜାତିର ପକ୍ଷୀ, ମାଛ ଓ ଡଲଫିନ ଦେଖିବାକୁ ମିଳେ । ଏହାକୁ ୧୯୮୧ ମସିହାରେ ରାମସର ହିସାବରେ ଆନ୍ତର୍ଜାତୀୟ ସ୍ୱୀକୃତି ମିଳିଛି । ପ୍ରାକୃତିକ ଯୋଗୁଁ ଚିଲିକା ଚିଙ୍ଗୁଡି ଆମେରିକା ଯାଇ ପାରୁନି ଫଳରେ ବହୁ ବ୍ୟବସାୟୀ ହାତ ବାନ୍ଧି ବସିଛନ୍ତି ।

ଚିଲିକାରେ ମତ୍ସ୍ୟ ସମ୍ପଦ ହ୍ରାସର ଏକାଧିକ କାରଣ ରହିଛି । ପ୍ରଥମରେ ଅଧିକ ଲାଭ ଆଶାରେ ମତ୍ସ୍ୟଜୀବୀମାନେ ଅତ୍ୟଧିକ ମାଛ ଧରିବା ଫଳରେ ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଏ । ଦ୍ୱିତୀୟରେ ଚିଲିକା ଜଳ ଶିଳ୍ପସଂସ୍ଥା ଓ କୃଷି କ୍ଷେତ୍ରରୁ ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ନିର୍ଗତ ହେବା ଯୋଗୁଁ ପ୍ରଦୂଷିତ ହୋଇ ମାଛ ବଢିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ବିଶେଷ କ୍ଷତି କରୁଛି ଭାରି ଧାତୁ, ପ୍ଲାଷ୍ଟିକ ଓ କୀଟନାଶକ । ମାଛମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତା ଏହାଦ୍ୱାରା ପ୍ରଭାବିତ ହୁଏ । ତୃତୀୟରେ ଚିଲିକା ଗର୍ଭକୁ ଅବସାଦନ (sediment) ପଦାର୍ଥ ଓ ପଟୁ ମାଟି ପ୍ରବେଶ କରିବା ଫଳରେ ହ୍ରଦର ଗଭୀରତା ହ୍ରାସପାଏ । ଏଥିଯୋଗୁଁ ମତ୍ସ୍ୟମାନଙ୍କ ଆଶ୍ରୟସ୍ଥଳୀ କମିଯାଏ । ସମୁଦ୍ରରୁ ଓ ନଦୀମାନଙ୍କରୁ କେତେକ ଆକ୍ରମକ ପ୍ରଜାତିର ମାଛ ଚିଲିକା ମଧ୍ୟକୁ ପ୍ରବେଶ କରିବା ଫଳରେ ସ୍ଥାନୀୟ ପ୍ରଜାତିର ମାଛ କ୍ଷତିଗ୍ରସ୍ତ ହୁଅନ୍ତି । ନଦୀମାନଙ୍କ ମଧୁର ଜଳ ଓ ସମୁଦ୍ରର ଲୁଣିପାଣି ଚିଲିକା ହ୍ରଦରେ ପ୍ରବେଶ କରିବା ଯୋଗୁଁ ମାଛମାନେ ପ୍ରବାସିତ ହୁଅନ୍ତି ଏବଂ ପ୍ରଜନନ ସ୍ଥଳ ପରିବର୍ତ୍ତନ କରନ୍ତି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସମୁଦ୍ର ଜଳ ଉତ୍ତାପ ବୃଦ୍ଧି ଓ ଜଳପତ୍ତନ ବୃଦ୍ଧି ଯୋଗୁଁ ମଧ୍ୟ ଚିଲିକାର ମତ୍ସ୍ୟ ସମ୍ପଦ ପ୍ରଭାବିତ ହେବାରେ ଲାଗିଛି । ଚିଲିକା ଚତୁଃପାର୍ଶ୍ୱରେ ପ୍ରକଳ୍ପ ନିର୍ମାଣ ଓ ଡିନାମାଇଟ ଇତ୍ୟାଦି ପ୍ରୟୋଗ କରି ଅନୁଚିତ ଭାବରେ ମତ୍ସ୍ୟ ଅମଳ ଚିଲିକା ପରିସଂସ୍ଥା ପାଇଁ ବିପଦ ସୃଷ୍ଟି କଲାଣି ।

ଆଗରୁ ଚିଙ୍ଗୁଡି ଚାଷ ପାଇଁ ଘେରି ନିର୍ମାଣ କରାଯାଉଥିଲା । ଏହି ଘେରିଗୁଡିକ ପ୍ରାକୃତିକ ଜଳ ପ୍ରବାହରେ ବାଧାସୃଷ୍ଟି କରେ । ଏହା ଫଳରେ ପଙ୍କମାଟି ଅଧିକ ହୁଏ ଓ ଲୁଣି ଅଂଶ ବୃଦ୍ଧି ପାଇବା ସହିତ ଗଭୀରତା ହ୍ରାସ ପାଏ । ଏହି କାରଣରୁ ପାରମ୍ପରିକ ମତ୍ସ୍ୟଜୀବୀ ନିଜର ଜୀବିକା ହରାଉଛନ୍ତି । ଜଳପତ୍ତନ ଓ ଜଳର ଗୁଣାତ୍ମକ ମାନ ହ୍ରାସଯୋଗୁଁ ମାଛ, କଙ୍କଡା ଓ ଚିଙ୍ଗୁଡିଗୁଡିକ ଆଶାନୁରୂପ ଖାଦ୍ୟ ପାଇଲେନି ଓ ସେମାନଙ୍କର ପ୍ରଜନନ ବାଧାପ୍ରାପ୍ତ ହେଲା । ଘେରି ଚାଷ ଓ ଏହାର କେତେକ କାର୍ଯ୍ୟବିଧି ବିଭିନ୍ନ ପ୍ରଜାତିର ବଂଶ ହ୍ରାସର କାରଣ ସାଜିଲା । ବାଗଦା ଚିଙ୍ଗୁଡି ଛୁଆଗୁଡିକୁ ଧରିବା ବେଳେ ଅନ୍ୟ ପ୍ରଜାତିର ଛୁଆଗୁଡିକ ମଧ୍ୟ ଧରାଯାଏ । ଆଗରୁ ମତ୍ସଜୀବୀମାନେ ଡଙ୍ଗା ଓ ଜାଲ ବ୍ୟବହାର କରି ମାଛ ଧରୁଥିଲେ । କିନ୍ତୁ ମାଛ ଧରା ଅଞ୍ଚଳ କମିଯିବାରୁ ଓ ମାଛ ସଂଖ୍ୟା କମିବାରୁ ସେମାନଙ୍କ ଜୀବିକା ପ୍ରଭାବିତ ହେଲା । ବେଆଇନ୍ ଭାବରେ ଚିଙ୍ଗୁଡି ବ୍ୟବସାୟ ଓ ମାଫିଆମାନଙ୍କ ଦୌରାତ୍ମ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତି ଅବନତି ପାଇଁ ଦାୟୀ । ସ୍ଥାନୀୟ ମତ୍ସ୍ୟଜୀବୀ ଓ ଏହି ବ୍ୟବସାୟୀଙ୍କ ମଧ୍ୟରେ ସର୍ବଦା କଳହ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କଲା । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପ୍ରାୟ ୧୫୧ ବର୍ଗ କିଲୋମିଟର ଅନୁଚିତ ଭାବରେ ଚିଙ୍ଗୁଡି ମାଫିଆ କବଳରୁ ମୁକ୍ତ କଲେଣି । ଚିଙ୍ଗୁଡି ଚାଷରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ଓ ସାର ବ୍ୟବହାର ଯୋଗୁଁ ଚିଲିକା ଜଳ କ୍ରମଶଃ ପ୍ରଦୂଷିତ ହେବା ସହିତ ସୁପୋଷଣ ଯୋଗୁଁ ଅଧିକ ଦଳ ବୃଦ୍ଧି କରି ଜଳଜ ପ୍ରାଣୀଙ୍କ ପାଇଁ ଅସୁବିଧା ସୃଷ୍ଟି କଲା । ବହୁ ପ୍ରଭାବଶାଳୀ ଚିଙ୍ଗୁଡି ବ୍ୟବସାୟୀମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳତା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟିକରିଥାଏ ।

ଏପରି ସମସ୍ୟା ସମାଧାନ ପାଇଁ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ । ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତିଙ୍କ ୫୦ ପ୍ରତିଶତ ଟାରିଫ ଯୋଗୁଁ ଚିଙ୍ଗୁଡି ରପ୍ତାନୀ ହ୍ରାସ ପାଇଛି । ଚିଲିକାର ଖଙ୍ଗା, ଡାଙ୍ଗଲା, ବାଗଦା ଚିଙ୍ଗୁଡି, ଖୁରାଣ୍ଟ ଇତ୍ୟାଦି ମାଛର ଆନ୍ତର୍ଜାତୀୟ ବଜାର ସୁଯୋଗ ଅଛି । ଏପରିକି ଏହି ମାଛ ଶୁଖୁଆର ଚାହିଦା ମଧ୍ୟ ରହିଛି । ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ପ୍ରସ୍ତୁତ ହେଉଥିବାରୁ ଏହାର ମୂଲ୍ୟ ହ୍ରାସ ପାଉଛି । ସୋଲାର ଡ୍ରାଏର ବ୍ୟବହାର କରି ଉନ୍ନତ ମାନର ଶୁଖୁଆ ପ୍ରସ୍ତୁତ କଲେ ଏହାର ମୂଲ୍ୟ ବୃଦ୍ଧି କରାଯାଇପାରିବ । ସମୟ ଆସିଛି ଚିଲିକାର ସୁରକ୍ଷା ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନଙ୍କ ମଙ୍ଗଳ ପାଇଁ କେତେକ ଦୀର୍ଘ ମିଆଦି ଯୋଜନା କାର୍ଯ୍ୟକାରୀ କରିବାକୁ ହେବ । ଏଥିପାଇଁ ଏକ ସମନ୍ୱିତ ଯୋଜନାର ଆବଶ୍ୟକତା ଅଛି । ପ୍ରଥମରେ ପ୍ରଦୂଷଣ ନିୟନ୍ତ୍ରଣ । ବିଭିନ୍ନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ଯେପରି ଚିଲିକା ମଧ୍ୟକୁ ପ୍ରବେଶ ନକରେ ସେଥିପାଇଁ ଠୋସ କଦମ୍ ଉଠାଇବାକୁ ପଡିବ । ମାଛଧରା କୌଶଳ ପରିବର୍ତ୍ତନ କରି ନିୟନ୍ତ୍ରିତ ଅମଳ କରିବା ଉପରେ କର୍ତ୍ତୃପକ୍ଷ ତୀକ୍ଷ୍ଣ ଦୃଷ୍ଟି ଦେବାର ଆବଶ୍ୟକତା ଅଛି । ନାଇଲନ ଜାଲ ଓ ମୋଟର ଡଙ୍ଗା ଉପରେ କଟକଣା ରହିବା କଥା । ଚିଲିକାର ଜୈବ ବିବିଧତା ଯେପରି କ୍ଷତିଗ୍ରସ୍ତ ନହୁଏ ସେଥିପ୍ରତି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ । ଏଥିପାଇଁ ପରିବେଶ ବିଶେଷଜ୍ଞ ସହ ପରାମର୍ଶ କରି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ଚିଲିକା ହ୍ରଦର ଚାରିପାଖରେ ଭିତ୍ତିଭୂମି ବିକାଶ ମଧ୍ୟ ତ୍ୱରାନ୍ୱିତ କରିବା ଆବଶ୍ୟକ । ଯେହେତୁ ୨୦ ପ୍ରତିଶତ ମାଛ ଧରାଳି ଅଧିକ ଧନୀ , ଧୀବର ସମ୍ପ୍ରଦାୟ ମଧ୍ୟରେ ଅର୍ଥନୈତିକ ସମତା ପାଇଁ ବିକାଶ ମୂଳକ ଯୋଜନା ହାତକୁ ନିଆଗଲେ ଅଭାବୀ ପ୍ରବାସନ ଆଶଙ୍କାର ଅବସାନ ଘଟିବ ।

କଳିଙ୍ଗନଗର ୭/୪୫୨,
ଭୁବନେଶ୍ୱର, ୭୫୧୦୨୯
ମୋ-୯୪୩୭୦୭୧୧୯୦
email-bidyadhar.mgmail.com


# ମାନବବାଦର ବାର୍ତ୍ତାବହ ଗୋପବନ୍ଧୁ



ହିମାଂଶୁ ଶେଖର ଆଚାର୍ଯ୍ୟ

ଦେଶର ଜାତୀୟ ଜୀବନରେ ଯେତେବେଳେ ଦୁର୍ଭାଗ୍ୟର କାଳରାତ୍ରୀ ନଇଁ ଆସେ, ସେତେବେଳେ ଦେଶକୁ ଉଦ୍ଧାର କରିବାପାଇଁ ଜାତିର ଆତ୍ମା ନିଭୃତରେ ତପସ୍ୟା କରିଥାଏ । ସେହି ତପସ୍ୟାର ଫଳସ୍ୱରୂପ ଆର୍ବିଭୁତ ହୁଅନ୍ତି କେତେକ ଉତ୍ସର୍ଗୀକୃତ ଜୀବନ, ଯେଉଁମାନେ କି କାଳରାତ୍ରିର ଅବସାନ ପାଇଁ ସଳିତା ଭଳି ତିଳ ତିଳ ଜଳି ନିଜ ଆଦର୍ଶର ଆଲୋକରେ ଅନ୍ୟମାନଙ୍କୁ ପଥପ୍ରଦର୍ଶନ କରନ୍ତି । ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ । ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ । ଆଜି ବି ସେବା ତ୍ୟାଗ ଓ ମଣିଷପଣିଆ କଥା ପଡିଲେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କଥାହିଁ ମାନସ ପଟରେ ଉଙ୍କିମାରେ ।

ଏହି ମହାମନା ସାଧକ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇ ପିତା ଦୈତାରୀ ଦାଶ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ବାଲ୍ୟକାଳରୁ ମାତୃ ଛେଉଣ୍ଡ ଗୋପବନ୍ଧୁ ପିଉସୀ କମଳା ଦେବୀଙ୍କ ସ୍ନେହର ପଣତ ତଳେ ବଢିଥିଲେ । ଶୈଶବରେ ମାତୃ-ପିତୃ ବିୟୋଗଜନିତ ଦୁଃଖ,ଯୌବନରେ ପତ୍ନୀଙ୍କ ବିଛେଦ ଓ ପରିବାରର ଆର୍ଥିକ ଦୁରବସ୍ଥା ତାଙ୍କୁ ତାଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରି ନଥିଲା । ମାନବସେବା ମାଧବସେବା ବ୍ରତକୁ ଏକାନ୍ତ ନିଷ୍ଠାର ସହିତ ସେ ନିଜ ଜୀବନରେ ଗ୍ରହଣ କରିଥିଲେ ପରମ ଆଦର୍ଶ ରୂପେ । କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ନିଜ ଗାଁର ଅବସ୍ଥାରୁ ହିଁ ସେ ସାରାରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ି ପାରିଥିଲେ । ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇ ଯାଉଥିଲେ । ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ । ପୁରୀ ସେବା ସମିତିଠାରୁ ଆରମ୍ଭ କରି କଲିକତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ କଲିକତା ଓଡ଼ିଆ ଶ୍ରମିକ ସଂଘ, ଯୁବ ଉତ୍କଳ ସଂଘ ଓ ଓଡ଼ିଆ ଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା ।



ପୂର୍ଣ୍ଣାଙ୍ଗ ଜୀବନ ଗଠନ ଶିକ୍ଷାର ମୂଳମନ୍ତ୍ର ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ । ଓଡିଶା ମାଟିରେ ଗୁଡିଏ ମଣିଷ ତିଆରି ହୋଇଯାଆନ୍ତୁ ଏହାହିଁ ଥିଲା ତାଙ୍କ ଜୀବନର ଅନ୍ୟ ଏକ ଲକ୍ଷ୍ୟ । ଏହାକୁ ସାକାର କରିବା ପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଛୁରୀଅନା କୁଞ୍ଜତଳେ ଆରମ୍ଭ କଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଗୁରୁକୁଳ ଆଶ୍ରମର ସକଳ ସ୍ମାରକୀ ବହନ କରୁଥିବା ବନ ବିଦ୍ୟାଳୟର କାର୍ଯ୍ୟ ପ୍ରତିଭାତ ହୋଇଥିଲା ତାଙ୍କ ସ୍ୱକୀୟ ଆଦର୍ଶରେ । ଏହାର ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା।

ଏହି ବିଦ୍ୟାଳୟ ସୁପରିଚାଳନାରେ ତାଙ୍କ ସହିତ ସହଯୋଗ କରିଥିଲେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ଲିଙ୍ଗରାଜଙ୍କ ଭଳି ବିଦ୍ୱାନ ବ୍ୟକ୍ତିଗଣ । ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଏବଂ ଆର୍ଯ୍ୟ ସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ସେତେବେଳେ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ଏହା ପଛରେ ଥିଲା ଗୋପବନ୍ଧୁଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସାଧନାର ଫଳଶ୍ରୁତି ।

ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ରହିଥିଲା । ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ । ମହାତ୍ମା ଗାନ୍ଧିଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ ।

ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟର ୧୯୧୫ ମସିହାରେ ଉତ୍କଳମଣି 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରକାଶନ କରିଥିଲେ ଯେଉଁଥିରେ ଓଡ଼ିଆମାନଙ୍କର ସମସ୍ୟାଗୁଡ଼କ ଅଗ୍ରାଧିକାର ଦିଆଯାଉଥିଲା । ସେହିପରି ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଓ ଚେତନାରୁ ସୃଷ୍ଟି ହୋଇଥିଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ' । ଏହି ଅନୁଷ୍ଠାନର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜର ସମସ୍ତ ସଂପତ୍ତି ଲୋକସେବକ ମଣ୍ଡଳକୁ ଦାନ କରି ଦେଇଥିଲେ ।

ରାଜନୈତିକ, ସାମାଜିକ ଓ ଜନସେବା ପରି ବିଭିନ୍ନ କ୍ଷେତ୍ରରେ ଥାଇ ମଧ୍ୟ ସେ ସାହିତ୍ୟ ସେବା ପ୍ରତି ବିମୁଖ ନଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ନୂତନ ଯୁଗର ସ୍ରଷ୍ଟା । ଗୋପବନ୍ଧୁ ଦାସ ଓ ତାଙ୍କର ସହଯୋଗୀ ସ୍ରଷ୍ଟାମାନେ ସେମାନଙ୍କ ଲେଖାରେ ଜାତୀୟତାବାଦକୁ ଗୁରୁତ୍ୱ ଦେଉଥିଲେ । ଉତ୍କଳର ଜାତୀୟତା ଓ ସଂସ୍କୃତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା । ତାଙ୍କ ରଚିତ ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ, କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବାର ଦେଖାଯାଏ। କବି ହିସାବରେ ସେ ଥିଲେ ପ୍ରଥମେ ବିଶ୍ୱପ୍ରେମୀ, ପରେ ଭାରତୀୟ ଓ ସବାଶେଷରେ ଓଡ଼ିଆ ।

ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ସତ୍ୟବାଦୀ ବନବିଦ୍ୟାଳୟ- ଏହାହିଁ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱକାଳର ଜୀବନଯାତ୍ରା । ସେ ଯାତ୍ରାର ଆରମ୍ଭ ହୋଇଥିଲା ୯ ଅକ୍ଟୋବର ୧୮୭୭ରୁ ଆଉ ଯାତ୍ରାର ସମାପ୍ତି ଘଟିଥିଲା ୧୭ ଜୁନ୍ ୧୯୨୮ ପବିତ୍ର ନେତ୍ରୋତ୍ସବ ତିଥିରେ । ସେବା, ତ୍ୟାଗ ଓ ତିତିକ୍ଷାରେ ବିତିଗଲା ଜୀବନ । ମଣିଷ ପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନଟି । ଜୀବନ ସିନା ହଜିଗଲା, ହେଲେ ସେ ଜୀଇଁ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ପାଇଁ ଆଉ ଜୀଇଁ ରହିଥିବେ ସବୁଦିନ ପାଇଁ ।

ବନ୍ୟା-ବାତ୍ୟା ଓ ମରୁଡି ପ୍ରପୀଡିତ ମଣିଷ ଏବଂ ଦୁଃଖୀ-ରଙ୍କିଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଏବେବି ସମୟ ଅଛି । ଏହି ମହାନ୍ ଜନନାୟକ ତଥା ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶକୁ ଉତ୍ତର ପିଢିଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱ ଆମ ସମସ୍ତଙ୍କର ।

ସଭାପତି, ସାରସ୍ୱତ ପରିଷଦ,
ଗଡସିଂହପୁର,
ମୋ-୯୩୩୭୨୨୧୯୨୪

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଶୃଙ୍ଖଳାକାରୀଙ୍କ...

ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟବ୍ୟାପୀ...

ତେଣୁ ଯେ ପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତ ଗିରଫ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏହି କଲମ ଛାଡ଼୍ ଆନ୍ଦୋଳନ ଚାଲୁ ରଖିବାକୁ ସେମାନେ ପରିଷଦ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି।

ପୀତବାସ ପଣ୍ଡାଙ୍କ ହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଚିଠି ଲେଖୁଥିବା ଏହି ଯୁବ ଆଇନଜୀବୀମାନେ ହେଲେ ସନ୍ଦୀପ ରାଜ୍ ପଣ୍ଡା, ସତ୍ୟ ମହାପାତ୍ର, ବାସୁ ଦେବ ସେଠୀ, ଦେବଜ୍ୟୋତି ପଣ୍ଡା, ପ୍ରିୟଦର୍ଶନ ମହାନ୍ତି, ସୁସମ୍ପଦ ହୋତା, ସତ୍ୟଜିତ୍ ସାହୁ, ପୁଷ୍ପକ ସାହୁ, ବିଶ୍ୱଜିତ୍ ସିଂ ପ୍ରମୁଖ।

ସେହିପରି ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ବିରୋଧ କରାଯାଇଛି । ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଥିବା ବେଳେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ସମ୍ପାଦକ ଭେଙ୍କଟ ରାଓ, ସହ ସମ୍ପାଦକ ଅଶିତ ସାବତ ପ୍ରମୁଖ ନେତୃତ୍ୱରେ ଅନୁଷ୍ଠିତ ହେବା ସହିତ ଆତ୍ମାର ସଦଗତି କାମନା କରାଯାଇଥିଲା ।

ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଜର୍ଜ କୋର୍ଟ ପରିସରରେ ଏକ ବୈଠକ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ଆଇନଜୀବୀ କିଶୋର ବିଶୋଇ ପ୍ରମୁଖ ମଞ୍ଚାସୀନ ରହି ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଏହି ଘଟଣାରେ କିଙ୍ଗପିନ କିଏ ତାକୁ ଗିରଫ କରିବା ସହିତ ଆଇନଜୀବୀ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ନିମନ୍ତେ ଦାବି କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଦୀପ ବେହେରାଲାଲ ବାହାଦୁର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସଭାପତି କପିଳ ପଟ୍ଟନାୟକ, ଅଶୋକ କୁମାର ଶୁକ୍ଳ, ରଘୁନନ୍ଦନ ପାଣିଗ୍ରାହୀ, ଲୋକ ନାଥ ବ୍ରହ୍ମାଙ୍କ ସମେତ ବହୁ ଆଇନଜୀବୀ ମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆଜି ଅପରାହ୍ନରେ ପ୍ରାୟ ଦୁଇ ଶହ ଊର୍ଦ୍ଧ୍ୱ ଆଇନଜୀବୀ ଗଞ୍ଜାମ ଜିଲ୍ଲା ଜର୍ଜ କୋର୍ଟ ଠାରୁ ଏକ ଶୋଭାଯାତ୍ରା ବାହାରି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଘଟଣାରେ ତଦନ୍ତ ପାଇଁ ଏସପି ଡ ଶ୍ରବଣ ବିବେକ ଏମଙ୍କ ନେତୃତ୍ୱରେ ୮ଟି ଟିମ ଗଠନ କରାଯାଇଛି ।

## ରାଜଧାନୀରେ...

ଆସୁଥିବାରୁ ଏବେ ବର୍ଷାରୁ ମିଳିବନି ନିସ୍ତାର । ବର୍ତ୍ତମାନ ସାରା ରାଜ୍ୟରେ ଲାଗି ରହିଛି ବର୍ଷା ।

ସେପଟେ ଦକ୍ଷିଣ ବାଂଲାଦେଶ ଓ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ୯ ତାରିଖ ଯାଏଁ ଏହା ସକ୍ରିୟ ରହିବା ସହ ରାଜ୍ୟରେ ଜାରି ରହିବ ବଜ୍ରପାତ ଜନିତ ବର୍ଷା । ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ । ତେବେ ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ବର୍ଷା । କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିବ । ଓଡ଼ିଶାରୁ ମୌସୁମୀ ବିଦାୟ ନେବାର ସମୟ ୧୫ ତାରିଖ ହୋଇଥିବା ବେଳେ ଆଗାମୀ ୫ ଦିନରେ ମୌସୁମୀ ବିଦାୟ ନେବା ପାଇଁ ପାଗ ଅନୁକୂଳ ନଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଶେଷଜ୍ଞଙ୍କ ଆକଳନ ୧୭ ଅକ୍ଟୋବର (୩ ଦିନ ଆଗ କିମ୍ବା ପଛ) ପରେ ରାଜ୍ୟରୁ ଧୀରେ ଧୀରେ ବାୟୁ ଚଳାଚଳର ଦିଗ ବଦଳିବା ସହିତ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରୁ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ ।

## ରସାୟନ...

ଫେମ୍ ୱାର୍କ ବୋଲି ଦର୍ଶାଯାଇଥିଲା। ଏହାଦ୍ୱାରା ମରୁଭୂମି ବାୟୁରୁ ପାଣି ବାହାର କରିବା, କାର୍ବନ ଡାଇଅକ୍ସାଇଡ ଧରିବା ଏବଂ ବିଷାକ୍ତ ଗ୍ୟାସ୍ ସଂରକ୍ଷଣ କରିବା ଅନ୍ତର୍ଭୁକ୍ତ। ଏହି ପ୍ରଯୁକ୍ତି ବିଦ୍ୟା ଜଳ ଅଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଶିଳ୍ପ ପ୍ରଦୂଷଣର ମୁକାବିଲାରେ ବଡ ପରିବର୍ତ୍ତନକାରୀ ବୋଲି ପ୍ରମାଣିତ ହୋଇପାରେ।

## ଚିରଞ୍ଜୀବ...

ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏହାଛଡା ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ, ମନୋଜ ମିଶ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ, ରାଜୁ ଘିଭେଲାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

## ପୋଲିସକୁ...

ଘରେ ଭଡାରେ ରହିଆସୁଛନ୍ତି । କିନ୍ତୁ କିଛି ଅନୈତିକ ଘଟଣା ଏବଂ ଅଧିକ ଲୋକଙ୍କ ରହିବା ସହ ଘରଭଡା ନଦେବା କାରଣରୁ ଘର ମାଲିକ ଅରବିନ୍ଦ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଇଙ୍କ ସହ ୫ଦିନ ପୂର୍ବେ ବିନୋଦ କୁମାର ପାତ୍ରଙ୍କୁ ଘର ଛାଡିବାକୁ କହିଥିଲେ ।

ଯାହାର ପ୍ରତିଶୋଧ ନେବା ପାଇଁ ଭଡା ରହୁଥିବା ଘରର ସଦସ୍ୟ ବିନୋଦ ବିହାରୀ ପାତ୍ର ତାଙ୍କ ପୁଅ ପ୍ରିୟରଞ୍ଜନ ପାତ୍ର, ସ୍ତ୍ରୀ ରଞ୍ଜୁଲତା ପାତ୍ର, ଝିଅ ପ୍ରଜ୍ଞାପାରମିତା ପାତ୍ର, ସୁମିତ କୁମାର ସାହୁ, ଭାରତ ଭୂଷଣ ସାହୁ ଓ ସେମାନଙ୍କ ଅନ୍ୟ ସହଯୋଗୀମାନଙ୍କ ସହିତ ଘର ମାଲିକ ଅରବିନ୍ଦ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ । ଏହି ସମୟରେ ଅରବିନ୍ଦ ମଲ୍ଲିକ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଅଭିଯୋଗକାରୀ ଏବଂ ତାଙ୍କ ବାପା ହରେକୃଷ୍ଣ ସାହୁ ଘଟଣାରେ ହସ୍ତକ୍ଷେପ କରିଥିଲେ । ଏହି ସମୟରେ ଗିରଫ ୩ ଅଭିଯୁକ୍ତ ଏବଂ ଅନ୍ୟ ସହଯୋଗୀମାନେ ପିସିଆର୍‌କୁ ଖବର ଦେଇଥିଲେ । ଅଭିଯୋଗକାରିଣୀ ବାପାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ହଠାତ୍ ଏକ ପଥର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ସୌଭାଗ୍ୟବଶତଃ ତାଙ୍କ ବାପା ଅଳ୍ପକେ ରକ୍ଷା ପାଇଥିଲେ ।

କିଛି ସମୟ ବ୍ୟବଧାନରେ ପିସିଆର୍ ଗାଡି ଘଟଣାସ୍ଥଳରେ ପହଞ୍ଚି ଅରବିନ୍ଦ ମଲ୍ଲିକଙ୍କୁ ଗାଡି ଭିତରକୁ ନେବା ସମୟରେ ବିନୋଦ ବିହାରୀ ପାତ୍ରଙ୍କ ସଦସ୍ୟମାନେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ପୁଣି ଥରେ ପିସିଆର୍‌ରୁ ଅରବିନ୍ଦ ମଲ୍ଲିକଙ୍କୁ ଟାଣିଆଣି ନିର୍ମମ ଭାବରେ ଆକ୍ରମଣ କରିବା ସହିତ ପୋଲିସ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଅଭିଯୋଗ ହେବା ପରେ ପୋଲିସ ପ୍ରିୟରଞ୍ଜନ, ସୁମିତ ଓ ଭାରତ ଭୂଷଣଙ୍କୁ ଗିରଫ କରିଛି । କେସ୍ ନଂ ୨୯୬ ଓ ୨୯୮ରେ ୪ଜଣ ଗିରଫ ହୋଇଥିବା ବେଳେ ୨୯୭ ନଂ ମାମଲାର ତଦନ୍ତ ଜାରି ରହିଛି । ପୋଲିସ କହିବାନୁଯାୟୀ କେବଳ ୨୯୭ ନୁହେଁ ତିନୋଟିଯାକ ମାମଲାର ତଦନ୍ତ ଜାରି ରହିଛି । ୨୯୮ ନମ୍ବର କେସ୍‌ରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ବିରୋଧରେ ତମାଣ୍ଡୋ ଥାନାରେ ପୂର୍ବରୁ ଦୁଇଟି ଲେଖାଏଁ ମାମଲା ରହିଥିବା ସୂଚନା ମିଳିଛି ।

## କଫ୍...

ପ୍ରକ୍ରିୟାରେ ନିର୍ମିତ ଔଷଧକୁ ନିଷିଦ୍ଧ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସର୍ବଭାରତୀୟ ମେଡିକାଲ ସଂଘର ମୁଖ୍ୟ ଡ. ରୋହନ କ୍ରିଷ୍ଣନ କହିଛନ୍ତି। ଯେଉଁ ବ୍ୟକ୍ତିବିଶେଷମାନେ ଏହି ଔଷଧକୁ ଅନୁମତି ଦେଇଥିଲେ ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଔଷଧଗୁଡ଼ିକୁ ସାର୍ଟିଫିକେଟ ଦେବାର ଯେଉଁ ବ୍ୟବସ୍ଥା ଅଛି ତାହା ଏବେ ଚିନ୍ତା ବଢ଼ାଇଛି। କିଛିଦିନ ମଧ୍ୟରେ କଫସିରଫ ପିଇ ମଧ୍ୟପ୍ରଦେଶର ଗ୍ରାମାଞ୍ଚଳରେ ୧୯ ଶିଶୁ ମୃତ୍ୟୁବରଣ କରିଥିବାବେଳେ କିଡ୍‌ନୀ ଫେଲ୍ ଯୋଗୁ ୫ ଜଣ ଗୁରୁତର ହୋଇଥିଲେ। କୋଲ୍‌ଡଡ୍ରିଫ୍ କଫ୍ ସିରଫରେ ବିପଦଜନକ ଡାଇଇଥାଲାଇନ ଗ୍ଲାଇକୋଲ ରହିଛି। ଯାହା ଏକ ବିଷାକ୍ତ ପଦାର୍ଥ। ଏହାଦ୍ୱାରା ପରିସ୍ରା କଳା ହେବାସହ ଲୋକଙ୍କୁ ଅଳସୁଆ କରିଦିଏ ଓ କିଡ୍‌ନୀ ଫେଲ୍ । କେନ୍ଦ୍ର ପକ୍ଷରୁ ମଧ୍ୟ ଏହି କଫ୍‌ସିରଫର ବ୍ୟବହାର ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଅଧିକାଂଶ ନମୁନାରେ ଏଭଳି ଅନେକ ବ୍ରାଣ୍ଡ ଦେଖିବାକୁ ମିଳୁଛି। ଡାଇ ଇଥାଲାଇନ୍ ଗ୍ଲାଇକୋଲ ମୁଖ୍ୟତଃ ଛପାଯାଉଥିବା କାଳୀ, ବ୍ରେକ୍ ଫ୍ଲୁଇଡ୍ ଓ ଲୁବ୍ରିକ୍ରାଣ୍ଟରେ ବ୍ୟବହାର ହୋଇଥାଏ। ଏହାକୁ ସେବନ କଲେ କିଡ୍‌ନୀ, ଲିଭର ଓ ସ୍ନାୟୁ ବ୍ୟବସ୍ଥା ଧୀରେ ଧୀରେ କ୍ଷତି ହୋଇଥାଏ । ଖୁବ୍‌ଶୀଘ୍ର କିଡ୍‌ନୀ ଫେଲ ହୋଇଥାଏ ଓ ମୃତ୍ୟୁ ଘଟିଥାଏ।

## ନୂଆପଡା...

ବିଜେପି ମଧ୍ୟ ଏହି ଆସନ ଜିତିବା ପାଇଁ ଯତ୍ ପର ନାସ୍ତି ଉଦ୍ୟମ କରିବ ବୋଲି ଜଣାପଡ଼ିଛି। ନିର୍ବାଚନ ଘୋଷଣା ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତ କରି ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ସହ କୋମନାକୁ ଏନ୍‌ଏସି ଓ ଖରିଆର ରୋଡ୍ ଏନ୍‌ଏସିକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିଥିଲେ। ୨୦୨୪ ନିର୍ବାଚନରେ ଅଭିନନ୍ଦନ ପଣ୍ଡା ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେ ତୃତୀୟ ସ୍ଥାନରେ ଥିଲେ। ଏଥର ଦଳ ତାଙ୍କୁ ପୁନର୍ବାର ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଏହାଛଡା ବିଜେପିରୁ ପ୍ରାର୍ଥୀ ହେବାପାଇଁ ପ୍ରସନ୍ନ ପାଢ଼ୀ ଓ ଯଦୁମଣୀ ପଣ୍ଡାଙ୍କ ସମେତ ଅନେକ ଆଶାୟୀ ଅଛନ୍ତି। ତେବେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ନିଷ୍ପତ୍ତି ହୋଇନାହିଁ। ନିକଟରେ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ନୂଆଦିଲ୍ଲୀ ଯାଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହ ନୂଆପଡା ଉପନିର୍ବାଚନ ନେଇ ଆଲୋଚନା କରିଥିଲେ । ତେବେ ଖୁବ୍‌ଶୀଘ୍ର ଦଳ ପ୍ରାର୍ଥୀ ଘୋଷଣା କରିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

## ୧୧୯...

କେଉଁ ସ୍ଥାନକୁ ନେଉଥିଲେ ସେ ବିଷୟରେ କର୍ମଚାରୀଙ୍କୁ ପଚରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉକି, ଚଳିତମାସ ୫ ଓ ୬ ତାରିଖରେ ଏସ୍‌ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ହେଲେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲ ୨୯ ତାରିଖରେ ୩ଟି ବସରେ ବସି ଆନ୍ଧ୍ରପ୍ରଦେଶର ବିଜୟନଗର ଅଭିମୁଖେ ଯାଉଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରି ନେଇଥିଲା । ବସ କର୍ମଚାରୀ ସମେତ ୧୧୭ ଜଣ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା । ଏହାପରେ ପୁଲିସ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ପାଇଁ ଶୁଭଖୁଣ୍ଟିକୁ ପୂଜାର୍ଚ୍ଚନା କରି ସ୍ଥାପନ କରାଯାଇଥିଲା ।

# ଟିପି ଓଡ଼ିଶା ଡିସକମ୍‌ଗୁଡିକର ଏକ ନୂତନ ଅଧ୍ୟାୟ




ସେଫଟି ଭର୍ଟିକାଲ୍ ଅଧିନରେ ଟ୍ରେନିଂ ଅନ୍ ହ୍ୱିଲ୍ସ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ଭୁବନେଶ୍ୱରର ବିଦ୍ୟୁତ ବନ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଓଡ଼ିଶା ୨.୦ ଅନ୍ତର୍ଗତ "ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର,ଆକାଶ ଦାସ ନାୟକ ଅଭିନେତ୍ରୀ ସୁଶ୍ରୀ ଅନୁ ଚୌଧୁରୀ,ଟିପିଏନ୍‌ଓଡିଏଲ୍ ସିଇଓ ଗଜାନନ କଲେ ଏବଂସିଇଓ, ଟିପିସିଓଡିଏଲ୍ ଅରଭିନ୍ଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ୨.୦ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପକୁ ନେଇ ତିଆରି ହୋଇଛି, ଯେଉଁଥିରେ ରହିଛି ଟ୍ରେନିଂ ଅନ୍ ହ୍ୱିଲ୍ସ, ଅତ୍ୟାଧୁନିକ ଅଫିସ୍ ଭିତ୍ତିଭୂମି, କର୍ମଚାରୀ ସଂଯୋଗ, ବ୍ୟବସାୟ ସହଯୋଗୀଙ୍କ ଜୀବନକୁ ଛୁଇଁବା ଭଳି କିଛି ପଦକ୍ଷେପ, ହାତ ପାହାନ୍ତରେ ଚିକିତ୍ସା ସୁବିଧା ଏବଂ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଯୋଗୀତା । ଏହି ପ୍ରତ୍ୟେକ ପ୍ରକଳ୍ପକୁ ଏଭଳି ଭାବେ ଯନିର ସହ ଡିଜାଇନ୍ କରାଯାଇଛି ଯାହା ଓଡିଶା ରେ ସୁରକ୍ଷିତ, ସୁସ୍ଥ ଏବଂ ଅଧିକ ନିବିଡ ସମ୍ପ୍ରଦାୟ ଗଠନ ପାଇଁ ଡିସକମ୍ ଗୁଡିକର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଓଡ଼ିଶା ୨.୦ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ଭାବରେ, ପ୍ରୋଜେକ୍ଟ ଟ୍ରେନିଂ ଅନ୍ ହ୍ୱିଲ୍ସ ୬ ଅକ୍ଟୋବର ୨୦୨୫ ରେ ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେରରେ ଟିପିଏସ୍‌ଡିଆଇ ସହଯୋଗରେ ଓଡ଼ିଶା ଡିସକମ୍ ଗୁଡିକ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି । ଆଶା କରାଯାଉଛି ଯେ ଏହି ପ୍ରକଳ୍ପ ଅଧିନରେ ତାଲିମ ଭିତ୍ତିଭୂମିକୁ ଓଡ଼ିଶାର ୧.୫୪ ଲକ୍ଷ ବର୍ଗ କିଲୋମିଟର ସେବା କ୍ଷେତ୍ରରେ ଥିବା ଫ୍ୟୁଜ୍ କଲ୍ ସେର ଏବଂ ପିଏସ୍‌ଏସ୍ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ପାଖକୁ ପହଞ୍ଚାଯିବ, ଯାହା ୭୪୩ ଟି ସେକ୍ସନ କୁ କଭର କରିବ, ଯାହା ଦ୍ୱାରା ରାଜ୍ୟର ଦୂରଦୁରାନ୍ତ ପର୍ଯ୍ୟନ୍ତ ମଧ୍ୟ ଗୁଣାତ୍ମକ ତାଲିମ ପହଞ୍ଚିପାରିବ । ଏହି ପ୍ରକଳ୍ପ ବୈଦ୍ୟୁତିକ ସୁରକ୍ଷା, ଆଚରଣଗତ ସୁରକ୍ଷା, ଅତ୍ୟାବଶ୍ୟକ ସୁରକ୍ଷା ଅଭ୍ୟାସ, ବୈଷୟିକ ତାଲିମ, ଉଚ୍ଚତାରେ କାମ କରିବା ସମୟରେ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିଚାଳନା ଉପରେ ତାଲିମ ପ୍ରଦାନ କରିବ । ଏହି ପଦକ୍ଷେପ ମାଧ୍ୟମରେ, ଓଡ଼ିଶା ଡିସକମ୍ ଗୁଡିକ ସୁରକ୍ଷା ସଚେତନତା ଏବଂ ସୁରକ୍ଷା ନିୟମ ଅନୁପାଳନରେ ଉଲ୍ଲେଖନୀୟ ଉନ୍ନତି ଆଣିବା, ସୁରକ୍ଷା ଏବଂ ବୈଷୟିକ ମାନଦଣ୍ଡକୁ ଭଲ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା ଏବଂ ଦୂରବର୍ତ୍ତୀ ଭୌଗୋଳିକ ଅଞ୍ଚଳରେ ତାଲିମର ସୁଗମତା ବୃଦ୍ଧି କରିବାକୁ ଆଶା ରଖିଛନ୍ତି ।

# ଭଦ୍ରକ ମୁସଲିମ ଜମାତରେ ମିର୍ଜା ଫୈଜଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,(ସବ୍ୟୁ): ଭଦ୍ରକ ମୁସଲିମ ଜମାତ ଆନୁକୂଲ୍ୟରୁ ପୁରୁଣାବଜାର ସ୍ଥିତ ମଦିନା ମଇଦାନଠାରେ ଏକ ସମ୍ବର୍ଦ୍ଧନା ସଭା ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦଙ୍କ ସହଯୋଗରେ ଏବଂ ବିଶିଷ୍ଟ କବି ତଥା ମାଷ୍ଟର ମୁସ୍ତାକ ଗୌହରଙ୍କ ସଂଚାଳନରୁ ଆରମ୍ଭ ହୋଇଥିଲା । ଏହି ସଭାରେ ମୂଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତରାୟ,ଏସପି ମନୋଜ କୁମାର ରାଉତ ଯୋଗଦାନ ଦେଇ ମୁସଲିମ ଜାମତର ସଂପାଦକ ହାଜୀ ଅବଦୁଲ ମୁକିତ ଖାନ,ଜମିଲ ଅଖତର ଖାନ,ଇଂ.ରେଜାଏ ରସୁଲ,ଇଂ.ହବିବୁଲ୍ଲା ଖାନ,ଅସରଫ ଅଲ୍ଲି ଖାନ,ମିର୍ଜା ଏକ୍ରାମ ବେଗ,ଶେଖ ଅବୁକଲାମଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ତଯାଗଭୂମି ମହୋସିବର ସଭାପତି ଅଜୟ ନାୟକ,ପ୍ରଧାପକ ନାସିର ବକ୍ସ,ସମାଜସେବୀ ସୁଧାକର ରାଉତ,ଅବସରପ୍ରାପ୍ତ ବିଚାରପତି ନୌସାଦ ଅଲି ଖାନ,ବାଳାଶ୍ରମ ସଂପାଦକ ଅଶୋକ ଦାସଙ୍କ ପ୍ରମୁଖ ଯୋଗଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ସିକେପି-ଇଷ୍ଟ-୨୫-୨୬-୩୫, ତାରିଖ ୦୬.୧୦.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଓପନ ଟେଣ୍ଡର ବିପକ୍ଷରେ ଡିଭିଜନାଲ ରେଲୱେ ମ୍ୟାନେଜର/ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଉନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : (୧) ନିମପୁରା-ଟାଟାନଗର-ଟିଆରଆର (ପି) - ୧.୫୩ କିଲୋମିଟର, ଟାଟାନଗର - ଗମ୍ହରିଆ-ଟିଆରଆର (ପି) ୨.୪୬୮ କିଲୋମିଟର, ଗମ୍ହରିଆ-ସିନି-ଟିଆରଆର (ପି)-୧୦.୭୩୯ କିଲୋମିଟର, ରାଜଖରସାୱାଁ-କାଣ୍ଡ୍ରା-ଟିଆରଆର (ପି) ୫.୫୭୫ କିଲୋମିଟର, କାଣ୍ଡ୍ରା-ସିନି-ଟିଆରଆର (ପି) ୦.୩୨୦ କିଲୋମିଟର । ମୋଟ- ୨୦.୬୩୨ କିଲୋମିଟର । (୨) ନିମପୁରା-ଟାଟାନଗର-ଟିଆରଆର (ଏସ)- ୪.୬୧୬ କିଲୋମିଟର ସେକ୍ସନ ମଧ୍ୟରେ ଥ୍ରୋ ରେଲ୍ ରିନ୍ୟୁଆଲ (ଏସ) - ୮.୫୬୨ କିଲୋମିଟର, ଅର୍ଜିତ/କୋଇ ଜଙ୍କସନ-ଗୋଷ୍ଠମହିଷିଆଣି-ଟିଆରଆର (ଏସ)- ୦.୮୧୯ କିଲୋମିଟର, ଟାଟାନଗର-ବାଦାମପାହାଡ଼-ଟିଆରଆର (ଏସ୍)- ୩.୧୧୭ କିଲୋମିଟର । (୩) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ଏସ) - ନିମପୁରା-ଟାଟାନଗର ଜଙ୍କସନ ଓ ଟାଟାନଗର- ବାଦାମପାହାଡ଼ ମଧ୍ୟରେ ୩.୮୬୯ କିଲୋମିଟର । (୪) ସିନିୟର ଡିଭିଜନାଲ ଇଞ୍ଜିନିୟର (ଇଷ୍ଟ) / ଚକ୍ରଧରପୁର (ସାଉଥ ଜୋନ)ଙ୍କ କ୍ଷମତା ଅଧୀନସ୍ଥ ଚକ୍ରଧରପୁର ଡିଭିଜନରେ ବ୍ରିଜ୍ ଆପ୍ରୋଚ ସ୍ଲିପରଗୁଡିକର ନବୀକରଣ । ଟେଣ୍ଡର ମୂଲ୍ୟ : ଟ. ୩,୩୩,୧୯,୮୬୯.୩୮ । ଇଏମଡି : ଟ. ୩,୧୬,୬୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ୦.୦୦ । ଖୋଲା ତାରିଖ : ୨୯.୧୦.୨୦୨୫ । ୱେବସାଇଟ https://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ମାଗଣାରେ ଇ-ଟେଣ୍ଡର ଫର୍ମ ଉପଲବ୍ଧ କରାଯିବ । (ରେଲ୍‌ପଥ-ରେଳବାଇ ପତ୍ରାଙ୍କ ନଂ ୨୦୨୦/ସିଇ-ଆଇ/ସିଟି/୩ଇ/କିସିବି/ପଲିସି ତାରିଖ : ୧୬.୦୨.୨୦୨୦ । (PR-697)

**AFFIDAVIT**

I, Rajender Singh, S/o: Late Gurmukh Singh, resident of 5036, Jayadev Nagar, Old Town, Bhubaneswar, Bhubaneswar Urban, PIN-751002, Odisha declare by this affidavit No. 942, dtd. 08.10.2025 that now onwards I shall be known as RAJINDER SINGH for all future purposes.

**LOST DOCUMENTS**

I, Sasmita Patra alias Choudhury, aged 45 years, W/o- Ramakrishna Choudhary, Nimakhandipentha, Digapahandi, Ganjam, do hereby declare that, on 30.09.2025 at 9.00 PM, while returning to my house after worship of the Goddess Budhi Thakurani at Bazar Chowk, Digapahandi, I lost the original document somewhere else which I am unable to trace it out inspite all of my best efforts. Document Detail: Original ROR Khata No. 1119/2113, Plot No. 7600/11929, Mouza: Digapahandi.

Sasmita Patra alias Choudhury

**AFFIDAVIT**

By virtue of an affidavit sworn before Executive Magistrate/ Notary, Titilagarh, Dt-03/09/2025, I, Tejabanti Gahir, W/o- Hemaraj Nag, At/PO- Haldi, Ps- Muribahal, Dist- Balangir, Pin-767037, declare that I have changed my name from Tejaswini Gahir(Old Name) to Tejabanti Gahir( New Name). Henceforth, I shall be known as Tejabanti Gahir for all purposes.

Tejabanti Gahir

**AFFIDAVIT**

I, Khusboo Agarwal, W/o- Arvind Kumar Agarwal Karagali, Rajgangpur, Sundergarh - 770017, Odisha declare by this affidavit No-79, dt. 05.06.2025 that now onwards I shall be known as KHUSHBOO AGARWAL for all future purposes.

**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**

Email : dfo.khariar@odisha.gov.in

MM-216

Government of Odisha "e" Procurement Notice

Bid Identification No.DFO-KHR-04/2025-26

1. Name of works : 1. Construction of Forester Quarter at Junapani (Tenko Chowk) in Khariar Range
   2. Construction of Forester Quarter at Komna in Komna Range
   3. Construction of Forest Guard Quarter at Duajhar in Khariar Range
2. Approximate estimated cost:-1. Construction of Forester Quarter at Junapani =21.71 lakh
   2. Construction of Forester Quarter at Komna =21.71 lakh
   3. Construction of Forest Guard Quarter at Duajhar =17.17 lakh
3. Period of Completion : 4 (Four) Calendar month.
4. Date & Time of availability of bid documents in the portal : Dt.09.10.2025 to 18.10.2025
5. Last date /Time of receipt of bid in the portal : Dt.09.10.2025 to 18.10.2025 up to 05.00 PM.
6. Date of Opening of bid : Dt.20.10.2025 at 11.00 AM.
7. Name & Address of the office inviting bid:-O/o the Divisional Forest Officer, Khariar Forest Division, Khariar. Further details can be from e-procurement portal http://www.tendersodisha.gov.in

Sd/- Divisional Forest Officer, Khariar Division, Khariar

OIPR : 08153/11/0014/2526

A-696

**GOVERNMENT OF ODISHA**
**DEPARTMENT OF WATER RESOURCES**

Office of the Addl. Chief Engineer. Mechanical Circle. Bhubaneswar
Email Address: semechcircle104@gmail.com

e-Procurement Notice- Bid Identification No.- ACEM/MDB-38/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-38/2025-26
5. Estimated Cost : Rs. 14,34,264/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/ time for receipt of bid In the Portal : dt.22.10.2025 (up to 5.30 PM)
9. Date and Place of opening of Bid : dt.23.10.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer, Mechanical Circle Bhubaneswar

OIPR : 32405/11/0093/2526

A-700

**GOVERNMENT OF ODISHA**
**DEPARTMENTOF WATER RESOURCES**

Office of the Addl. Chief Engineer. Mechanical Circle. Bhubaneswar
Email Address: semechcircle104@gmail.com

e-Procurement Notice- Bid Identification No.- ACEM/MDB-42/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-42/2025-26
5. Estimated Cost : Rs. 14,47,170/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/ time for receipt of bid In the Portal : dt.22.10.2025 (up to 5.30 PM)
9. Date and Place of opening of Bid : dt.23.10.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer, Mechanical Circle Bhubaneswar

OIPR : 32405/11/0097/2526

O-849

E-mail: rwdmohana@gmail.com

**GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION MOHANA**

NATIONAL COMPETITIVE BIDDING THROUGH e-Procurement

Identification No. Online Tender 05/MOHANA/2025/26

1. Name of the work : Building works
2. Total No. Work : 08 (Eight) Nos.
3. Estimated Cost : 4.20 Lakhs to 5.04 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender/05 MOHANA/ 2025-26 | 08 (Eight) Nos. | 10.10.2025 from 11.00 AM | 20.10.2025 upto 5.00 PM | 17.10.2025 upto 5.00 PM | 22.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd/- Executive Engineer R.W. Division, Mohana

OIPR : 25148/11/0047/2526

O-892

**GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION : RAYAGADA**

e-mail: rw_rayagada@yahoo.co.in

GEPNIC e-Procurement Notice

Bid Identification No. EERWRGD - Online - 05/2025-2526

Letter No- 3075 Date. 24.09.2025

1. Name of the work : Maintenance of Road works
2. Total No. Works : 42 Nos. (Percentage rate tender)
3. Estimated Cost : Varies from 5.98 lakhs to 49.85 lakhs
4. Class of Contractor : "D", "C" & "B" Class
5. Time of Completion : Specified in DTCN
6. Mode of submission of tender : Tender should be submitted only in online https://www.tendersodisha.gov.in.
7. Other details : Detailed tender condition specified in DTCN

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online - 05 / 2025-26 | 42 (Fourty Two) Nos. | 10.10.2025 from 11.00 AM | 23.10.2025 upto 5.00 PM | 22.10.2025 upto 5.00 PM | 24.10.2025 at 11.00 AM |

Further details can be seen from the Website www.tenderodisha.gov.in

OIPR : 25072/11/0029/2526

Sd/- Executive Engineer, Rural Works Division, Rayagada

**THE ANGUL UNITED CENTRAL CO-OP. BANK LTD., ANGUL**

Regd. No.9D Dt.08.10.1956, Email: auccbank.ho@auccbank.com
Reserve Bank License No.RPCD, Bhubaneswar/14/2011-12 Dt.02.05.2012
At/P.O/Dist. - Angul, In front of Collector's Office, Near NH-55,Telephone No. (06764) 233116, 230950



OUR OFFICE

Sri Pradeep Kumar Parida, Chief Executive Officer, A.U.C.C. Bank Ltd., Angul.

Sri Santosh Kumar Pradhan, President, A.U.C.C. Bank Ltd., Angul.

FACILITIES PROVIDED

- Provides Higher Rate of Interest in Deposits.
- Covered under Deposit Insurance Credit Gurantee Scheme.
- Issue of Bank Draft all over India.
- Safe Deposit Locker facilities available.
- Kissan Credit Card Loan @0% interest upto Rs.1,00,000/-
- Financing of ST SHG @0% interest upto Rs.10,00,000/-
- Advancing Farm Mechanization / Agril. Term Loan.
- Issue of Rupay Kissan Credit Card.
- Fully computerized - Core Banking Solution (CBS).
- Direct RTGS / NEFT / IMPS.
- ATM facilities available.
- PACS as One Stop Shop / Multi Service Center.
- Provides input facilities to the farmer members through PACS.
- Micro ATM facilities are available at PACS level for Deposit & Drawal.
- We are provided FASTag in our all Branches.

Website : www.auccbank.com

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସଖୀ

# ୪,୬୦୦ରୁ ଅଧିକ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି

ଭୁବନେଶ୍ୱର, (ସବ୍ୟୁ) : ମହିଳାଙ୍କୁ ସଶକ୍ତ କରିବା କେବଳ ବ୍ୟକ୍ତିତ୍ୱର ବିକାଶ ନୁହେଁ, ବରଂ ସମଗ୍ର ସମାଜକୁ ପରିବର୍ତ୍ତନ କରିବାକୁ ବୁଝାଏ। ଭାରତରେ, ଯେଉଁଠାରେ ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣ, ଅଭିବୃଦ୍ଧିର ସବୁଠାରୁ ଶକ୍ତିଶାଳୀ ଲିଭର ମଧ୍ୟରୁ ଗୋଟିଏ, ସେଠାରେ ସାମାଜିକ-ଅର୍ଥନୈତିକ ପରମ୍ପରା ପ୍ରତିବନ୍ଧକ ସାଜି ଠିଆ ହୁଏ। ଓଡ଼ିଶାର କଳାହାଣ୍ଡିର ଦୁର୍ଗମ ଜିଲ୍ଲାରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ, ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଛି। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ପ୍ରୋଜେକ୍ଟ ସଖୀ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ୪୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪,୬୦୦ରୁ ଅଧିକ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କୁ



ତୃଣମୂଳ ସ୍ତରର ଉଦ୍ୟୋଗ ଆରମ୍ଭ ଏବଂ ବୃଦ୍ଧି କରିବାରେ ସକ୍ଷମ କରିଛି। ଯେଉଁ ମହିଳାମାନେ ଥରେ ଦାରିଦ୍ର୍ୟ ସହିତ ସଂଘର୍ଷ କରୁଥିଲେ - ଆର୍ଥିକ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ରଖିବା ତ ଦୂରର କଥା - ସେମାନେ ଏବେ ଜଣେ ଜଣେ ଉଦ୍ୟୋଗୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ସମ୍ପ୍ରଦାୟର ନେତା। ପ୍ରୋଜେକ୍ଟ ସଖୀ ଏକ ଆନ୍ଦୋଳନ ପାଲଟିଛି ଯାହା ମହିଳାମାନଙ୍କୁ ସେମାନଙ୍କର ଭୂମିକା ପୁନଃକଳ୍ପନା କରିବାରେ ସାହାଯ୍ୟ କରେ, କେବଳ ପରିବାରର ଆୟରେ ଯୋଗଦାନକାରୀ ଭାବରେ ନୁହେଁ, ବରଂ ସେମାନଙ୍କ ନିଜ ଜୀବନର ସିଇଓ ଭାବରେ। ଜୀବିକାଠାରୁ ନେତୃତ୍ୱ ପର୍ଯ୍ୟନ୍ତ ପ୍ରୋଜେକ୍ଟର ମୂଳରେ ଏକ ମୌଳିକ ଧାରଣା ରହିଛି। ପ୍ରୋଜେକ୍ଟ ସଖୀ ଆର୍ଥିକ ସାକ୍ଷରତା, ଋଣର ସୁବିଧା, ବୃତ୍ତିଗତ ତାଲିମ ଏବଂ ସାମୂହିକ ନେତୃତ୍ୱକୁ ଏକତ୍ରିତ କରେ। ମହିଳାମାନଙ୍କୁ କୃଷି-ଭିତ୍ତିକ ଏବଂ ଅଣ-କୃଷି-ଭିତ୍ତିକ ଆୟ ସୁଯୋଗ ଅନୁସନ୍ଧାନ କରିବାକୁ ଉତ୍ସାହିତ କରାଯାଏ, ଛତୁ ଚାଷ ଏବଂ ଛେଳି ପାଳନଠାରୁ ଆରମ୍ଭ କରି କିରାଣା ଦୋକାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ପ୍ରିଣ୍ଟିଂଗ ଦୋକାନ ଭଳି ଛୋଟ ଉଦ୍ୟୋଗ ପର୍ଯ୍ୟନ୍ତ। ଆର୍ଥିକ ସହାୟତା ସହିତ ଦକ୍ଷତା ବିକାଶକୁ ଯୋଡ଼ି, ଏହି ପ୍ରକଳ୍ପ ନିଶ୍ଚିତ କରେ ଯେ ମହିଳାମାନେ କେବଳ ବ୍ୟବସାୟ ଆରମ୍ଭ କରିବେ ନାହିଁ ବରଂ ସେମାନଙ୍କୁ ବଜାୟ ରଖିବେ।

ଏହି ପ୍ରୟାସର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହୋଇଛି। କେବଳ ଗତ ବର୍ଷ, ଏହି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବ୍ୟାଙ୍କ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଏହି ପ୍ରୋଜେକ୍ଟର ସଫଳତା କେବଳ ସଂଖ୍ୟାରେ ନାହିଁନ୍ତ ଏହା ଏକ କେନ୍ଦ୍ରିତ, ତୃଣମୂଳ ସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ। ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି।"

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ମୃତ୍ୟୁ ମାମଲା

# ସାମ୍ନାକୁ ଆସିଲା ଚାକିରି ନାଁରେ କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା

ଭୁବନେଶ୍ୱର, (ସବ୍ୟୁ) : ଟ୍ୟାକ୍ସ ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ମାମଲାରେ ପୋଲିସ ଖୋଳତାଡ କରୁଥିବା ବେଳେ ସାମ୍ନାକୁ ଆସିଛି ଠକେଇ ରାଣୀ ଜ୍ୟୋତ୍ସ୍ନା ପରିଡା । କମିଶନରେଟ୍ ପୋଲିସ ପାଇଁ ଜ୍ୟୋତ୍ସ୍ନା ଖୁଣ୍ଟିଆ ମୋଷ୍ଟ ଓ୍ୱାଣ୍ଟେଡ୍ ଥିବାବେଳେ ତା'ର ପତ୍ତା ମିଳୁନଥିଲା । ତା'ର ଛବି ସାମ୍ନାକୁ ଆସିବା ପରେ ଜ୍ୟୋତ୍ସ୍ନା ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହୋଇପାରେ ବୋଲି ସୂଚନା ମିଳିଛି ।

ଚାକିରି ଦେବା ନାଁରେ ୧୦ଜିଲ୍ଲାର ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ଖୁଣ୍ଟିଆ ପାଖରେ ବିଦ୍ୟାଧର ଡ୍ରାଇଭର ଭାବେ କାମ କରୁଥିଲେ । ବିଦ୍ୟାଧର ମାଧ୍ୟମରେ କେତେକ ପିଲା ଚାକିରି ପାଇଁ ଟଙ୍କା ଦେଇଥିଲେ । ଚାକିରି ନାରେ ଠକେଇ ର୍ୟାକେଟ୍ ନକଲି ନିଯୁକ୍ତିପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଆଶାୟୀଙ୍କୁ ଦେଇଥିଲେ । ତାହା ମିଛ ବୋଲି ଜଣାପଡ଼ିବା ପରେ ବିଦ୍ୟାଧର ମାଧ୍ୟମରେ ଟଙ୍କା ଦେଇଥିବା ୫ଜଣ ଯୁବକ ତାଙ୍କୁ ସେପେଟମ୍ବର ୧୫ରେ ଅପହରଣ କରିନେଇ ଭଦ୍ରକରେ ଅଟକ ରଖିବା ସମୟରେ ସେ ଆତ୍ମହତ୍ୟା କରିଥିଲା । ଭୟରେ ଅପହର୍ତ୍ତା ଗିରଫ ଯୁବକମାନେ ବିଦ୍ୟାଧର ଶବକୁ ଆଣି ଚନ୍ଦକା ଜଙ୍ଗଲ ପାଖରେ ପକାଇ ଦେଇଥିଲେ । ସେପେଟମ୍ବର ୨୦ରେ ପୋଲିସ ଶବ ଜବତ କରି ୫ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଠକେଇର ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାକୁ ପୋଲିସ ଖୋଜଖବର କରୁଥିଲା । ବଡଗଡ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଜ୍ୟୋତ୍ସ୍ନାକୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି । ଜ୍ୟୋତ୍ସ୍ନାର ଆକାଉଣ୍ଟ ପ୍ରଭୃତି ଅଚଳ କରିଦିଆଯାଇଥିବା ବେଳେ ତା'ର ସନ୍ଧାନ ପାଉନଥିଲା ପୋଲିସ । ତା'ର ସନ୍ଧାନ ମିଳିବା ପରେ ତା'ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହେବ ବୋଲି କୁହାଯାଉଛି ।

କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ଭୁବନେଶ୍ୱରର ଦୁଇଟି ସ୍ଥାନରେ ଘର କିଣିବା ସହ କାର୍ କିଣି ଡ୍ରାଇଭରଙ୍କୁ ନିଯୁକ୍ତି ଦେଇ ଅଏସରେ ଜୀବନ ବିତାଉଥିଲା । ବିଦ୍ୟାଧରର ମୃତ୍ୟୁ ହେବା ପରେ ଜ୍ୟୋତ୍ସ୍ନା ୧୦ ଜିଲ୍ଲାର ଚାକିରି ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ପାଇଁ ସେ ମୋଷ୍ଟଓ୍ୱାଣ୍ଟେଡ୍ ରହିଛି । ବିଦ୍ୟାଧର ସାହୁ ହତ୍ୟା ମାମଲାରେ ୫ଜଣ ଗିରଫ ହୋଇଥିବା ବେଳେ ଠକେଇ ମାମଲାରେ ଜ୍ୟୋତ୍ସ୍ନା କିମ୍ବା ଅନ୍ୟ କେହି ଗିରଫ ହୋଇନାହାନ୍ତି । ପୋଲିସ କହିବାନୁଯାୟୀ ତଦନ୍ତ ଜାରି ରହିଛି । ଲୁକ୍ଆଉଟ୍ ସର୍କୁଲାର ଜାରି କରାଯିବା ସହ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ । ହେଲେ ସେ ପୋଲିସକୁ ଚକ୍‌ମା ଦେଇ ପ୍ରାୟ ୨୦/୨୫ଦିନ ହେବ ଆତ୍ମଗୋପନ କରିବାରେ ସଫଳ ହୋଇଛି ।

# ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ନବନିର୍ମିତ ଡ୍ରାମାପେଣ୍ଡାଲ ଉଦ୍‌ଘାଟିତ

ହୀରାକୁଦ, (ସବ୍ୟୁ) : ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା



ହୀରାକୁଦ ସ୍ଥିତ ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ନୂତନ ରୂପେ ନିର୍ମିତ ଡ୍ରାମାପେଣ୍ଡାଲକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରାଯାଇଅଛି । ଏହାକୁ ହିଣ୍ଡାଲକୋ ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ଶ୍ରୀଯୁକ୍ତ ପ୍ରତାପ ସାହୁ, ପାୱେର ପ୍ଲାଣ୍ଟର ମୁଖ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସିଂ ଏବଂ ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ପୂଜାରଚନ କରି ସର୍ବସାଧାରଣଙ୍କ ବ୍ୟବହାର ପାଁଇ ଉଦ୍‌ଘାଟନ କରିଥିଲେ । ଏହି ଅବସରେ ଶ୍ରୀ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଲେ ହିଣ୍ଡାଲକୋ ହୀରାକୁଦର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟକରୁଛି ଓ ଆଗକୁ ମଧ୍ୟ ଏହା ଜାରି ରଖିବ । ଅରୁଣ କୁମାର ସିଂହ ତାଙ୍କ ବକ୍ତବ୍ୟରେ କହିଲେ ଯେ ହିଣ୍ଡାଲକୋ, ହୀରାକୁଦର କଳା ସଂସ୍କୃତି ରେ ଭାଗିଦାର ହେବାପାଇଁ କାମ କରୁଅଛି । ଏହା ଆଗକୁ ଜାରୀରହିବା ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ହିଣ୍ଡାଲକୋ ଶିଳ୍ପ ସମ୍ପର୍କ ବିଭାଗୀୟ ମୁଖ୍ୟ ସତ୍ୟପ୍ରକାଶ ଦାସ କର୍ପୋରେଟେ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ବୀର ସୁରେନ୍ଦ୍ର ସାଏ କ୍ଲବର ସଭାପତି ଅଶୋକ କୁମାର ପଣ୍ଡା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ଜୀତେଶ ରଥ, ଶ୍ରୀମତୀ ଜୟଶ୍ରୀ ରାଓ, ସରୋଜ ଆଚାର୍ଯ୍ୟ ଇତ୍ୟାଦି କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଲିଭାଇସ୍ ଶୋରୁମ୍ ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଡେନିମ୍ ଏବଂ କାଜୁଆଲ୍ ପୋଷାକ ଦୁନିଆର ଏକ ଅଗ୍ରଣୀ ବ୍ରାଣ୍ଡ, ଲିଭାଇସ୍, ଆଜି ଭୁବନେଶ୍ୱରର ଜନପଥରେ ଏହାର ଫ୍ଲାଗସିପ୍ ଷ୍ଟୋରର ପୁନଃଲଞ୍ଚ ବିଷୟ ଘୋଷଣା କରିଛି । ଏହି ପୁନଃନିର୍ମିତ ରିଟେଲ ଷ୍ଟୋର୍ ପୁରୁଷ ଏବଂ ମହିଳାଙ୍କ ନୂତନ ପୋଷାକର ସଂଗ୍ରହ ପ୍ରଦର୍ଶିତ କରି ଏକ ଉତ୍କୃଷ୍ଟ ସପିଂ ଅଭିଜ୍ଞତା ସହିତ ସହରର ଫ୍ୟାଶନ୍ ଦୃଶ୍ୟକୁ ଏକ ନୂତନ ଦିଗ ଦେଖାଇବାର ପ୍ରତିଶ୍ରୁତି ଦେଉଛି। ୪୦୦୦ ବର୍ଗଫୁଟ ପରିସର ବିସ୍ତାରିତ ଏହି ନୂତନ ଷ୍ଟୋରଟ ରେ ଲିଭାଇସର ପ୍ରତୀକାତ୍ମକ ଡେନିମ୍ ଉତ୍ପାଦ ଏବଂ ଟ୍ରେଣ୍ଡି କାଜୁଆଲ୍ ପୋଷାକର ଏକ ବ୍ୟାପକ କଲେକ୍ସନ ରହିଛି । ଆକର୍ଷଣୀୟ ଇଣ୍ଟେରିଅର ଏବଂ ସତର୍କତାର ସହିତ ଡିଜାଇନ୍ କରାଯାଇଥିବା ଏହି ଶୋରୁମ ଏକ ଆରାମଦାୟକ ଏବଂ ଆକର୍ଷଣୀୟ ଶପିଂ ପରିବେଶ ସୃଷ୍ଟି କରୁଛି। ପୁନଃନିର୍ମିତ ଷ୍ଟୋରରେ ଲେଭିର ନୂତନତମ ଡେନିମ୍ ଏବଂ କାଜୁଆଲ୍ ପୋଷାକ ସଂଗ୍ରହ ରହିଛି, ଯାହା ବିଭିନ୍ନ ଫ୍ୟାଶନ୍ ପସନ୍ଦକୁ ପୂରଣ କରୁଥିବା ଅଭିନବ ଡିଜାଇନ୍ ଏବଂ ଶୈଳୀ ସହ ପ୍ରସ୍ତୁତ କରା ଯାଇଛି। ଗ୍ରାହକମାନେ ଆଧୁନିକ ସ୍ପର୍ଶ ସହିତ ପୁନଃକଳ୍ପିତ ବ୍ରାଣ୍ଡର ସିଗନେଚର ଉତ୍ପାଦଗୁଡ଼ିକୁ ପାଇପାରିବେ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଚେତାବନୀ

# ସରକାରୀ ଅନୁଦାନ ପ୍ରସଙ୍ଗରେ ଆଲୋଚନା କର ନଚେତ ଆନ୍ଦୋଳନ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୨୦୦୮ରୁ ୨୦୧୮ ସରକାରୀ ଅନୁଦାନ ନିମନ୍ତେ ଦାବି କରିଆସୁଛି । ପୂର୍ବ ଲିଖିତ ପ୍ରତିଶୃତି ମୁତାବକ ଚଳିତ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ସଂଘ ସହ ଆଲୋଚନା ରଖିବା ପାଇଁ ସରକାର କହିଥିଲେ । ଯଦି ସରକାର ଏଥିପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ପୁନର୍ବାର ସଂଘ ଆନ୍ଦୋଳନକୁ ଓହ୍ଲାଇବ । ଏଥିପାଇଁ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟିହେବ ସରକାର ସେଥିପାଇଁ ଦାୟି ରହିବେ ବୋଲି ସଂଘର ସଭାପତି ବିଶ୍ୱରଂଜନ ଦାସ ଚେତାବନୀ ଦେଇଛନ୍ତି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଶ୍ରୀ ଦାସ ସରକାରଙ୍କୁ ନିବେଦନ କରି କହିଛନ୍ତି, ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ୨୦୦୮ ଜୁନ୧ରୁ ୨୦୧୮ ଜୁନ୧ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ ସରକାରଙ୍କ ସହ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ । ତେଣୁ ସଂଘ ଶିକ୍ଷକ ଦାବି ଗତ ଅଗଷ୍ଟ ୧୬ତାରିଖରୁ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରତିନିଧି ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ଏକାମ୍ର ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ



ଆଲୋଚନା ହୋଇ ଅକ୍ଟୋବର ୧୦ ରୁ ୨୦ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶୃତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ରଖି ସଂଘ ସାମୟିକ ଭାବରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା ।



ଓଡିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀଙ୍କ ପକ୍ଷରୁ ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ଦିବସ ପାଳନ

# ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): ସୋଗଲ ଗ୍ରାମର ଅଗ୍ରଣୀ ସାମାଜିକ ସଙ୍ଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ(ଏସଏମସିଟି କୁ ସମାଜସେବା,ରକ୍ତଦାନ,ପରିବେଶ ସୁରକ୍ଷା ସହ ଚାରା ରୋପଣ ଓ ବଣ୍ଟନ,ବାଳାଶ୍ରମ ଓ ବୃଦ୍ଧାଶ୍ରମ ମାନଙ୍କରେ ସେବା କାର୍ଯ୍ୟ,ରୋଗୀ ସେବା,ଶିକ୍ଷାଦାନ, ସାହିତ୍ୟ ସେବା,ପୂଜ୍ୟପୂଜା ସହ ପ୍ରତିଭା ସମ୍ମାନ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ପକ୍ଷରୁ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ତୃତୀୟ ବାର୍ଷିକ ଉତ୍ସବ ଓ ଶିଶୁ ପତ୍ରିକା "କୁନି ପ୍ରତିଭା" ଉନ୍ମୋଚନ ପର୍ବରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ମର୍ଯ୍ୟାଦାଜନକ ସମ୍ବର୍ଧନା ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ସମାଜସେବୀ ତଥା ରାଜନୀତିଜ୍ଞ ସନ୍ତୋଷକୁମାର ରାଉତ ଉପସ୍ଥିତ ରହି ଗ୍ରହଣ କରିଥିଲେ । ଏହି ସଭାରେ ମହାନ୍ ସନ୍ଥ ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ,ଅଧ୍ୟାପକ ଧରଣୀଧର ଜେନା,ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକ,କାଳି ପ୍ରସନ୍ନ ମହାପାତ୍ର,ଡାକ୍ତର ଶୁଭଶ୍ରୀ ପ୍ରଭା ସ୍ୱାଇଁ,ବରିଷ୍ଠ ସମାଜସେବୀ ସୀତାରାମ ପଣ୍ଡା,ରୁଦ୍ରାକ୍ଷ ସେନାପତି,ଶିଶୁ ପତ୍ରିକାର ସମ୍ପାଦକ ସତ୍ୟରଞ୍ଜନ ବାରିକ,କ୍ଲବ୍ ସଂଯୋଜକ ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଅଧୁନା ସାଲେପୁର,କଟକ ସଦର,ବାରଙ୍ଗ ଓ ନିଆଳି ବ୍ଲକ ଆଦି ବିଭିନ୍ନ ସ୍ଥାନରେ ବହୁବିଧ ସେବାକାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ସମାଜସେବୀ ଭରତ ନାୟକଙ୍କ ଦେହାନ୍ତ



କରଡ଼ାମାଳି(କେନ୍ଦୁଝର), (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଡ଼ାମାଳି ଗ୍ରାମର ବିଶିଷ୍ଟ ସମାଜସେବୀ ଭରତ ଚନ୍ଦ୍ର ନାୟକଙ୍କ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଘଷିପୁରା ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁମତି, ଭ୍ରାତା ଅନନ୍ତ ଓ କନିଷ୍ଠ ପୁତ୍ର ବିଭୂତି ଉପସ୍ଥିତ ଥିଲେ। କରଡ଼ାମାଳି ଗ୍ରାମରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ ହୋଇଛି। ଜ୍ୟେଷ୍ଠ ପୁତ୍ର ସମୀର ମୁଖାଗ୍ନି ଦେଇଥିଲେ।

## ପୋଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗ

# ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଡାକରା ଦେଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ କରାଯିବ ବୋଲି ଦଳ ତରଫରୁ ଘୋଷଣା କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି, କ୍ୟାସ୍ ଫର୍ ଜବ୍ ସ୍କାମ୍ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି । ତେଣୁ ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ଆମେ ସିବିଆଇ ତଦନ୍ତ ଦାବି କରିଛୁ । କିନ୍ତୁ, ରାଜ୍ୟ ସରକାର



ଏଥିରେ ସମ୍ପୃକ୍ତ ବଡମୁଣ୍ଡ ମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ । କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ, କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ, ସେହି କାମରେ ବ୍ୟସ୍ତ ଅଛି ।

ତେଣୁ ସିବିଆଇ ତଦନ୍ତ ସହିତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଛାତ୍ର ଜନତା ଦଳ । ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ, ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି । ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡାକରା ଦେଇଛି ।

## ବେଦାନ୍ତ ଆଲୁମିନିୟମର ବେଦସୂତା

# ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ସହିତ ଗ୍ରାମୀଣ ଜୀବିକାକୁ ତ୍ୱରାନ୍ୱିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫସଲ ମଧ୍ୟରୁ କପା ହେଉଛି ଅନ୍ୟତମ ଏହା କେବଳ କପଡ଼ା ପାଇଁ ବ୍ୟବହୃତ ହୁଏ ନାହିଁ ବଂର ଦେଶର ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ପରିଚୟକୁ ବାନ୍ଧି ରଖେ। ଅକ୍ଟୋବର ୭ ତାରିଖକୁ ବିଶ୍ୱ କପା ଦିବସ ଭାବରେ ବିଶ୍ୱବ୍ୟାପୀ ପାଳନ କରାଯାଏ, ଏହି ବହୁମୁଖୀ ତନ୍ତୁ ଏବଂ ଶତାବ୍ଦୀ ଧରି ସମ୍ପ୍ରଦାୟ ଏବଂ ପରମ୍ପରା ଗଠନ କରିବାରେ ଏହାର ଭୂମିକାକୁ ପାଳନ କରିବା ସହିତ ଲକ୍ଷ ଲକ୍ଷ କ୍ଷୁଦ୍ର ଜମିଦାର ଏବଂ ଶ୍ରମିକଙ୍କ ପାଇଁ ଜୀବିକାର ଉତ୍ସ ତଥା ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରାମୀଣ ମହିଳା ଏବଂ ସେମାନଙ୍କ ପରିବାର ପାଇଁ ଅପରିହାର୍ଯ୍ୟ ଅଟେ।

ବେଦାନ୍ତ ଆଲୁମିନିୟମରେ, ଏହି ଦିନଟି ବେଦସୁତା ମାଧ୍ୟମରେ ଏକ ବିଶେଷ ଗୁରୁତ୍ୱ ବହନ କରେ, ଯାହା ଓଡ଼ିଶାର ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ଏକ ପ୍ରମୁଖ ସିଏସ୍ଆର ପଦକ୍ଷେପ। ଯାହା ସମ୍ବଲପୁରୀ ହସ୍ତତନ୍ତର ଐତିହ୍ୟକୁ ପୋଷଣ କରେ ଏବଂ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଭବିଷ୍ୟତ ନିର୍ମାଣ ପାଇଁ ସଶକ୍ତ କରେ। ବେଦସୁତାର ମାଧ୍ୟମରେ ରେ ଝାରସୁଗୁଡ଼ା ଜିଲ୍ଲାର ରଗୁନାଥପାଲି ଗ୍ରାମର ଦୃଢ଼ ମହିଳାମାନେ ଅଛନ୍ତି, ଯେଉଁମାନେ ସମ୍ବଲପୁରୀ ଶାଢ଼ି ବୁଣାର ଜଟିଳ କଳାକୁ ପୁନର୍ଜୀବିତ କରୁଛନ୍ତି। ସେମାନଙ୍କର ସ୍ପନ୍ଦନଶୀଳ ରୂପ ଏବଂ କାଳଜୟୀ ଆକର୍ଷଣ ପାଇଁ ଜଣାଶୁଣା, ଏହି ହସ୍ତତନ୍ତ ବୁଣାକାରଗୁଡ଼ିକ ଓଡ଼ିଶାର ଏକ ସାଂସ୍କୃତିକ ସମ୍ପତି ଅଟନ୍ତି। ବେଦାନ୍ତ ଆଲୁମିନିୟମର ହସ୍ତକ୍ଷେପ ତାଲିମ, ଆଧୁନିକ ସମ୍ବଳ ଏବଂ ଗୁରୁତ୍ୱପୂର୍ଣ୍ଣ ବଜାର ସଂଯୋଗ ପ୍ରଦାନ କରିଛି।

ଏହି ପଦକ୍ଷେପର ପ୍ରଭାବ ଉପରେ



ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦସୁତା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ କେବଳ ଏକ ଶତାବ୍ଦୀ ପୁରୁଣା ହସ୍ତଶିଳ୍ପକୁ ସଂରକ୍ଷଣ କରୁନାହୁଁ ବରଂ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୃଷ୍ଟି କରୁଛୁ ଏବଂ ସେମାନଙ୍କ କଳା ଏବଂ ଦକ୍ଷତାକୁ ସେମାନଙ୍କ ଗ୍ରାମ ବାହାରକୁ ଯାତ୍ରା କରିବାକୁ ସକ୍ଷମ କରୁଛୁ। ସେମାନେ ବୁଣୁଥିବା ପ୍ରତ୍ୟେକ ଶାଢ଼ି ହସ୍ତଶିଳ୍ପରେ ସ୍ଥିରତା ଏବଂ ଗର୍ବର କାହାଣୀ ବହନ କରେ, ପ୍ରାଚୀନ ଐତିହ୍ୟକୁ ଏକ ଆଧୁନିକ ନୂତନ ଦିଗନ୍ତ ସହିତ ସଂଯୋଗ କରେ।

ଝାରସୁଗୁଡାର ରାଗୁନାଥପାଲି ଗାଁର ବାସିନ୍ଦା କଳ୍ପନା ମେହେରଙ୍କ ପାଇଁ, ବୁଣାକାର୍ଯ୍ୟ ଥରେ ତାଙ୍କ ପରିବାର ମଧ୍ୟରେ ସୀମିତ ଥିଲା। ଆଜି, ଏହା ତାଙ୍କର ପରିଚୟ ପାଲଟିଛି। ସେ କୁହନ୍ତି, "ବେଦସୁତା ପୂର୍ବରୁ, ମୁଁ କେବେ ଭାବି ନଥିଲି ଯେ ମୁଁ ମୋ ପରିବାରକୁ ଆର୍ଥିକ ଭାବରେ ସମର୍ଥନ କରିପାରିବି। ବେଦାନ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ମୁଁ ପାଇଥିବା ତାଲିମ ମୋତେ ମୋର ହସ୍ତଶିଳ୍ପକୁ ସୁଧାରିବା ଏବଂ ଏହାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବା ପାଇଁ ଆତ୍ମବିଶ୍ୱାସ ଦେଇଛି। ଏବେ, ଯେତେବେଳେ ମୋର ଶାଢ଼ି ଆମ ଗାଁ ବାହାରକୁ ଯାତ୍ରା କରେ, ମୁଁ ଅନୁଭବ କରେ ଯେ ମୁଁ କେବଳ କପଡ଼ା ବୁଣୁନାହିଁ, ବରଂ ମୋ ପିଲାମାନଙ୍କ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଛି।

# ୪ ରେଳ ଲାଇନ ସମ୍ପ୍ରସାରଣ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି

## ୨୪,୬୩୪ କୋଟିର ଆନୁମାନିକ ବ୍ୟୟବରାଦ

## ପ୍ରକଳ୍ପ କାର୍ଯ୍ୟ ୨୦୩୦-୩୧ ସୁଦ୍ଧା ଶେଷ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଚାରିଟି ରେଳ ଲାଇନ୍ ସମ୍ପ୍ରସାରଣ ବା ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏସବୁ ପ୍ରକଳ୍ପ ପାଇଁ ଆନୁମାନିକ ୨୪,୬୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।ଏହି ପ୍ରକଳ୍ପଗୁଡିକ ହେଲା:ୱାର୍ଦ୍ଧା-ଭୁସାୱଲ - ତୃତୀୟ ଓ ଚତୁର୍ଥ ଲାଇନ୍ - ୩୧୪ କିଲୋମିଟର (ମହାରାଷ୍ଟ୍ର), ଗୋନ୍ଦିୟା-ଡଙ୍ଗରଗଡ଼ - ଚତୁର୍ଥ ଲାଇନ-୮୪ କିଲୋମିଟର (ମହାରାଷ୍ଟ୍ର ଏବଂ ଛତିଶଗଡ଼),ଭଦୋଦରା-ରତଲାମ- ତୃତୀୟ ଓ ଚତୁର୍ଥ ଲାଇନ୍ - ୨୫୯ କିଲୋମିଟର (ଗୁଜରାଟ ଏବଂ ମଧ୍ୟପ୍ରଦେଶ) ଓ ଇଟାରସୀ-ଭୋପାଳ - ବୀଣା ଚତୁର୍ଥ ଲାଇନ୍- ୨୩୭ (ମଧ୍ୟପ୍ରଦେଶ) ।ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ୧୮ଟି ଜିଲ୍ଲା ଦେଇ ଅତିକ୍ରମ କରିଥିବା ଏହି ଚାରିଟି ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ରେଳ ନେଟୱର୍କରେ ପ୍ରାୟ ୮୯୪ କିଲୋମିଟର ରେଳଲାଇନ ନିର୍ମାଣ କରିବ । ଅନୁମୋଦିତ ମଲ୍ଟିଟ୍ରାକିଂ ପ୍ରକଳ୍ପ ଦ୍ୱାରା ପ୍ରାୟ ୩,୬୩୩ ଗ୍ରାମକୁ ସଡ଼କ ସଂଯୋଗରେ




ସୁଧାର ଆସିବ । ଏହାଦ୍ୱାରା ଦୁଇଟି ଆକାଂକ୍ଷୀ ଜିଲ୍ଲା (ବିଦିଶା ଏବଂ ରାଜନନ୍ଦନଗାଁଓ) ସମେତ ପ୍ରାୟ ୮୫.୮୪ ଲକ୍ଷ ଲୋକ ଉପକୃତ ହୋଇପାରିବେ । ବର୍ଦ୍ଧିତ ଲାଇନ କ୍ଷମତା ଯାତାୟାତରେ ଯଥେଷ୍ଟ ସୁଧାର ଆଣିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବାନିର୍ଭରଯୋଗ୍ୟତା ଉନ୍ନତ ହେବ । ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପ୍ରସ୍ତୁତ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ ଯାହା ନିଯୁକ୍ତି / ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ବ୍ୟାପକ କ୍ଷେତ୍ରୀୟ ବିକାଶ ଦ୍ୱାରା "ଆତ୍ମନିର୍ଭର" କରିବ ।

ଏହିପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆଧାରରେ ଯୋଜନା କରାଯାଇଛି । ଏହି ମାଷ୍ଟର ପ୍ଲାନ୍ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ସଂଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଇଥାଏ ।ଏସବୁ ପ୍ରକଳ୍ପ ଯାତ୍ରୀ, ସାମଗ୍ରୀ ଏବଂ ସେବାର ପରିବହନକୁ ସୁଗମ କରିବ । ସାରା ଦେଶରୁ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସାଞ୍ଚି, ସତପୁରା ବ୍ୟାଘ୍ର ସଂରକ୍ଷଣ, ଭୀମବେଟକାର ପଥର ଆଶ୍ରୟସ୍ଥଳ, ହଜାରା ଜଳପ୍ରପାତ, ନୱେଗାଓଁ ଜାତୀୟ ଉଦ୍ୟାନ ଇତ୍ୟାଦି ପ୍ରମୁଖ ସ୍ଥାନଗୁଡ଼ିକୁ ମଧ୍ୟ ଏସବୁ ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗ ସୁଗମ ହୋଇପାରିବ ।

ଏହା କୋଇଲା, କଣ୍ଟେନର, ସିମେଣ୍ଟ, ଫ୍ଲାଏ ଆଶ୍, ଖାଦ୍ୟଶସ୍ୟ, ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ । କ୍ଷମତା ବୃଦ୍ଧି ଫଳରେ ବାର୍ଷିକ ୭୮ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ ପାଇଁ ସୁବିଧା ହେବ । ରେଳବାଇ ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ପଦ୍ଧତି ହୋଇଥିବାରୁ, ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ କରିବାରେ, ତୈଳ ଆମଦାନୀ (୨୮ କୋଟି ଲିଟର) କମାଇବାରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନ (୧୩୯ କୋଟି କିଲୋଗ୍ରାମ) ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ଛଅ କୋଟି ଗଛ ଲଗାଇବା ସହିତ ସମାନ ।

## ଆତଙ୍କୀ ହମଲାରେ ପାକ ସେନାର ୧୧ ଯବାନ ମୃତ



**ଇସଲାମାବାଦ:** ମଙ୍ଗଳବାର ଏବଂ ବୁଧବାର ବିଳମ୍ବିତ ରାତିରେ ପାକିସ୍ତାନୀ ସେନା ଉପରେ ଏକ ବଡ଼ ଆକ୍ରମଣ ହୋଇଥିଲା । ତେହେରିକ୍-ଏ-ତାଲିବାନ୍(ଟିଟିପି) ପାକିସ୍ତାନ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ଏଗାର ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନେକ ଗୁରୁତର ଆହତ ହୋଇଥିଲେ । ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ଆଫଗାନ ସୀମାରେ ଟିଟିପି ବିରୋଧରେ ଏକ ଅପରେସନ୍ ଚଳାଇଥିଲା ଏବଂ ଏହି ସମୟରେ ଗୁଳି ବିନିମୟ ହୋଇଥିଲା ।

ପାକିସ୍ତାନୀ ସେନା ସହିତ ଏନକାଉଣ୍ଟରରେ ୧୯ ଜଣ ଟିଟିପି ଲଢୁଆ ମଧ୍ୟ ନିହତ ହୋଇଥିଲେ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଟିଟିପି ଗତ କିଛି ମାସ ମଧ୍ୟରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଆକ୍ରମଣକୁ ଯଥେଷ୍ଟ ତୀବ୍ର କରିଛି । ପ୍ରକୃତରେ, ଟିଟିପି ଲଢୁଆମାନେ ଏକ ଆମ୍ବୁସ୍ କରିଥିଲେ, ପ୍ରଥମେ ଉତ୍ତର-ପଶ୍ଚିମ କୁର୍ମ ଜିଲ୍ଲାରେ ଏକ ରାସ୍ତାପାର୍ଶ୍ୱରେବୋମା ବିସ୍ଫୋରଣ କରିଥିଲେ ଏବଂ ତା'ପରେ ଗୁଳିଚାଳନା ହୋଇଥିଲା । ପାକିସ୍ତାନୀ ସେନା ଏକ ବିବୃତ୍ତିରେ କହିଛି ଯେ ଏହି ଅପରେସନ୍ ସମୟରେ ଆତଙ୍କବାଦୀମାନେ ମଧ୍ୟ ନିହତ ହୋଇଥିଲେ ।

ପାକିସ୍ତାନୀ ତାଲିବାନ ଆକ୍ରମଣରେ ଦୁଇ ଅଧିକାରୀ, ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏବଂ ଜଣେ ମେଜର ମଧ୍ୟ ନିହତ ହୋଇଥିଲେ ।ଲେଫ୍ଟନାଣ୍ଟ କର୍ଣ୍ଣେଲ ଜୁନୈଦ ଆରିଫ୍ ଏହି ଅପରେସନର ନେତୃତ୍ୱ ନେଉଥିଲେ ।ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏହି ଆକ୍ରମଣ ପଛରେ ଦାୟୀ ବୋଲି ଘୋଷଣା କରିଛି । ଏହି ସମୟରେ ପାକିସ୍ତାନ ଦାବି କରିଛି ଯେ ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନରେ ତାଲିମ ନିଅନ୍ତି ଏବଂ ପାକିସ୍ତାନରେ ଆକ୍ରମଣ କରନ୍ତି, ଏହି ଦାବିକୁ କାବୁଲ ବାରମ୍ବାର ଅସ୍ୱୀକାର କରୁଛି ।

## ମୋଦୀଙ୍କୁ ଧମକ ଦେଲା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ

**ନୂଆଦିଲ୍ଲୀ:** ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ର ଉପମୁଖ୍ୟ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲା କସୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧମକ ଦେଇ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି । ଭାଇରାଲ କ୍ଲିପରେ ସୈଫୁଲ୍ଲା ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପ୍ରଶଂସା କରିଛି । ଆତଙ୍କବାଦୀ ସୈଫୁଲ୍ଲା କସୁରୀକୁ ସେପ୍ଟେମ୍ବର ୪ ରେ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀଙ୍କ ସହିତ ମଧ୍ୟ ଦେଖାଯାଇଥିଲା । ଆତଙ୍କବାଦୀ ସୈଫୁଲ୍ଲା କହିଛି, ମୁଁ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେ ମେ ୧୦, ୨୦୨୫ରେ ଯେଉଁ ଶିକ୍ଷା ଦେଇଥିଲୁ, ସେହି ଶିକ୍ଷା ଦିଅନ୍ତୁ । ତଥାପି, ସମଗ୍ର ବିଶ୍ୱ ଜାଣେ ଯେ ମେ ୧୦ ରାତିରେ ଭାରତୀୟ ସେନା ପାକିସ୍ତାନରେ ଏପରି ତାଣ୍ଡବ ରଚିଥିଲା ଯାହାକୁ ପାକିସ୍ତାନ କେବେ ଭୁଲିପାରିବ ନାହିଁ । ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କ ଲୋକଙ୍କୁ ଖୁସି କରିବା ପାଇଁ ଭାରତ ବିପକ୍ଷରେ ବିଜୟର ମିଥ୍ୟା ଖବର ପ୍ରସାରଣ କରିଥିଲେ । ପାକିସ୍ତାନରେ ଭାରତ ବିରୋଧୀ ବୟାନବାଜିର ଭିଡିଓ ମଧ୍ୟ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା । ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ ସୈଫୁଲ୍ଲା ଭାରତ ଉପରେ ଜଳ ଆତଙ୍କବାଦର ଅଭିଯୋଗ ଆଣିଛ । ସେ ଦାବି କରିଛି ଯେ ଭାରତ ଜାଣିଶୁଣି ପାକିସ୍ତାନରେ ବନ୍ୟା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରୁଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସେପ୍ଟେମ୍ବର ୨୬, ୨୦୨୫ରେ ସିନ୍ଧୁ ଜଳ ଚୁକ୍ତିନାମା ପ୍ରସଙ୍ଗ ଉଠାଇ ଭାରତ ଏହାର ବ୍ୟବସ୍ଥା ଉଲ୍ଲଂଘନ କରିବା ଏବଂ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଅଭିଯୋଗ ଆଣିଥିଲେ ।

## ଆଇଏମସିର ୯ମ ସଂସ୍କରଣକୁ ଉଦ୍‌ଘାଟନ କଲେ ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଯଶୋଭୂମିରେ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୫ ର ୯ମ ସଂସ୍କରଣକୁ ଉଦଘାଟନ କରିଛନ୍ତି । ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସ୍ୱତନ୍ତ୍ର ସଂସ୍କରଣକୁ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱାଗତ କରି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଅନେକ ଷ୍ଟାର୍ଟଅପ୍ ଆର୍ଥିକ ଠକେଇ ନିବାରଣ, କ୍ୱାଣ୍ଟମ୍ ଯୋଗାଯୋଗ, ୬ଜି, ଅପ୍ଟିକାଲ୍ ଯୋଗାଯୋଗ ଏବଂ ସେମିକଣ୍ଡକ୍ଟର ସମେତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଉପସ୍ଥାପନା କରିଛନ୍ତି । ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ ଏହି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଉପସ୍ଥାପନା ଦେଖିବା ଦ୍ୱାରା ଏହି ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ ହୁଏ ଯେ ଭାରତର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତ ସକ୍ଷମ ହାତରେ ଅଛି । ସେ ଏହି କାର୍ଯ୍ୟକ୍ରମ ଏବଂ ସମସ୍ତ ନୂତନ ପଦକ୍ଷେପ ପାଇଁ ଶୁଭକାମନା ଜଣାଇଛନ୍ତି ।




ଇଣ୍ଡିଆ ମୋବାଇଲ୍ କଂଗ୍ରେସ ମୋବାଇଲ୍ ଏବଂ ଟେଲିକମ୍ ଠାରୁ ବିକଶିତ ହୋଇଛି । କିଛି ବର୍ଷ ମଧ୍ୟରେ ଏସିଆର ସର୍ବବୃହତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ମଞ୍ଚ ଭାବରେ ଉଭା ହୋଇଛ । ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି ଯେ ଏହି ସଫଳତାର କାହାଣୀ କିପରି ଲେଖାଗଲା ଏବଂ ଏହାକୁ କିଏ ଚଳାଇଲା, ଏବଂ ଦୃଢ଼ କରିଛନ୍ତି ଯେ ଏହା ଭାରତର ପ୍ରଯୁକ୍ତିବିଦ୍ୟା-ସାଭୀକ ମାନସିକତା ଦ୍ୱାରା ଆକୃତି ପାଇଛି, ଯୁବପିଢ଼ିଙ୍କ ନେତୃତ୍ୱରେ ଏବଂ ଦେଶର ପ୍ରତିଭା ଦ୍ୱାରା ପରିଚାଳିତ ।

ପ୍ରଧନମନ୍ତ୍ରୀ କହିଛନ୍ତି ଯେ ଉଦ୍ଭାବକ ଏବଂ ଷ୍ଟାର୍ଟଅପ୍ ଏହି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛନ୍ତି, ଯାହା ଦେଶର ସମ୍ଭାବନା ସହିତ ଦୃଢ଼ ଭାବରେ ଠିଆ ହୋଇଥିବା ସରକାରଙ୍କ ଦ୍ୱାରା ସମ୍ଭବ ହୋଇଛି । ସେ ଟେଲିକମ୍ ପ୍ରଯୁକ୍ତି ବିକାଶ ପାଣ୍ଠି ଏବଂ ଡିଜିଟାଲ୍ କମ୍ୟୁନିକେସନ୍ସ ଇନୋଭେସନ୍ସ ସ୍କୋୟାର ଭଳି ପଦକ୍ଷେପଗୁଡ଼ିକର ଉଲ୍ଲେଖ କରିଥିଲେ, ଯାହା ମାଧ୍ୟମରେ ଷ୍ଟାର୍ଟଅପଗୁଡ଼ିକୁ ପାଣ୍ଠି ଯୋଗାଇ ଦିଆଯାଉଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର ଉତ୍ପାଦ ବିକାଶକୁ ସକ୍ଷମ କରିବା ପାଇଁ ୫ଜି, ୬ଜି, ଉନ୍ନତ ଅପ୍ଟିକାଲ୍ ଯୋଗାଯୋଗ ଏବଂ ଟେରା-ହର୍ଟଜ୍ ଭଳି ପ୍ରଯୁକ୍ତିବିଦ୍ୟା ପାଇଁ ପରୀକ୍ଷଣ ବେଡ୍ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟଅପ୍ ଏବଂ ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସହଭାଗୀତାକୁ ସୁବିଧା ଦିଆଯାଉଛି ଏବଂ ସରକାରୀ ସମର୍ଥନ ସହିତ, ଭାରତୀୟ ଶିଳ୍ପ, ଷ୍ଟାର୍ଟଅପ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଛନ୍ତି ।ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ପ୍ରତ୍ୟେକ ଦିଗରେ ଅଗ୍ରଗତି କରୁଛି - ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ସ୍କେଲିଂ, ଗବେଷଣା ଏବଂ ବିକାଶ ମାଧ୍ୟମରେ ବୌଦ୍ଧିକ ସମ୍ପତ୍ତି ସୃଷ୍ଟି କରିବା ଏବଂ ବିଶ୍ୱ ମାନଦଣ୍ଡରେ ଯୋଗଦାନ ଦେବା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରୟାସଗୁଡ଼ିକ ଭାରତକୁ ବିଶ୍ୱ ସ୍ତରରେ ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ଭାବରେ ସ୍ଥାନିତ କରିଛି ।

## କରୁର ଦଳାଚକଟା: ମୃତକଙ୍କ ପରିବାର ସହ କଥା ହେଲେ ବିଜୟ

**ଚେନ୍ନାଇ:** ତାମିଲନାଡୁର କରୁର ଦଳାଚକଟା ଘଟଣାର ଗୋଟିଏ ସପ୍ତାହ ପରେ ଥଲପତି ବିଜୟ ମଙ୍ଗଳବାର ଭିଡିଓ କଲ୍ ମାଧ୍ୟମରେ ପୀଡିତ ପରିବାର ସହିତ ଯୋଗାଯୋଗ କରିଥିବା ଜଣାଯାଇଛି । କୁହାଯାଉଛି ଯେ, କଥା ହେବା ସମୟରେ ସେ ମୃତକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ଏବଂ ଆଶ୍ୱାସନା ଦେଇଥିଲେ ଯେ, ସେ ଶୀଘ୍ର କରୁର ଗସ୍ତ କରିବେ ।ସୂଚନା ଥାଉ କି ଭେଲୁସାମ୍ୟପୁରମର କରୁର-ଏରୋଡ୍ ହାଇୱେରେ ଅନୁଷ୍ଠିତ ଏକ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ୩୦,୦୦୦ ଲୋକଙ୍କ ଭିଡ଼ ଜମିଥିଲା । ବିଜୟଙ୍କ ଆସିବା ସମୟ ଦିନ ୧୨ଟାରେ ଥିବା ସତ୍ତ୍ୱେ , ସେ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ । ବିଜୟଙ୍କ ପ୍ରଚାର ବସ୍ ଆସିବା ମାତ୍ରେ ଉତ୍ତେଜିତ ସମର୍ଥକମାନେ ପରସ୍ପରକୁ ଧକ୍କା ମାରି ଗଛ, ଛାତ ଏବଂ ବିଦ୍ୟୁତ ଖୁଣ୍ଟ ଉପରେ ଚଢ଼ି ଯାଇଥିଲେ । ଏହି ସମୟରେ ଦଳଚକଟା ଆରମ୍ଭ ହୋଇଯାଥିଲା । ଏଥିରେ ପ୍ରାୟ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକମାନଙ୍କ ମଧ୍ୟରୁ ଅଧିକାଂଶ ୧୮-୩୦ ବର୍ଷ ବୟସର ଯୁବକ, ମହିଳା ଏବଂ ପିଲା ଥିଲେ ।

## ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସ୍ୱତନ୍ତ୍ର ଅଭିଯାନ ପରିଚାଳନା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତାକୁ ସଂସ୍ଥାଗତ କରିବା ଏବଂ ସରକାରୀ କାର୍ଯ୍ୟରେ ଫାଇଲ ବୋଝକୁ କମ କରିବା ଦୃଷ୍ଟିକୋଣରୁ ଅନୁପ୍ରାଣିତ ହୋଇ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏକ ସକ୍ରିୟ ଅଂଶଗ୍ରହଣକାରୀ ଭାବରେ ସ୍ୱତନ୍ତ୍ର ଅଭିଯାନ ପରିଚାଳନା କରୁଛି । ଗୃହ ମନ୍ତ୍ରଣାଳୟ ସକ୍ରିୟ ଭାବରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ କର୍ମକ୍ଷେତ୍ର ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରୁଛି । ମନ୍ତ୍ରଣାଳୟର ସର୍ବୋଚ୍ଚ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ୫.୦ ଉପରେ ନଜର ରଖାଯାଇଛି । କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନକୁ ସ୍ୱତନ୍ତ୍ର ଅଭିଯାନରେ ଗୁରୁତ୍ୱ ଦିଆଯାଇଛି ଏବଂ ସେମାନେ ଚିହ୍ନଟ ହୋଇଥିବା ପାରାମିଟର ଅନୁଯାୟୀ ସର୍ବୋତ୍ତମ ହାସଲ କରିବା ପାଇଁ ଅତିରିକ୍ତ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ।

## ୬ ମାସରେ ପେଟ୍ରୋଲ୍ ଗାଡ଼ି ଦାମରେ ମିଳିବ ଇଭି

**ନୂଆଦିଲ୍ଲୀ:** ଆସନ୍ତା ୪-୬ ମାସ ମଧ୍ୟରେ ପେଟ୍ରୋଲ୍ ଗାଡ଼ି ଦାମରେ ଇଲେକ୍ଟ୍ରିକ ଯାନ (ଇଭି) ମିଳିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି । ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଡ଼କରୀ କହିଥିଲେ ଯେ ଖଣିଜ ଇନ୍ଧନ ଉପରେ ନିର୍ଭରଶୀଳତା ଦେଶକୁ ଅର୍ଥନୈତିକ ସ୍ତରରେ ଦୁର୍ବଳ କରୁଥିବା ବେଳେ ପରିବେଶଜନିତ ସମସ୍ୟା ସୃଷ୍ଟି କରୁଛି । ତେଲ କିଣାରେ ଭାରତ ବର୍ଷକୁ ୨୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଛି । ସେ କହିଥିଲେ ଯେ ନିକଟରେ ଜିଏସ୍ଟିରେ ହୋଇଥିବା ସଂସ୍କାର ପ୍ରଭାବରେ ବିଭିନ୍ନ ଗାଡ଼ିର ଦାମ୍ କମିଛି । ସବୁ କମ୍ପାନି ସେମାନଙ୍କ ବିଭିନ୍ନ ମଡେଲର ଦାମ୍ କମ୍ କରିଛନ୍ତି । ସେ ସୂଚନା ଦେଇଥିଲେ ଯେ ପରିବହନ ମନ୍ତ୍ରୀ ଭାବେ କାମ କରିବା ଲାଗି ତାଙ୍କୁ ଯେତେବେଳେ ସୁଯୋଗ ମିଳିଥିଲା, ସେହି ସମୟରେ ଦେଶର ଅଟୋମୋବାଇଲ୍ ବଜାର ୧୪ ଲକ୍ଷ କୋଟି ଟଙ୍କା ଥିଲା । ବର୍ତ୍ତମାନ ତାହା ୨୨ ଲକ୍ଷ କୋଟି ଟଙ୍କାକୁ ବଢିଛି । ଇଥାନଲ୍ ସମ୍ପର୍କରେ ଆଲୋଚନା କରି ଗଡ଼କରୀ କହିଛନ୍ତି ଯେ ମକାରୁ ଇଥାନଲ ଉତ୍ପାଦନ କରି ଚାଷୀମାନେ ଅତିରିକ୍ତ ୪୫,୦୦୦ କୋଟି ଟଙ୍କା ଆୟ କରିପାରିଛନ୍ତି । ନିକଟରେ ଇଥାନଲ୍ ମିଶା ପେଟ୍ରୋଲ ବିକ୍ରିକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ।ସେହି ପେଟ୍ରୋଲ ଦ୍ୱାରା ଗାଡ଼ିର ଯନ୍ତ୍ରାଂଶ ଖରାପ ହେଉଥିବା ଅଭିଯୋଗ ହୋଇଥିଲା । ସରକାର କିନ୍ତୁ ସେହି ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି ।ଏନେଇ କୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ମଧ୍ୟ ଖାରଜ ହୋଇଯାଇଛି ।


## ଆମେରିକୀୟ ପ୍ରତିନିଧି ଦଳ ସହ ମତବିନିମୟ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ୱାଲ୍ଟର ରସେଲ୍ ମେଡ୍‌ଙ୍କ ନେତୃତ୍ୱାଧୀନ ଆମେରିକୀୟ ବିଚାରକ ଏବଂ ବ୍ୟବସାୟ ନେତୃବର୍ଗଙ୍କର ଏକ ପ୍ରତିନିଧି ଦଳ ସହ ମତବିନିମୟ କରିଛନ୍ତି ।ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ କରିବା ଏବଂ ବିଶ୍ୱ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଦୁଇ ଦେଶର ଭାଗିଦାରୀକୁ ଆଗେଇ ନେବା ଲାଗି ସେମାନଙ୍କର ଯୋଗଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି "ୱାଲ୍ଟର ରସେଲ୍ ମେଡ୍‌ଙ୍କ ନେତୃତ୍ୱାଧୀନ ଆମେରିକୀୟ ବିଚାରକ ଏବଂ ବ୍ୟବସାୟ ନେତୃବର୍ଗଙ୍କର ଏକ ପ୍ରତିନିଧି ଦଳ ସହ ମତବିନିମୟ କରିବା ଖୁସିର ବିଷୟ ।ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ କରିବା ଏବଂ ବିଶ୍ୱ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଦୁଇ ଦେଶର ଭାଗିଦାରୀକୁ ଆଗେଇ ନେବା ଲାଗି ସେମାନଙ୍କର ଯୋଗଦାନ ମୂଲ୍ୟବାନ ।

## ବିକଶିତ ଭାରତ ବିଲ୍ଡଥନ୍ ୨୦୨୫

## ବିଦ୍ୟାଳୟସ୍ତରୀୟ ଉଦ୍ଭାବକଙ୍କ ଲାଗି ଦେଶବ୍ୟାପୀ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ:** ନୀତି ଆୟୋଗର ଅଟଳ ନବୋନ୍ମେଷ ମିଶନର ସହଭାଗିତାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଦେଶବ୍ୟାପୀ ଏକ ନୂତନ ଉଦ୍ଭାବନ ଅଭିଯାନ ବିକଶିତ ଭାରତ ବିଲ୍ଡାଥନ୍ ୨୦୨୫ ଆୟୋଜନ କରାଯାଉଛି ।ଏହି ସର୍ବବୃହତ ସ୍କୁଲ ହାକାଥନର ଲକ୍ଷ୍ୟ ହେଉଛି, ସ୍କୁଲ ସ୍ତରରେ ନବସୃଜନର ସଂସ୍କୃତିକୁ ସୁଦୃଢ଼ କରିବା, ଛାତ୍ରଛାତ୍ରୀମାନଙ୍କୁ ଚାରୋଟି ବିଷୟବସ୍ତୁ: ଆତ୍ମନିର୍ଭର ଭାରତ, ସ୍ୱଦେଶୀ, ଭୋକାଲ୍ ଫର୍ ଲୋକାଲ ଏବଂ ସମୃଦ୍ଧ ଭାରତ ଉପରେ ନୂଆ ଉପାୟ କିମ୍ବା ପ୍ରୋଟୋଟାଇପ୍ ନିର୍ମାଣ କରିବାକୁ ଉତ୍ସାହିତ କରିବା । ବିଲ୍ଡଥନର ଲକ୍ଷ୍ୟ ହେଉଛି ଆମ ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳତା ଏବଂ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିବା ଯାହା ଦ୍ୱାରା ସେମାନେ ଏକ ସମୃଦ୍ଧ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ପ୍ରମୁଖ ବାହକ ହୋଇପାରିବେ । ବିଲ୍ଡଥନ୍ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ ବ୍ୟବହାରିକ, ଅଭିଜ୍ଞତାମୂଳକ ଶିକ୍ଷା ପ୍ରଦାନ କରିବଛ ଏହା




ଆକାଂକ୍ଷୀ ଜିଲ୍ଲା, ଜନଜାତୀୟ ଏବଂ ଦୂରବର୍ତ୍ତୀ ଅଞ୍ଚଳ ଉପରେ ବିଶେଷ ଧ୍ୟାନ ଦେବା ସହିତ ସମାବେଶୀ ଭାଗିଦାରୀ ସୁନିଶ୍ଚିତ କରିବ । ଏହାର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ପଞ୍ଜୀକରଣ ଏବଂ ଅନ୍ତିମ ଆବେଦନ (ବିଚାର ଓ ପ୍ରୋଟୋଟାଇପ୍) ଲାଗି ଏକ ସମର୍ପିତ ଜାତୀୟ ପୋର୍ଟାଲ ପ୍ରସ୍ତୁତ କରାଯାଇଛି । ୩ରୁ ୫ ଛାତ୍ରଛାତ୍ରୀଙ୍କ ଏକ ଦଳ ବିଲ୍ଡଥନରେ ଭାଗ ନେବ ଏବଂ ଭିଡିଓ ରୂପରେ ଆବେଦନ (ବିଚାର ଓ ପ୍ରୋଟୋଟାଇପ୍) ଉପସ୍ଥାପନ କରିବେ ।

# ଆଇପିଏସ୍‌ଙ୍କ ସୁଇସାଇଟ୍ ନୋଟ୍‌ରେ ସାଂଘାତିକ ତଥ୍ୟ

**ଚଣ୍ଡିଗଡ଼:** ଘର ଭିତରେ ନିଜକୁ ନିଜେ ଗୁଳି କରି ଜୀବନ ହାରିଥିବା ହରିୟାଣାର ବରିଷ୍ଠ ଆଇପିଏସ ୱାଇ ପୂରନ କୁମାରଙ୍କୁ ନେଇ ବଡ଼ ଖବର ଆସିଛି। ମଙ୍ଗଳବାର ଚଣ୍ଡିଗଡ଼ର ସେକ୍ଟର ୧୧ ସ୍ଥିତ ବାସଭବନରୁ ପୂରନ କୁମାରଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ଘଟଣାର ତଦନ୍ତ ଚାଲିଥିବା ବେଳେ ଆତ୍ମହତ୍ୟା ପୂର୍ବରୁ ପୂରନ କୁମାର ଲେଖିଥିବା ୮ ପୃଷ୍ଠାର ଚିଠି ପୁଲିସ୍ ହାତରେ ଲାଗିଛି । ଏଥିରେ ତାଙ୍କୁ କେମିତି ବରିଷ୍ଠ ପୁଲିସ ଅଧିକାରୀମାନେ ମାନସିକ ନିର୍ଯାତନା ଦେଉଥିଲେ, ତା'ର ବିସ୍ତୃତ ତଥ୍ୟ ରହିଛି । ମାନସିକ ନିର୍ଯାତନା ସହି ନ ପାରି ପୂରନ କୁମାର ନିଜ ସର୍ଭିସ ବନ୍ଧୁକରୁ ଗୁଳି ଚଳାଇ ଆତ୍ମହତ୍ୟା କରିଥିଲା । ଘରର ବେସମେଣ୍ଟରୁ କୁମାରଙ୍କ ମୃତଦେହକୁ ପ୍ରଥମେ ତାଙ୍କ ଝିଅ ଠାବ କରିଥିଲେ ।

ପୂରନ କୁମାରଙ୍କ ପତ୍ନୀ ଜଣେ ଆଇଏଏସ୍



। ଘଟଣା ବେଳେ ସେ ସରକାରୀ କାମରେ ଜାପାନରେ ଗସ୍ତରେ ଥିଲେ । ଖବର ପାଇ ଆଜି ସେ ଭାରତ ଫେରିଛନ୍ତି । ଏସବୁ ଭିତରେ ପୁଲିସକୁ ୮ ପୃଷ୍ଠାର ଚିଠି ମିଳିଛି । ଗୋଟିଏ ଲାଞ୍ଚ ମାମଲାରେ ଆଇପିଏସ୍ କୁମାରଙ୍କ ନାଁ ଯୋଡ଼ି ହେବାରୁ ଏହାକୁ ନେଇ ସେ ଚିନ୍ତାରେ ଥିଲେ । ଜଣେ ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ଆଧାରରେ ତାଙ୍କ ନାଁକୁ ଲାଞ୍ଚ ମାମଲାରେ ଯୋଡ଼ା ଯାଇଥିଲା । ସୋମବାର ରୋହତକ ପୁଲିସ୍ ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ଆଧାରରେ ଗୋଟିଏ ଏଫଆଇଆର ରୁଜୁ କରିଥିଲା । କଣ୍ଟ୍ରାକ୍ଟର ଜଣଙ୍କ କହିଥିଲେ ଯେ ଆଇପିଏସ୍ ପୂରନ କୁମାରଙ୍କ ସହଯୋଗୀ ସୁଶୀଲ କୁମାର ତାଙ୍କୁ ଅଫିସରଙ୍କ ନାଁରେ ୨.୫ ଲକ୍ଷ ଟଙ୍କାର ଲାଞ୍ଚ ମାଗୁଛନ୍ତି । ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ପରେ ପୁଲିସ୍ ତୁରନ୍ତ ସୁଶୀଲ କୁମାରଙ୍କୁ ଗିରଫ କରିଥିଲା । ଏଥିସହ ଏଫଆଇଆରରେ ପୂରନ କୁମାରଙ୍କ ନାଁ ଯୋଡ଼ିଥିଲା । ତେବେ ଉକ୍ତ ଏଫଆଇଆର ଏଯାଏ ଅନଲାଇନରେ ଅପଲୋଡ ହୋଇନାହିଁ । ଏବେ ପୁଲିସ୍ ହାତରେ ଲାଗିଥିବା କୁମାରଙ୍କ ୮ ପୃଷ୍ଠାର ଚିଠରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ସେ କହିଛନ୍ତି । ଏହା ପଛରେ ଥିବା ୧୦ ଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କ ନାଁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛ ।

ଚିଠିରେ ସେ ଦାବି କରିଛନ୍ତି ଯେ ତାଙ୍କୁ ନିୟମିତ ଭାବେ ଅନେକ ବରିଷ୍ଠ ଅଧିକାରୀମାନେ ମାନସିକ ନିର୍ଯାତନା ଦେଇ ଚାଲିଥିଲେ । ସେମାନେ ମିଳିତ ଭାବେ ତାଙ୍କ ପୁଲିସ କ୍ୟାରିୟରକୁ ବରବାଦ କରିବାକୁ ଧମକ ଦେଇଥିଲେ । ବାରମ୍ବାର ସିନିୟରମାନେ ଏପରି କରୁଥିବାରୁ ଏହାକୁ ତାଙ୍କ ପକ୍ଷେ ସହିବା ଆଉ ସମ୍ଭବ ହେଉ ନଥିବା ମଧ୍ୟ ସେ ଚିଠିରେ ଲେଖିଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ସେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କୁ ଚିଠି ଲେଖି ଆଇପିଏସ୍ ଅଧିକାରୀଙ୍କୁ ମିଳୁଥିବା ପଦୋନ୍ନତି ଉପରେ ପ୍ରଶ୍ନ ଉଠାଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ଗାଇଡଲାଇନକୁ ଉଲ୍ଲଙ୍ଘନ କରି ପଦୋନ୍ନତି ଦିଆଯାଉଥିବା ମଧ୍ୟ ସେ କହିଥିଲେ ।ଏହାକୁ ନେଇ କିଛି ଆଇପିଏସ୍‌ଙ୍କ ସହ ତାଙ୍କର ତିକ୍ତତା ଲାଗି ରହିଥିଲା ।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଉନତ୍ରିଂଶତ୍ତମ ବିଶେଷାଙ୍କ

# ସଞ୍ଜୁଙ୍କ ପ୍ରତି ଅନ୍ୟାୟ ହେଉନି ତ ?



ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଭାରତୀୟ କ୍ରିକେଟର ସଞ୍ଜୁ ସାମସନ ୧୯ ବର୍ଷରୁ କମ ବିଶ୍ୱକପରୁ ଏପର୍ଯ୍ୟନ୍ତ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ତେବେ ଭାରତୀୟ ଦଳରେ ତାଙ୍କୁ ଉପଯୁକ୍ତ ସୁଯୋଗ ଦିଆଯାଉ ନାହିଁ। ଯାହାକୁ ନେଇ ସଞ୍ଜୁଙ୍କ କ୍ୟାରିୟର ଦୋଛକିରେ।୨୦୧୪ରେ୧୯ ବର୍ଷରୁ କମ ବିଶ୍ୱକପରେ ଭାରତର ପ୍ରଦର୍ଶନ ସନ୍ତୋଷଜନକ ରହିନଥିଲା। ଏହି ବିଶ୍ୱକପ ପରେ ଭାରତକୁ ଶ୍ରେୟାସ ଆୟର, କୁଲଦୀପ ଯାଦବ ଓ ସଞ୍ଜୁଙ୍କ ପରି ଖେଳାଳି ଭାରତକୁ ଖେଳାଳି ମିଳିଥିଲେ। ସଞ୍ଜୁଙ୍କ ବିସ୍ଫୋରକ ବ୍ୟାଟିଂ ସମସ୍ତ ଦୃଷ୍ଟି ଆକର୍ଷଣ କରିଥିଲା।ପୁରଣଙ୍କ ପରେ ସେ ଦ୍ୱିତୀୟ ସର୍ବାଧିକ ୧୩ ଛକା ମାରିଥିଲେ। ୨୦୧୩ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳିଥିଲେ। ଦୁଇଟି ସିଜନରେ ୨୪ ମ୍ୟାଚ ଖେଳିଥିଲେ। ଏଥିରେ ୨୨ଟି ଛକା ଓ ୪୪ଟି ଚୌକା ଥିଲା। ୨୦୧୫ରେ ଅନ୍ତର୍ଜାତୀୟ ଟି-୨୦ରେ ପଦାର୍ପଣ କରିଥିଲେ। ଜିମ୍ବାୱେ ଓ ଶ୍ରୀଲଙ୍କା ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ ଖେଳିଥିଲେ। ପୁଣି ୨୦୨୦ରେ ଆଇପିଏଲରେ ଭଲ ପ୍ରଦର୍ଶନ କରିବା ପରେ ତାଙ୍କୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପାଇଁ ସୁଯୋଗ ମିଳିଥିଲା। ଏହା ସତ୍ତ୍ୱେ ସେ ନିୟମିତ ସଦସ୍ୟ ହୋଇପାରିନଥିଲେ। ମହେନ୍ଦ୍ର ସିଂ ଧୋନିଙ୍କ ପରେ ରିଷଭ ପନ୍ତ ଓ ଲୋକେଶ ରାହୁଲଙ୍କୁ ଯେତିକି ସୁଯୋଗ ଦିଆଯାଇଛି, ସାମସନଙ୍କୁ ସେତିକି ସୁଯୋଗ ମିଳିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ରେ ପନ୍ତଙ୍କ ସହ ସଞ୍ଜୁଙ୍କୁ ନିଆଯାଇଥିଲା। ମାତ୍ର ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ବେଞ୍ଚରେ ବସିଥିଲେ। ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର କୋଚ ହେବା ପରେ ସଞ୍ଜୁଙ୍କୁ ଓପନି ସୁଯୋଗ ମିଳିଛି। ୫ ମାସ ମଧ୍ୟରେ ସେ ୩ଟି ଶତକ ମାରିଥିଲେ।

# ଦିନିକିଆ ଫୁଟ୍‌ବଲ : ବରାହିପୁର ଚାମ୍ପିଅନ

କଣ୍ଟାପଡା,୮।୧୦(ସବ୍ୟୁ): କଣ୍ଟାପଡାବ୍ଲକ ଅନ୍ତର୍ଗତ ପ୍ରାଚୀ ଏକାଡମୀ ଖେଳପଡିଆରେ ଅଡଶପୁର ମିଟୁ ମେଡିସିନଷ୍ଟୋର ତରଫରୁ ଦ୍ୱିତୀୟ ବର୍ଷ ଦିନିକିଆ ଫୁଟ୍‌ବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଚଳର ମୋଟ ୮ଗୋଟି ବଛାବଛା ଦଳ ଯଥା ବରାହିପୁର, ବିଲାସୁଣୀ, ମହିନୀପୁର, ସାଇଁସ, ବଜାରସାହି, ଗବସ୍ତ, ଦିଗୀ ଓ ଅଡଶପୁର ଦଳ ଭାଗ ନେଇଥିଲେ ।ସେମିଫାଇନାଲ୍‌ରେ ବରାହିପୁରସାଇଁସକୁ ୧-୦ ଗୋଲରେ ପରାସ୍ତ କରିଥିବା ବେଳେ ଅଡଶପୁର ଗବସ୍ତକୁ ଟ୍ରାଇବେକର ମାଧ୍ୟମରେ ୪-୨ ଗୋଲରେ ହରାଇ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲା । ଫାଇନାଲରେ ବରାହିପୁର ଓ ଅଡଶପୁର ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତାରେ ବରାହିପୁର ଅଡଶପୁରକୁ ୧-୦ ଗୋଲରେ ହରାଇ ଚଳିତ ବର୍ଷ ଚମ୍ପିୟାନ ଆକ୍ଷା ଅର୍ଜନ କରିଥିଲା ।

# ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା

# ବଲାଙ୍ଗୀରକୁ ୧୦, ଭୁବନେଶ୍ୱରକୁ ୩ ପଦକ

## କ୍ରୀଡା ସାମ୍ବାଦିକ ବିମଳ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୮।୧୦(ସବ୍ୟୁ): ଓଡ଼ିଶା ଅଶୀଚାଳନା ସଂଘ ଆନୁକୁଲ୍ୟରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ଅଶୀଚାଳନା ପ୍ରତିଯାଗିତା ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ବିଜୟ ଦାସ, ନୟନ ମହାନ୍ତି, ଅଜୟ କୁମାର ବେହେରା, କିଶୋର ବେହେରା, ଅଶୋକ କୁମାର ସାହୁ, ପ୍ରସନ୍ନ ରାଉତ, ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ୧୦ଟି ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

ବିଜୁ ପଟ୍ଟନାୟକ କ୍ରୀଡା ସାମ୍ବାଦିକ ପୁରସ୍କାରପ୍ରାପ୍ତ ବିମଳ କୁମାର ରାଉଳଙ୍କୁ ଅଶୀଚାଳନା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କୁ ଜାତୀୟ ଅଶୀଚାଳନା ସଂଘ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଉପକନିଷ୍ଠ ବାଳିକାବର୍ଗରେ ଇପି ଇଭେଣ୍ଟରେ ବଲାଙ୍ଗୀରର ଅଭିପ୍ସା ରାଣୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ହିମାଦ୍ରୀ ସୁନାନୀ ଦ୍ୱିତୀୟ, ସମ୍ବଲପୁରର ହର୍ଷିତା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସାବର ଇଭେଣ୍ଟରେ ବରନ୍ୟ ଗୌତମୀ ବରାଳ, ବଲାଙ୍ଗୀର ଆରୋଶୀ ସାହୁ, ପାୟଲ ବାରିକ ତୃତୀୟ ସ୍ଥାନରେ ରହିଛନ୍ତି। ଫଏଲବର୍ଗରେ ଭୁବନେଶ୍ୱର ପ୍ରଜ୍ଞାନ ମହାନ୍ତି ପ୍ରଥମ, ଇସି ପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟଓ ସାରିକା ପଟେଲ ତୃତୀୟସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗର ସାବର ଇଭେଣ୍ଟରେ ବଲାଙ୍ଗୀର କାହ୍ନା ଗଡତିୟା ପ୍ରଥମ ସ୍ଥାନ, ଆକାଶ ପ୍ରଧାନ ଦ୍ୱିତୀୟ, ସୌମ୍ୟ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇପି ଇଭେଣ୍ଟରେ ବଲାଙ୍ଗୀରର ବିଭୂତି ଶଙ୍କର ପଟେଲ ପ୍ରଥମ ସ୍ଥାନ ଦିବ୍ୟାଂଶୁ ହାହାଲିଆ ଦ୍ୱିତୀୟ ଏବଂ ରୁଦ୍ରାଂଶ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଦିନ ବଲାଙ୍ଗୀର ୧୦ଟି ପଦକ ଜିତିଥିବା ବେଳେ ଭୁବନେଶ୍ୱରକୁ ୩ଟି ପଦକ ସଫଳତା ମିଳିଛି।


# ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳକୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୮।୧୦(ସବ୍ୟୁ): ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳ ସପ୍ତମ ଜାତୀୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପରେ ଚାମ୍ପିଅନ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅତୁଳନୀୟ ଉତ୍ସାହ, ଶୃଙ୍ଖଳା ଏବଂ ଦଳଗତ କାର୍ଯ୍ୟ ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ଏହି ଦଳରେ ଥିବା ୩ ଜଣ ସଦସ୍ୟ ସଡକ ଦୁର୍ଘଟଣା ଯୋଗୁଁ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ଏହି ଉଲ୍ଲେଖନୀୟ ସଫଳତାକୁ ସମ୍ମାନ ଜଣାଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚାମ୍ପିଅନ୍ ଦଳର ସମସ୍ତ ସଦସ୍ୟ କୋଚ୍ ଓ ମେଣ୍ଟରଙ୍କୁ ସମ୍ମାନୀତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ଆୟୁକ୍ତ ଅମିତାଭ ଠାକୁର, କ୍ରୀଡା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ପ୍ରମୁଖ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳର ଅଧିନାୟକ ଗୌତମ ସିଂଙ୍କ ସମେତ ବିକ୍ରମାଦିତ ଜେନା, ପ୍ରଶାନ୍ତ ନାୟକ, ସୁଜିତ କୁମାର ନନ୍ଦ, ଆକାଶ ବନଛୋର, ଲିଟନ ସାହୁ, ସୁଧୀର ମଲ୍ଲିକ, ମୁରଲୀ ବେନିଆ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏନ୍ ସମ୍ପାଦକ କମଲାକାନ୍ତ ରଥ ଉପସ୍ଥିତ ଥିଲେ।

# ମହିଳା ବିଶ୍ୱକପ୍ :ପାକିସ୍ତାନର ହ୍ୟାଟ୍ରିକ୍ ପରାଜୟ

କଲମ୍ବୋ,୮।୧୦(ଏଜେନ୍ସି): ଚଳିତ ମହିଳା ଦିନିକିଆ ବିଶ୍ୱକପରେ ପାକିସ୍ତାନର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଲିଗ୍ ପର୍ଯ୍ୟାୟରେ ପାକିସ୍ତାନ ହ୍ୟାଟ୍ରିକ୍ ମ୍ୟାଚ ହାରିଛି। ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ପାକିସ୍ତାନ ୧୦୭ ରନ୍ ବ୍ୟବଧାନରେ ହାରିଯିବା ସହ ଏହି ଖରାପ ରେକର୍ଡର ଅଧିକାର ହୋଇଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ୱିକେଟ୍ ହରାଇ ୨୨୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୩୬.୩ ଓଭରରେ ୧୧୪ ରନ୍ କରି ଅଲଆଉଟ୍ ହୋଇଥିଲା। ୧୦୯ ରନର ଶତକୀୟ ଇନିଂସ ଖେଳିଥିବା ବେଥ ମୋନୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ୩ ମ୍ୟାଚରୁ ୫ ପଏଣ୍ଟ ସହ ଅଷ୍ଟ୍ରେଲିଆ ଟେବୁଲର ଶୀର୍ଷରେ ରହିଛି।




# ୧୪ରୁ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଭୁବନେଶ୍ୱର, ୮।୧୦(ସବ୍ୟୁ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ୟୁନିଟ୍-୧ ଫୁଟବଲ ଏକାଡେମୀ ଖେଳ ପଡ଼ିଆରେ ୩ୟ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ୧୪ ତାରିଖରେ ଉଦଘାଟନୀ ଏବଂ ୨୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଭାଗ ନେବେ। ଦଳ ଗୁଡିକ ହେଲେ ୟୁନିଟ୍-୧ ବାଳକ ବିଦ୍ୟାଳୟ, ୟୁନିଟ୍-୩ ବାଳକ ଉଚ୍ଚବିଦ୍ୟାଳୟ, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ବିକାଶ ରେସିଡେନସିଆଲ ସ୍କୁଲ (କଣ୍ଟାବାଡ), ଓଡିଏମ୍ ପବ୍ଲିକ୍ ସ୍କୁଲ (ଗଣ୍ଡରପୁର) ଏବଂ ଜଟଣୀ ହାଇସ୍କୁଲ। ଟୁର୍ଣ୍ଣାମେଣ୍ଟ ନକଆଉଟ୍ ପର୍ଯ୍ୟାୟରେ ଖେଳାଯିବ। ବିଜୟୀ ଦଳକୁ କପ୍ ସହ ୧୫ ହଜାର ଟଙ୍କା, ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା, ତୃତୀୟ ସ୍ଥାନ ଦଳକୁ ୭୦୦୦, ଚତୁର୍ଥ ସ୍ଥାନ ଦଳକୁ ୫୦୦୦ ଅର୍ଥ ରାଶି ଟଙ୍କା ଦିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ମ୍ୟାନ୍ ଅଫ୍ ଦ ମ୍ୟାଚ, ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ବୁଧବାର ସାମ୍ବାଦିକ ସମ୍ମିଳନୀରେ ସଭାପତି ନବରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଲାଇଟ୍ କମ୍ପାନୀ ପର୍ଯ୍ୟାବେକ୍ଷକ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିଆର ସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ କୁମାର ଦାସ, ଶ୍ରୀମନ୍ତ କୁମାର ମହାନ୍ତି, ମଧୁସୂଦନ ଦାସ, ମହେଶ୍ୱର ସିଂ, ପ୍ରଶାନ୍ତ ପ୍ରଧାନ, ପ୍ରଦୀପ କୁମାର ଦାସ, ଶଙ୍କର ପ୍ରତାପ ଦାସ, ବିଳାସ ଚନ୍ଦ୍ର ବେହେରା, ଅଶୋକ ରାଉତରାୟ ଓ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ପାଲଲହଡା କପ: ସେମିରେ ରାଉରକେଲା

ପାଲଲହଡା,୮।୧୦(ସବ୍ୟୁ): ଆଜିଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୩୭ତମ ପାଲଲହଡା କପର ଉଦଘାଟନୀ ମ୍ୟାଚ ବହୁ ରୋମାଂଚିତ ଓ ଚିତାକର୍ଷକ ଥିଲା !ଆଜିର ଏହି ଚିତାକର୍ଷକ ଉଦଘାଟନୀ ମ୍ୟାଚର ଖେଳ ଝାରସୁଗୁଡା ଜୟ ଯବାନ ଫୁଟବଲ କ୍ଲବ ଓ ରାଉରକେଲାୟଙ୍ଗ ବଏଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପୂର୍ଣ ମ୍ୟାଚଟି ଉଭୟ ଦଳର ଏକ ଏକ ଗୋଲରେ ଖେଳ ଅମୀମାଂଶିତ ଥିଲା !ଶେଷରେ ଟାଇବ୍ରେକର ଜରିଆରେ ରାଉରକେଲାୟଙ୍ଗ ବଏଜ କ୍ଲବ ଏକାଦଶ ଝାରସୁଗୁଡ଼ା ଜୟ ଯବାନ କ୍ଲବ ଏକାଦଶକୁ ଚାରି ଶୂନ ଗୋଲରେ ପରାସ୍ତ କରି ସିଧାସଳଖ ପ୍ରଥମ ସେମିଫାଇନାଲ ଖେଳିବାକୁ ଏକ ମାତ୍ର ଦଳ ଭାବେ ବିବେଚିତ ହୋଇଛି !ଆଜିର ଉଦଘାଟନୀ ମ୍ୟାଚକୁ ରାଜ୍ୟସ୍ତରୀୟ ଖ୍ୟାତନାମା ରେଫରୀ ଦିଲ୍ଲୀପ ରାଉତ ଓ ସୁଜିତ ପାତ୍ର ପରିଚାଳନା କରୁଥିବାବେଳେ ସେମାନଙ୍କୁ ସହାୟତା ପ୍ରଦାନ କରୁଥିଲେ ଅନ୍ୟତମ ରେଫରୀ ଶଶିକାନ୍ତ ଦାସିଆ ଓ ସନ୍ତୋଷ ମାଝୀ !ଆୟୋଜକ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପର୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଫୁଟବଲ ଆସୋସିଏସନର ସଭାପତି ତଥା ବରିଷ୍ଠ ବିଜେପି ନେତା ଅରୁଣ କୁମାର ସାହୁ ସ୍ଵ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠି, ବରିଷ୍ଠ ବିଜେପି ନେତା ତଥା ବିଧାୟକ ଙ୍କ ପ୍ରତିନିଧି ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ସାଂସଦ ଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାଶ, ପ୍ରାକ୍ତନ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ଙ୍କ ସମେତ କ୍ଲବର ସଭାପତି ନୀଳାମ୍ବର ପ୍ରଧାନ, ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲ ପ୍ରମୁଖ ଯୋଗଦେଇ ଖେଳର ଶୁଭ ଉଦଘାଟନ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ !




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି